ଧରିତ୍ରୀ 52 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୯/୨୦୨୫ (୧୨ ପୃଷ୍ଠା) Bhubaneswar, Tuesday, December 9/2025 Page 12 ₹ 7.00 | BALASORE
୫୨ଶ ଭାଗ ୧୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 16 ମୂଲ୍ୟ ₹୭/-

## ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଆଜି

କଟକ,୮।୧୨(ଅନାଦି କର)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମଙ୍ଗଳବାର ଐତିହାସିକ ବାରବାଟୀ ଷ୍ଟାଡିୟମରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଖେଳାଳିଙ୍କଠାରୁ ଆରମ୍ଭ କରି ପିଚ୍, ସୁରକ୍ଷା ବ୍ୟବସ୍ଥା ସମେତ ସବୁ ପ୍ରକାର ପ୍ରସ୍ତୁତି ଶେଷ। ଏବେ କେବଳ ଲଢ଼େଇକୁ ଅପେକ୍ଷା। ବାରବାଟୀରେ ଖୁବ କମ୍ ଅନ୍ତର୍ଜାତୀୟ ମ୍ୟାଚ ଖେଳାଯାଉଥିବାରୁ ଏହି ମ୍ୟାଚ୍ ଲାଗି ଦର୍ଶକମାନେ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଛନ୍ତି। ମ୍ୟାଚ୍ ଲାଗି ଦୁଇ ଦଳ ସୋମବାର ବାରବାଟୀ ଷ୍ଟାଡିୟମରେ ଦୀର୍ଘ ସମୟ ଧରି ଅଭ୍ୟାସ ମଧ୍ୟ କରିଛନ୍ତି।

ବାରବାଟୀ ଷ୍ଟାଡିୟମରେ ପ୍ରଥମ ଥର ପାଇଁ ନାଲି ମାଟିରେ ପିଚ୍ ପ୍ରସ୍ତୁତ କରାଯାଇଛି। ଏଥିସହିତ ମ୍ୟାଚ୍ ଆଗକୁ ବଢ଼ିବା ସହ କାକରର ପ୍ରଭାବ ମଧ୍ୟ ବୃଦ୍ଧି ପାଇବ। ଏଣୁ ମ୍ୟାଚ୍‌ଟି ହାଇସ୍କୋରିଂ ହେବ ବୋଲି ଆଶା କରାଯାଉଛି। ବାରବାଟୀରେ ଏପର୍ଯ୍ୟନ୍ତ ୩ଟି ଟି୨୦ ମ୍ୟାଚ୍ ଖେଳାଯାଇଛି। ପୂର୍ବରୁ ବାରବାଟୀ ଗ୍ରାଉଣ୍ଡରେ ଭାରତ ଓ ଦ.ଆଫ୍ରିକା ପରସ୍ପରକୁ ଦୁଇ ଥର ଭେଟିଥିବା ବେଳେ ଉଭୟ ଥର ଭ୍ରମଣକାରୀ ଦଳ ବାଜିମାତ୍ କରିଛି। ଏଣୁ ରେକର୍ଡ ସମ୍ପୂର୍ଣ୍ଣ ରୂପେ ଦ. ଆଫ୍ରିକା ସପକ୍ଷରେ ☞ପୃଷ୍ଠା-୪



ବାରବାଟୀ ଷ୍ଟାଡିୟମରେ ସୋମବାର ଭାରତୀୟ ଦଳର ନେଟ୍ସ ସେସନରେ ବୋଲିଂ କରୁଛନ୍ତି ଯଶପ୍ରୀତ୍ ବୁମ୍‌ରା। **(ଫଟୋ: ରାଜକିଶୋର ମହାନ୍ତି)**

# କେନ୍ଦ୍ରୀୟ ଅନୁଦାନ କମିଛି ୪ହଜାର କୋଟି: ବିରୋଧୀ

■ ୫୦ବର୍ଷ ଯାଏ ହଟିବୁନି: ଶାସକ ■ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଲୋଚନା

**ଓଡ଼ିଶାରେ ଭାଜପା ସରକାର ଗଠନ ହେବା ପରେ ରାଜ୍ୟକୁ ଅଧିକ ଅନୁଦାନ ମିଳିବ ବୋଲି ରାଜ୍ୟବାସୀ ଆଶା ରଖିଥିଲେ। ହେଲେ ବାସ୍ତବକ୍ଷେତ୍ରରେ ତାହା ପ୍ରତିଫଳିତ ହେଉନାହିଁ। ବିଜେଡି ସରକାର ସମୟରେ ରାଜ୍ୟକୁ ଯେତିକି କେନ୍ଦ୍ରୀୟ ଅନୁଦାନ ମିଳୁଥିଲା ତାହାଠାରୁ ଏବେ କମ୍ ମିଳୁଛି ବୋଲି ବିରୋଧୀମାନେ ଅଭିଯୋଗ କରୁଛନ୍ତି। ପୂର୍ବବର୍ଷ(୨୦୨୩-୨୪)ତୁଳନାରେ ଗତ ୮ ମାସରେ ୧୮ପ୍ରତିଶତ ଅର୍ଥାତ୍ ୪ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ କମ୍ ମିଳିଛି ବୋଲି କହି ସୋମବାର ବିଧାନସଭାରେ ବିରୋଧୀ ସଦସ୍ୟମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।**

ଭୁବନେଶ୍ୱର,୮।୧୨(ରବିନାରାୟଣ ଜେନା)

କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ଓଡ଼ିଶାକୁ ଡବଲ ଫାଇଦା ହେବା କଥା, ମାତ୍ର ବିଜେଡି ସରକାର ସମୟରେ ରାଜ୍ୟକୁ ଯେତିକି ଅନୁଦାନ ମିଳୁଥିଲା ତାହାଠାରୁ ଏବେ କମ୍ ପରିମାଣର ମିଳୁଛି। ଗତ ୮ମାସରେ ୧୮ପ୍ରତିଶତ ଅର୍ଥାତ୍ ୪ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ କମ୍ ରାଜ୍ୟ ପାଇଛି। ଏଥିରେ ରାଜ୍ୟର ବିକାଶ କିଭଳି ହେବ। ସରକାର କେବଳ ଋଣ କରି ଘିଅ ଖାଇବାକୁ ବାହାରିଛନ୍ତି। ରାଜସ୍ୱ ଅଭାବରୁ ଖୋଲା ବଜାରରୁ ସରକାର ୯୧ହଜାର କୋଟି ଋଣ କରିଛନ୍ତି। ଏଭଳି ବିକାଶ ହେଲେ ୨୦୦୦ ପୂର୍ବରୁ ରାଜ୍ୟରେ ଯେଭଳି ବିକଳ ଅର୍ଥନୀତି ଥିଲା ପୁଣି ସେହି ଅବସ୍ଥା ସୃଷ୍ଟି କାହିଁକି ନ ହେବ ବୋଲି କହି ବିରୋଧୀ ବିଜେଡି ଓ କଂଗ୍ରେସ ସୋମବାର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଲୋଚନା କାଳରେ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ଶାସକଦଳ ଏହାର ଦୃଢ଼ ଜବାବ ରଖି କହିଛି, ପୂର୍ବର ୨୪ବର୍ଷର ବିଜେଡି ସରକାର କେବଳ ଠିକାଦାର ପ୍ରୀତି ଦେଖାଇ ଓଡ଼ିଶାକୁ ଲୁଟ୍ କରୁଥିଲା, ହେଲେ ଏବେ ବିକାଶ କ'ଣ ରାଜ୍ୟବାସୀ ଦେଖିବେ ବୋଲି ସଦସ୍ୟମାନେ କହିଥିଲେ।

ବିଧାନସଭାରେ ସୋମବାର ମଧ୍ୟାହ୍ନ ୧୨ଟା ୧୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୭ହଜାର ୪୪୦କୋଟି ଟଙ୍କାର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଗତ କରି ଗୃହରେ ପାରିତ କରିବାକୁ ସମସ୍ତ ସଦସ୍ୟଙ୍କ ସହଯୋଗ ଲୋଡ଼ିଥିଲେ। ଏହାପରେ ବିରୋଧୀ ଦଳ ସଦସ୍ୟ ଅରୁଣ ସାହୁ ଆଲୋଚନା ଆରମ୍ଭ କରି ସରକାରଙ୍କୁ ପ୍ରଶ୍ନବାଣରେ ଛନ୍ଦିଥିଲେ। ସେ ରାଜ୍ୟରେ ବଢ଼ି ଚାଲିଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାଠାରୁ ଆରମ୍ଭ କରି ଦୁର୍ନୀତି, ଏସ୍ଆଇ ଚାକିରି ଦୁର୍ନୀତି, ବାଲେଶ୍ୱର, ବଳଙ୍ଗା, ଗୋପାଳପୁର, ମାଲକାନଗିରି ପ୍ରଭୃତି ସ୍ଥାନରେ ଆତ୍ମହତ୍ୟା ଓ ନାରୀ ନିର୍ଯାତନା, ମାନବଚାଲାଣ, ପୂର୍ବତନ ରାଜ୍ୟପାଳଙ୍କ ପୁଅ ମାରିଥିବା ମାଡ଼, ଜେଲରୁ କଏଦୀ ଚମ୍ପଟ, ଆମେରିକା ସରକାରଙ୍କ ଦ୍ୱାରା ଜାରି ଆଡ୍‌ଭାଇଜରୀ, ପୋଲିସ ହେପାଜତରୁ ୩୯ଜଣ ଫେରାର, କଟକରେ ଦଙ୍ଗା, ପୁରୀରେ ରଥଯାତ୍ରାବେଳେ ଦଳାଚକଟା ମୃତ୍ୟୁ ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ଚାକିରି, ଦାଦନ, ଚାଷୀଙ୍କ କ୍ଷେତ୍ରରେ ସରକାରଙ୍କ ଚରମ ବିଫଳତା କାହିଁକି ବୋଲି ପ୍ରଶ୍ନ କରିଥିଲେ। ଆଲୋଚନାରେ ଭାଗନେଇ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ସରକାରଙ୍କ ଅତିରିକ୍ତ ବଜେଟ ମାୟାଜାଲ ପରି ଲାଗୁଛି। ☞ପୃଷ୍ଠା-୪

## ମ୍ୟାନେଜର ଦିଲ୍ଲୀରୁ ଗିରଫ, ଲୁଥ୍ରା ଭ୍ରାତା ଫେରାର

### ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ,୮।୧୨

ଉତ୍ତର ଗୋଆର ନାଇଟ୍ କ୍ଲବ୍‌ରେ ଶନିବାର ମଧ୍ୟରାତ୍ରିରେ ପର୍ଯ୍ୟଟକମାନେ ସପ୍ତାହାନ୍ତ ମଉଜରେ ମସ୍‌ଗୁଲ ଥିବାବେଳେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ନାଇଟ୍ କ୍ଲବ୍‌ର ୨୦ କର୍ମଚାରୀ ଓ ୫ ପର୍ଯ୍ୟଟକ ଥିଲେ। ନାଇଟ୍ କ୍ଲବ୍‌ରେ ଆବଶ୍ୟକ ସୁରକ୍ଷା ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିଲା। ଏହି ମାମଲାରେ ପୋଲିସ ନାଇଟ୍ କ୍ଲବ୍‌ର ଜଣେ ମ୍ୟାନେଜରଙ୍କୁ ସୋମବାର ଦିଲ୍ଲୀରୁ ଗିରଫ କରିଛି। ଭରତ ନାମକ ଉକ୍ତ ମ୍ୟାନେଜର ନାଇଟ୍ କ୍ଲବ୍‌ର ଦୈନନ୍ଦିନ ପରିଚାଳନା ବୁଝୁଥିଲେ। ତାଙ୍କ ସମେତ ସୋମବାର ସୁଦ୍ଧା ୫ ଜଣ ଅଭିଯୁକ୍ତ ଗିରଫ ହୋଇଥିବାବେଳେ ନାଇଟ୍ କ୍ଲବ୍‌ର ମାଲିକ ସୌରଭ ଲୁଥ୍ରା ଫେରାର ଅଛନ୍ତି। ସେ ଏକ ସୋସିଆଲ ମିଡିଆ ପୋଷ୍ଟରେ ଅଗ୍ନିକାଣ୍ଡରେ ଲୋକଙ୍କ ଜୀବନ ଯାଇଥିବାରୁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଏଥିସହିତ ମୃତକମାନଙ୍କ ପରିବାରକୁ ସବୁପ୍ରକାର ସହାୟତା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସୌରଭଙ୍କ ସମେତ ତାଙ୍କ ଭାଇ ତଥା ଗୌରବଙ୍କ ☞ପୃଷ୍ଠା-୪

# କଲେଜରେ ଛୁରାମାଡ଼, ଛାତ୍ର ଗୁରୁତର

**ଛାତ୍ର ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ, ମାର୍‌ପିଟ, ଆକ୍ରମଣ ଘଟଣା ଶିକ୍ଷାନୁଷ୍ଠାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟିକରୁଛି। ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ମହଲରେ ଘୋର ଅସନ୍ତୋଷ ଦେଖାଦେଉଛି, ଯାହା ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣକୁ ନଷ୍ଟ କରୁଛି। ଯଦିଓ ଶିକ୍ଷାନୁଷ୍ଠାନରେ ଏସବୁ କାର୍ଯ୍ୟକଳାପକୁ ନିୟନ୍ତ୍ରଣ ଲାଗି ପ୍ରିନ୍ସିପାଲ, ବରିଷ୍ଠ ଅଧ୍ୟାପିକା, ଅଧ୍ୟାପକମାନେ ହସ୍ତକ୍ଷେପ କରିଥାନ୍ତି। କିନ୍ତୁ ଏଭଳି ଘଟଣା ଥମିବାର ନାଁ ଧରୁନି। ଏହି କ୍ରମରେ ସୋମବାର ମୟୂରଭଞ୍ଜ ଜିଲା କୁଳିଅଣାର ବାଇଗଣବାଡ଼ିଆସ୍ଥିତ ବାବାବଳିଆ କଲେଜରେ ଦୁଇ ଯୁକ୍ତ-୨ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ନେଇଛି। ଜଣେ ଛାତ୍ରଙ୍କ ଛୁରାମାଡ଼ରେ ଅନ୍ୟ ଜଣେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଆକ୍ରମଣକାରୀ ଛାତ୍ରଙ୍କୁ ପୋଲିସ ଅଟକ ରଖିଛି।**

ବାରିପଦା/କୁଳିଅଣା,୮।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ/ଆଦିକନ୍ଦ ସାହୁ)

### ପ୍ରେମ ବ୍ୟାପାରକୁ ନେଇ ଚର୍ଚ୍ଚା

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ବାଇଗଣବାଡ଼ିଆସ୍ଥିତ ବାବା ବଳିଆ (ବିବି) ମହାବିଦ୍ୟାଳୟରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଦୁଇ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ଘଟି ଛୁରା ମାଡ଼ରେ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ଗୁରୁତର ଛାତ୍ର ଜଣକ ହେଲେ କୁଳିଅଣା ଥାନା ଅଧୀନ ତିଳକଗଡ଼ିଆ ଗ୍ରାମର ପ୍ରହ୍ଲାଦ ବିନ୍ଧାଣି(୧୭)। ସେ ଉକ୍ତ କଲେଜର ଯୁକ୍ତ ୨ ବାଣିଜ୍ୟ ବିଭାଗର ଛାତ୍ର। କଲେଜ କର୍ତ୍ତୃପକ୍ଷ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ବାରିପଦାସ୍ଥିତ ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଯୁକ୍ତ ୨ କଳା ବିଭାଗର ଛାତ୍ର ଜଣକ ବାରିପଦା ସଦର ଥାନା ଅଞ୍ଚଳର। ପୋଲିସ ତାଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଥିବା ବେଳେ ବ୍ୟବହୃତ ଛୁରିକୁ ଜବତ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୨୦୮/୨୫) ରୁଜୁ ହୋଇଛି। ପ୍ରେମ ବ୍ୟାପାରକୁ ନେଇ ଏହି ଛୁରାମାଡ଼ ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।

ପୋଲିସ ସୂଚନା ଅନୁଯାୟୀ, ୨ ଛାତ୍ରଙ୍କ ମଧ୍ୟରେ କିଛି ଦିନ ହେଲା ତିକ୍ତତା ଲାଗିରହିଥିଲା। ସୋମବାର ମଧ୍ୟାହ୍ନ ୧୨ଟା୩୦ ମିନିଟ ସମୟରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଯୁକ୍ତ ୨ କଳା ବିଭାଗର ଛାତ୍ର ଜଣକ ଏକ ଛୁରିରେ ପ୍ରହ୍ଲାଦଙ୍କ ପେଟକୁ ଭୁସିଦେବାରୁ ତାଙ୍କ ଅନ୍ତବୁଜୁଳା ପଦାକୁ ବାହାରି ଆସିଥିଲା। କଲେଜ କର୍ତ୍ତୃପକ୍ଷ ଆକ୍ରମଣକାରୀ ଛାତ୍ରଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ବାରିପଦା ସଦର ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ଓ ତଦନ୍ତକାରୀ ଅଫିସର ଏସ୍ଆଇ ପ୍ରକାଶ କୁମାର ଗୋସ୍ୱାଇଁ ସଦଳବଳ ପହଞ୍ଚି ଆକ୍ରମଣକାରୀଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଥିବା ସୂଚନା ମିଳିଛି।

# ମାଲକାନଗିରି: ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍, ମଦଦୋକାନ ବନ୍ଦ

### ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା

### ଏମ୍‌ଭି-୨୬ରେ ଜାଳିଦେଲେ ୫୦ ଘର, ପୋଲିସ ଛାଉଣି

ମାଲକାନଗିରି/କୋରୁକୋଣ୍ଡା,୮।୧୨
(ଦୁର୍ଯ୍ୟୋଧନ ପାତ୍ର/ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ଗୁଡ଼ାମେଟଲା ନଦୀ ନିକଟରୁ ଜଣେ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣା ପରେ ଉତ୍ତେଜନା ତୀବ୍ର ହେବାରେ ଲାଗିଛି। ଏହାକୁ ନେଇ ରାଖେଲଗୁଡ଼ା ଏବଂ ଏମ୍‌ଭି -୨୬ ଗ୍ରାମ ମଧ୍ୟରେ ଚାପା ଉତ୍ତେଜନା ଲାଗି ରହିଛି। ରବିବାର ଜିଲାପାଳଙ୍କ ସହ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣାଧୀନ କରିଥିବା ବେଳେ ସୋମବାର ପୁଣି ଉତ୍ତେଜନା ବଢ଼ିଛି। ଗୋଟିଏ ଗୋଷ୍ଠୀର ଲୋକ ରାଖେଲଗୁଡ଼ା ନଦୀକୂଳରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏକତ୍ରିତ ହୋଇଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ମାଲକାନଗିରି ସଦର ମହକୁମାରେ ☞ପୃଷ୍ଠା-୪

## ବିଧାନସଭା ସରଗରମ

ଭୁବନେଶ୍ୱର,୮।୧୨(ରବିନାରାୟଣ ଜେନା)

ମାଓପ୍ରବଣ ମାଲକାନଗିରି ଜିଲାରେ ସରକାରଙ୍କ ଅବହେଳାରୁ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି ବୋଲି ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ସରକାରଙ୍କୁ ଟାର୍ଗେଟ କରାଯାଇଛି। ବିଧାନସଭାରେ ସୋମବାର ଶୂନ୍ୟକାଳରେ ବିରୋଧୀଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଛନ୍ତି, ମାଲକାନଗିରିରେ କିଛିଦିନ ମଧ୍ୟରେ ☞ପୃଷ୍ଠା-୪



ଏମ୍‌ଭି-୨୬ ଗାଁରେ ଆନ୍ଦୋଳନକାରୀ ଜଣଙ୍କ ଘରେ ନିଆଁ ଲଗାଇଦେଇଛନ୍ତି।

### ଆଜିର ସମ୍ପାଦକୀୟ

## ନେହେରୁ ନୁହେଁ, ଭବିଷ୍ୟତକୁ ଦେଖ

# ୪୨ବର୍ଷ ପରେ ମନ୍ଦିରକୁ ଫେରିବ ବିରଳ ପ୍ରାଚୀନ ମୂର୍ତ୍ତି

ସୋନପୁର,୮।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଗୋପାଳଜୀ ମନ୍ଦିରରୁ ଚୋରି ହୋଇ ଦୀର୍ଘ ୪୨ବର୍ଷ ସିବିଆଇ ମାଲଖାନାରେ ଥିବା ୧୨ ବିରଳ ପ୍ରାଚୀନ ମୂର୍ତ୍ତି ପୁଣି ମନ୍ଦିରକୁ ଫେରିବ। ସୋମବାର ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଏଡିଜେ-୩ କୋର୍ଟଙ୍କ ରାୟ ପରେ ମୂର୍ତ୍ତି ଫେରିବା ଆଶା ଉଜ୍ଜୀବିତ ହୋଇଛି। ବିଚାରପତି ହିମାଂଶୁ ମଲ୍ଲିକ ଏ ସମ୍ପର୍କରେ ରାୟ ପ୍ରଦାନ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସୁବର୍ଣ୍ଣପୁର ଜିଲାରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

ସୋନପୁର ରାଜଉଆସର ଠିକ୍ ସମ୍ମୁଖରେ ଗୋପାଳଜୀ ମନ୍ଦିର ଅବସ୍ଥିତ। ରାଜ ପରିବାରର ଇଷ୍ଟଦେବତା ହେଉଛନ୍ତି ଶ୍ରୀଗୋପାଳଜୀ ଠାକୁର। ଦେଶ ସ୍ୱାଧୀନ ହେଲା ପରେ ରାଜ ଶାସନ ଅବସାନ ପରେ ମନ୍ଦିରଗୁଡ଼ିକର ଦାୟିତ୍ୱ ସରକାର ନେଇଥିଲେ। ତେବେ ୧୯୮୨ ମସିହାରେ ମନ୍ଦିରରୁ ବହୁମୂଲ୍ୟ ପ୍ରାଚୀନ ରାଧା, ଗୋପାଳଜୀ, ଗରୁଡଙ୍କ ସମେତ ୯ଗାଟି ପାର୍ଶ୍ୱ ଦେବତା ଏପରି ମୋଟ ୧୨ମୂର୍ତ୍ତି ଚୋରି ହୋଇଥିଲା। ସେହିବର୍ଷ ଦିଲ୍ଲୀ ବିମାନ ବନ୍ଦରଠାରେ ସିବିଆଇ ଦ୍ୱାରା ଚୋର ଧରାପଡିଥିଲେ। ଚାନ୍ଦିନିଚୌକର ଫତେପୁରୀ ନିକଟରୁ ସିବିଆଇ ମୂର୍ତ୍ତିଗୁଡ଼ିକ ଜବତ କରିଥିଲା। ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବା ନେଇ ମାମଲା ରୁଜୁ ହୋଇଥିଲା। ସୁବର୍ଣ୍ଣପୁର ଗୋପାଳଜୀ ମନ୍ଦିରରୁ ଚୋରି ମୂର୍ତ୍ତିଗୁଡ଼ିକ ଚିହ୍ନଟ ହୋଇଥିଲା। ମୂର୍ତ୍ତିଗୁଡ଼ିକ ସେବେଠାରୁ ଭୁବନେଶ୍ୱରସ୍ଥିତ ସିବିଆଇ ମାଲଖାନାରେ ଆସି ରହିଥିଲା। ବିଭିନ୍ନ ସମୟରେ ଏସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଉଦ୍ୟମ ହେଉ ନ ଥିଲା। ମନ୍ଦିର କମିଟି ପକ୍ଷରୁ ମୂର୍ତ୍ତିଗୁଡ଼ିକୁ ସ୍ୱମନ୍ଦିରକୁ ଫେରାଇ ଆଣିବା ପାଇଁ ଉଦ୍ୟମ ହୋଇଥିଲା। ☞ପୃଷ୍ଠା-୪

### ଉଦ୍ଧାର ପରେ ସିବିଆଇ ମାଲଖାନାରେ ରହିଛି




ସୁବର୍ଣ୍ଣପୁର ଗୋପାଳଜୀ ମନ୍ଦିର

# ଓଡ଼ିଶା ଯୋଜନାକୁ ସୀମାନ୍ତବର୍ତ୍ତୀ ୭ ଗାଁର ବର୍ଜନ ନିଷ୍ପତ୍ତି

**ଓଡ଼ିଶା ସୀମାନ୍ତବର୍ତ୍ତୀ କେତେକ ଅଞ୍ଚଳକୁ ନିଜର ଦର୍ଶାଇବା ପାଇଁ ଆନ୍ଧ୍ରପ୍ରଦେଶ ସରକାର ଦୀର୍ଘବର୍ଷ ହେଲା ଅନେକ ଷଡ଼ଯନ୍ତ୍ର କରିଆସୁଛନ୍ତି। ଏହାର ବହୁ ଉଦାହରଣ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତରେ ଦେଖିବାକୁ ମିଳିଛି। ବର୍ତ୍ତମାନ ଆନ୍ଧ୍ର ସରକାରଙ୍କ ଏଜେଣ୍ଟମାନେ କୋଟିଆ ପଞ୍ଚାୟତ ଅଧୀନ ୭ ଗ୍ରାମର ଲୋକଙ୍କୁ ମେଳି କରି ଓଡ଼ିଶା ବିରୋଧୀ ମନୋଭାବ ସୃଷ୍ଟି କରିବା ପାଇଁ ଏକ ବଡ଼ ଷଡ଼ଯନ୍ତ୍ର ଚଳାଇଛନ୍ତି। ସେହି ଏଜେଣ୍ଟମାନଙ୍କ କଥାରେ ପଡ଼ି ୭ ଗ୍ରାମର ଲୋକେ ଓଡ଼ିଶାର ସରକାରୀ ଯୋଜନା ଗ୍ରହଣ ନ କରିବାକୁ ସୋମବାର ଏକ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଏନେଇ ବ୍ଲକ ଓ ଜିଲା ପ୍ରଶାସନ ଅବଗତ ଥିଲେ ମଧ୍ୟ କୌଣସି ତତ୍ପରତା ଦେଖିବାକୁ ମିଳିନାହିଁ।**

ପଟ୍ଟାଙ୍ଗି,୮।୧୨(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ କୋଟିଆ ପଞ୍ଚାୟତ ଫାଟୁସିନେରୀ ଗ୍ରାମ ନିକଟ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଏକ ସ୍ଥାନରେ ୭ ଗ୍ରାମର ମୁଖିଆ ଓ ଗ୍ରାମବାସୀ ଏକତ୍ର ହୋଇ ସୋମବାର ଏକ ବୈଠକ କରିଛନ୍ତି। ଓଡ଼ିଶାର ସମସ୍ତ ସରକାରୀ ଯୋଜନା ଗ୍ରହଣ ନ କରିବାକୁ ଏଥିରେ ନିଷ୍ପତ୍ତି ନିଆଯାଇଛି। ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ଏ କ୍ଷେତ୍ରରେ କୌଣସି ଆଗ୍ରହ ପ୍ରକାଶ କରି ନ ଥିବା ଜଣାପଡ଼ିଛି।

ଆନ୍ଧ୍ର ସରକାରଙ୍କ ଏଜେଣ୍ଟମାନଙ୍କ ନେତୃତ୍ୱରେ ଫାଟୁସିନେରୀ, ଫଗୁଣସିନେରୀ, ସଲପଗୁଡ଼ା, ହରମାଣ୍ଡାଙ୍ଗି, କଣାଦୋରା, ତଳଗଞ୍ଜେଇପଦର ଓ ଢୋଲିଆମ୍ବ ଆଦି ଗ୍ରାମର ମୁଖିଆ ଓ ଗ୍ରାମବାସୀ ଏକତ୍ର ହୋଇଛନ୍ତି। ନଭେମ୍ବର ୨୫ରେ ଆନ୍ଧ୍ରର କୃଷି ବିଭାଗର କେତେଜଣ ଅଧିକାରୀଙ୍କ ଦ୍ୱାରା ହରମାଣ୍ଡାଙ୍ଗି, ଫାଟୁସିନେରୀ ଓ ଢୋଲିଆମ୍ବ ଆଦି ଗ୍ରାମରେ ହେଉଥିବା ସର୍ଭେକୁ ପଟ୍ଟାଙ୍ଗି

### ଆନ୍ଧ୍ରର ଚକ୍ରାନ୍ତ

ବ୍ଲକ୍ ପ୍ରଶାସନ ବନ୍ଦକରି ସର୍ଭେ କାଗଜକୁ ଜବତ କରିଥିଲା। ଏହାକୁ ବୈଠକରେ ବିରୋଧ କରାଯାଇଛି। ଓଡ଼ିଶା ପକ୍ଷରୁ ଯୋଗାଇ ଦିଆଯାଉଥିବା ସମସ୍ତ ଯୋଜନା ତଥା ଶିକ୍ଷା, ଭତ୍ତା ଆଦି ବ୍ୟବସ୍ଥାକୁ ଗ୍ରହଣ ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଫାଟୁସିନେରୀ ଗ୍ରାମ ନିକଟ ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଲାଗିଥିବା ଓଡ଼ିଶାର ନାମଫଳକକୁ ଭାଙ୍ଗିଦେଇ ଘୋର ପ୍ରତିବାଦ କରାଯାଇଥିଲା। ବୈଠକ କରିବା ପୂର୍ବରୁ ଫାଟୁସିନେରୀରେ ଅବସ୍ଥିତ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟକୁ ଅଭିଭାବକମାନେ କୌଣସି ପିଲାଙ୍କୁ ଛାଡ଼ି ନ ଥିଲେ। ଏହି ସ୍କୁଲକୁ ପିଲାଙ୍କୁ ନ ଛାଡ଼ିବାକୁ ଆନ୍ଧ୍ରର ଏଜେଣ୍ଟମାନେ ସେମାନଙ୍କୁ ବୁଝାଇଲେ। ଗ୍ରାମବାସୀଙ୍କ ବୈଠକ ନେଇ ସ୍ଥାନୀୟ ବ୍ଲକ୍ ପ୍ରଶାସନ ଅବଗତ ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିଲା।

ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତ ସୀମାନ୍ତ ଉପରସେମ୍ଳି ଗ୍ରାମରେ ଓଡ଼ିଶା ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ଆରମ୍ଭ କରାଯାଇଥିଲା। ଓଡ଼ିଶାର ଏହି ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟକୁ ଗ୍ରାମବାସୀ ପିଲାମାନଙ୍କୁ ପଠାଇବା ବନ୍ଦ କରିଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ମଧ୍ୟ ବାରଣ କରାଯାଇଛି। ତେବେ ସ୍ଥାନୀୟ ବ୍ଲକ୍ ପ୍ରଶାସନ ପକ୍ଷରୁ ବନ୍ଦ ଥିବା ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟ ଖୋଲିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି। ଅଙ୍ଗନୱାଡି କର୍ମୀ ଓ ଶିକ୍ଷକ ନିୟମିତ ଗ୍ରାମରେ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା ଜାରି ରଖିଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ପଟ୍ଟାଙ୍ଗି ବିଡିଓ ରାମକ୍ରିଷ୍ଣା ନାୟକଙ୍କୁ ପଚାରିବାରୁ ଘଟଣା ବିଷୟରେ ଅବଗତ ଅଛି। ଏ ନେଇ ଜିଲା ପ୍ରଶାସନଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ଏ ବିଷୟରେ ଜିଲାପାଳ ମନୋଜ ସତ୍ୟବାନ ☞ପୃଷ୍ଠା-୪

## ସଂକ୍ଷେପରେ

### ଜାପାନରେ ୭.୬ ତୀବ୍ରତାର ଭୂକମ୍ପ

**ସୁନାମି ସତର୍କ ସୂଚନା ଜାରି**

ଟୋକିଓ,୮।୧୨

ଜାପାନ ଉପକୂଳରେ ସୋମବାର ୭.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର ପ୍ରଭାବରେ ରାତି ୧୧ଟା ୪୦ ସୁଦ୍ଧା ୩ ମିଟର ଉଚ୍ଚର ସୁନାମି ଆସିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆଓମୋରି ସହର ନିକଟ ହୋକୋଇଡୋ ଉପକୂଳକରେ ସମୁଦ୍ର ପତ୍ତନଠାରୁ ପ୍ରାୟ ୫୦ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି କୁହାଯାଉଛି। ଭୂକମ୍ପ ସମୟରେ ଗାଡ଼ିଗୁଡ଼ିକ ଦୋହଲୁଥିବା ଏବଂ ଲୋକେ ଭୟରେ ଘରୁ ବାହାରି ଆସୁଥିବାର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି।

### ସାଂଘାଇରେ ଭାରତର ଅତ୍ୟାଧୁନିକ କନ୍‌ସୁଲେଟ୍ ବିଲ୍ଡିଂ ଉଦ୍‌ଘାଟିତ

ବେଜିଂ,୮।୧୨

ଭାରତ ଓ ଚାଇନା କୂଟନୈତିକ ସମ୍ପର୍କରେ ୭୫ତମ ବର୍ଷ ପାଳନ କରୁଥିବାବେଳେ ସାଂଘାଇରେ ଭାରତ ରବିବାର ବାଣିଜ୍ୟିକ ଦୂତାବାସର ନୂଆ ଅତ୍ୟାଧୁନିକ ବିଲ୍ଡିଂ ଉଦ୍‌ଘାଟନ କରିଛି। ସାଂଘାଇରେ ୩୨ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଭାରତର କନ୍‌ସୁଲେଟ୍ କାର୍ଯ୍ୟାଳୟ ଠିକଣା ବଦଳିଛି। ଚାଙ୍ଗ୍‌ନିଙ୍ଗ୍ ଜିଲାର ଡାଉନିଂ ସେଣ୍ଟରରେ ନିର୍ମିତ ଏହି ନୂଆ ଚାନସେରି ବିଲ୍ଡିଂ ୧,୪୩୬.୬୩ ବର୍ଗମିଟର ଅଞ୍ଚଳରେ ଅବସ୍ଥିତ, ଯାହା ପୁରୁଣା କନ୍‌ସୁଲେଟ୍ ବିଲ୍ଡିଂର ୨ ଗୁଣ।

### ବାଘ ଆତଙ୍କ: ଉତ୍ତରାଖଣ୍ଡର ୪୫ ସ୍କୁଲ ବନ୍ଦ

ଡେରାଡୁନ୍,୮।୧୨

ଉତ୍ତରାଖଣ୍ଡର ପୌରି ଜିଲାରେ କଲରାପତରିଆ ବାଘ ଆତଙ୍କ ଯୋଗୁ ୪୫ ସ୍କୁଲକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ଉକ୍ତ ସ୍କୁଲଗୁଡ଼ିକର ପିଲାମାନଙ୍କୁ ଅନ୍‌ଲାଇନ ମୋଡ୍‌ରେ ପାଠପଢ଼ା ଯାଉଛି। ଜିଲାର ଜନବସତି ଅଞ୍ଚଳରେ କିଛିଦିନ ହେଲା ଗୋଟିଏ କଲରାପତରିଆ ବୁଲୁଥିବାରୁ ଲୋକେ ଭୟରେ ରହୁଥିଲେ। ଗତ ସପ୍ତାହରେ ବାଘଟି ଜଣେ ଲୋକଙ୍କୁ ମାରିଦେବା ପରେ ଭୟ ଆହୁରି ବଢ଼ିଯାଇଛି।

### ବାହାବଲପୁରରେ ଜୈଶ, ଲଶ୍କର ଆତଙ୍କବାଦୀଙ୍କ ସଭା

ନୂଆଦିଲ୍ଲୀ,୮।୧୨

ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର ମୁଖ୍ୟାଳୟ ଥିବା ପାକିସ୍ତାନର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ବାହାବଲପୁରଠାରେ ବହୁ ସଂଖ୍ୟାରେ ଜୈଶ ଏବଂ ଲଶ୍କର-ଇ-ତୋଇବା ଆତଙ୍କବାଦୀ ଏକାଠି ହୋଇ ସଭା କରିଥିବା ଗୋଇନ୍ଦା ସୂତ୍ରରୁ ଜଣାପଡ଼ିଛି। ଏଥିରେ ଉଭୟ ସଂଗଠନରୁ ବହୁସଂଖ୍ୟାରେ ଆତଙ୍କବାଦୀ ଯୋଗ ଦେଇଥିଲେ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନାର ଅପରେଶନ ସିନ୍ଦୂର ବେଳେ ବାହାବଲପୁର ଆତଙ୍କବାଦୀ ଶିବିର ଧ୍ୱଂସ ହୋଇଥିଲା। ଏବେ ସେଠାରେ ଆତଙ୍କବାଦୀମାନେ ଏକାଠି ହୋଇଥିବାରୁ ଭାରତ ବିରୋଧରେ ବଡ଼ ଆକ୍ରମଣ ଯୋଜନା କରୁଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।




ମୁମ୍ବାଇର ଗେଟ୍‌ୱେ ଅଫ୍ ଇଣ୍ଡିଆଠାରେ ନ୍ୟାଭି ଡେ' ବିଟିଙ୍ଗ୍ ରିଟ୍ରିଟ୍ ଓ ଟାଟୁ ଉତ୍ସବ ପୂର୍ବରୁ ସୋମବାର ନୌସେନା ଯବାନମାନେ ରିହର୍ସାଲରେ ଭାଗ ନେଇଛନ୍ତି।

## କାଗଜକଲମରେ ପରୀକ୍ଷା ପାଇଁ ସଂସଦୀୟ କମିଟିର ସୁପାରିସ

ନୂଆଦିଲ୍ଲୀ,୮।୧୨(ପି.ଟି.)


ପ୍ରବେଶିକା ପରୀକ୍ଷାଗୁଡ଼ିକରେ ପ୍ରଶ୍ନପତ୍ର ଲିକ୍ ଭଳି ସମସ୍ୟା ଲାଗିରହିଥିବାରୁ ସଂସଦୀୟ କମିଟି ଉଦ୍‌ବେଗ ପ୍ରକାଶ କରିଛି। ଅନ୍ୟପକ୍ଷରେ ବହୁବର୍ଷ ହେଲା ସିବିଏସ୍‌ଇ ଏବଂ ୟୁପିଏସ୍‌ସି ଭଳି ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌ରୁ ମୁକ୍ତ ରହିଥିବାରୁ କାଗଜକଲମରେ ପରୀକ୍ଷା କରାଇବା ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି କମିଟି ସୁପାରିସ କରିଛି। ଗତବର୍ଷ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)ର ପ୍ରଦର୍ଶନ ଆତ୍ମବିଶ୍ୱାସକୁ ଯଥେଷ୍ଟ ପ୍ରେରିତ କରି ନ ଥିବା କମିଟି କହିଛି।

କଂଗ୍ରେସ ଏମ୍‌ପି ଦିଗ୍‌ବିଜୟ ସିଂଙ୍କ ଅଧକ୍ଷତାରେ ଗଠିତ କମିଟି ଉଲ୍ଲେଖ କରିଛି, କେବଳ ୨୦୨୪ରେ ଏନ୍‌ଟିଏ ଦ୍ୱାରା ୧୪ଟି ପ୍ରତିଯୋଗିତାମୂଳକ ପରୀକ୍ଷା କରାଯାଇଥିଲା। ସେଥିରୁ ଅନ୍ୟୂନ ୫ଟି ବଡ଼ ଧରଣର ସମସ୍ୟାର ସମ୍ମୁଖୀନ ହୋଇଥିଲା। ଫଳରେ ୟୁଜିସି-ନେଟ୍, ସିଏସ୍‌ଆଇଆର୍-ନେଟ ଏବଂ ଏନ୍‌ଇଇଟି-ପିଜି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ଏନ୍‌ଇଇଟି-ୟୁଜି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହୋଇଥିବାବେଳେ ସିୟୁଇଟି (ୟୁଜି/ପିଜି)ରେ ଫଳାଫଳ ସ୍ଥଗିତ ରହିଥିଲା। ସେହିପରି ଚଳିତ ବର୍ଷ ଜାନୁଆରୀରେ ଅନୁଷ୍ଠିତ ଜେଇଇ ମେନ୍ ପରୀକ୍ଷାରେ ୧୨ଟି ପ୍ରଶ୍ନରେ ତ୍ରୁଟି ଥିବାରୁ ସେଗୁଡ଼ିକୁ ପ୍ରତ୍ୟାହାର କରିନିଆଯାଇଥିଲା ବୋଲି କମିଟି ଏହାର ରିପୋର୍ଟରେ କହିଛି। ଏଭଳି ଘଟଣା ବ୍ୟବସ୍ଥା ଉପରେ ପରୀକ୍ଷାର୍ଥୀମାନଙ୍କ ଆତ୍ମବିଶ୍ୱାସକୁ ଅନୁପ୍ରାଣିତ କରୁ ନ ଥିବା ଶିକ୍ଷା, ମହିଳା ଓ ଶିଶୁ ଏବଂ ଯୁବ ଓ କ୍ରୀଡ଼ା ସମ୍ପର୍କିତ ସ୍ଥାୟୀ କମିଟି ରିପୋର୍ଟରେ କୁହାଯାଇଛି। ତେଣୁ ଏନ୍‌ଟିଏ ତୁରନ୍ତ ସେଗୁଡ଼ିକୁ ସୁଧାରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ, ଯେପରି ଭବିଷ୍ୟତରେ ଏଭଳି ସମସ୍ୟା ଦେଖାଦେବ ନାହିଁ ବୋଲି କମିଟି ସୁପାରିସ କରିଛି। ପରୀକ୍ଷା ବ୍ୟବସ୍ଥାକୁ ସୁରକ୍ଷିତ କରିବାକୁ ହେଲେ କାଗଜ କଲମରେ ପରୀକ୍ଷା ଉପରେ ଅଧିକ ଧ୍ୟାନ ଦିଆଯିବା ଆବଶ୍ୟକ। ଏନ୍‌ଟିଏ ଏହି ମଡେଲକୁ ଅନୁଧ୍ୟାନ କରି କାର୍ଯ୍ୟକାରୀ କରିବାକୁ କମିଟି କହିଛି।

# ଲୋକ ସଭାରେ ବନ୍ଦେ ମାତରମ୍ ବିତର୍କ

**ଗାନ୍ଧିଜୀଙ୍କ ଇଚ୍ଛାକୁ ବଦଳାଇଥିଲା କଂଗ୍ରେସ: ମୋଦି**

**ପ୍ରଧାନମନ୍ତ୍ରୀ ଇତିହାସ ବଦଳାଇବାକୁ ଚାହୁଁଛନ୍ତି: କଂଗ୍ରେସ**





ଲୋକ ସଭାରେ ବନ୍ଦେ ମାତରମ୍ ବିତର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଭାଗ ନେଇଛନ୍ତି।

ନୂଆଦିଲ୍ଲୀ,୮।୧୨(ପି.ଟି.)

ସାମାଜିକ ସୌହାର୍ଦ୍ଦ୍ୟ ନାମରେ କଂଗ୍ରେସ ଜାତୀୟ ଗାନ ବନ୍ଦେ ମାତରମ୍‌ଙ୍କୁ ଖଣ୍ଡ ଖଣ୍ଡ କରିଦେଇଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅଭିଯୋଗ କରିଛନ୍ତି। ଏହି ଦଳ ଏବେ ବି ତୁଷ୍ଟୀକରଣ ରାଜନୀତି କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଲୋକ ସଭାରେ ବିତର୍କ ଆରମ୍ଭ କରି ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କୁ ଟାର୍ଗେଟ କରିଛନ୍ତି। ବନ୍ଦେ ମାତରମ୍ ଗାନ ମୁସଲମାନମାନଙ୍କୁ କ୍ରୋଧିତ କରିବ ପ୍ରସ୍ତାବରେ ନେହେରୁ ରାଜି ହୋଇଥିଲେ ବୋଲି ସୁଭାଷ ଚନ୍ଦ୍ର ବୋଷଙ୍କ ନିକଟକୁ ଲେଖିଥିବା ପତ୍ରରୁ ଜଣାପଡ଼ିଛି। ଲକ୍ଷ୍ନୌରେ ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ବିକ୍ଷୋଭ ପରେ ନେହେରୁ ଏହି ପତ୍ର ଲେଖିଥିଲେ। ପରେ ବନ୍ଦେ ମାତରମ୍ ଗାନ ବ୍ୟବହାର କରାଯିବା ଉପରେ ସମୀକ୍ଷା ପାଇଁ କଂଗ୍ରେସର ଏକ ଅଧିବେଶନ ବଙ୍ଗରେ ଡକାଯାଇଥିଲା। ଏହା ସତ୍ତ୍ୱେ ବନ୍ଦେ ମାତରମ୍ ସହ କଂଗ୍ରେସ ସାଲିସ କରିଥିଲା ଏବଂ ସାମାଜିକ ସୌହାର୍ଦ୍ଦ୍ୟ ନାମରେ ଏହାକୁ ଭାଗ ଭାଗ କରିଦିଆଯାଇଥିଲା, ଇତିହାସ ଯାହାର ସାକ୍ଷୀ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତୁଷ୍ଟୀକରଣ ରାଜନୀତିର ଚାପରେ କଂଗ୍ରେସ ଏପରି କରିଥିଲା। ଏହି କାରଣରୁ କଂଗ୍ରେସ ଦେଶ ବିଭାଜନ ଦାବି ନିକଟରେ ମୁଣ୍ଡ ନୁଆଁଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଆହୁରି ଦର୍ଶାଇଛନ୍ତି, ବନ୍ଦେ ମାତରମ୍ ଏତେ ଲୋକପ୍ରିୟ ହୋଇଯାଇଛି ଯେ ଜାତୀୟ ସଙ୍ଗୀତ ହେବାକୁ ଯାଉଛି ବୋଲି ମହାତ୍ମା ଗାନ୍ଧୀ ୧୯୦୫ରେ ଲେଖିଥିଲେ। ତେବେ ଏହା ପ୍ରତି କାହିଁକି ଅନ୍ୟାୟ କରାଗଲା ବୋଲି ସେ ବିବ୍ରତ ହୋଇଥିଲେ। ବନ୍ଦେ ମାତରମ୍ ଉପରେ ମହାତ୍ମା ଗାନ୍ଧୀଙ୍କ ଇଚ୍ଛାକୁ ବଦଳାଇଦେବା ପାଇଁ କେଉଁ ଚାପ ଏତେ ଶକ୍ତିଶାଳୀ ଥିଲା ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ସେହିପରି ବିତର୍କରେ ଭାଗନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ବନ୍ଦେ ମାତରମ୍‌ର ନିଷ୍ପକ୍ଷ ମୂଲ୍ୟାୟନ କରିବାର ସମୟ ଆସିଛି। ସମ୍ପୂର୍ଣ୍ଣ ଗାନ ଏବଂ 'ଆନନ୍ଦ ମଠ' ପୁସ୍ତକ କଦାପି ମୁସଲମାନ ବିରୋଧୀ ନ ଥିଲା, ବରଂ ବେଙ୍ଗଲ ନବାବ ଏବଂ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଥିଲା। କଂଗ୍ରେସର ତୁଷ୍ଟୀକରଣ ରାଜନୀତି ଭାରତକୁ ଭାଗ ଭାଗ କରାଇଲା ବୋଲି ରାଜନାଥ ଅଭିଯୋଗ କରିଛନ୍ତି।

ବିତର୍କରେ ଭାଗନେଇ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଛି। ପ୍ରଧାନମନ୍ତ୍ରୀ ଇତିହାସର ପୁନର୍ଲିଖନ କରିବାକୁ ଉଦ୍ୟମ କରିବା ସହ ବନ୍ଦେ ମାତରମ୍ ବିତର୍କକୁ ରାଜନୈତିକ ରୂପ ଦେଉଛନ୍ତି ବୋଲି ଲୋକ ସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇ ଅଭିଯୋଗ କରିଛନ୍ତି। ଭାଜପା ଯେତେ ଚେଷ୍ଟା କଲେ ମଧ୍ୟ ନେହେରୁଙ୍କ ଅବଦାନ ଉପରେ ଗୋଟିଏ ବି ଦାଗ ଲଗାଇପାରିବ ନାହିଁ ବୋଲି ସେ କହିଛନ୍ତି। କଂଗ୍ରେସ ବନ୍ଦେ ମାତରମ୍‌କୁ ଜାତୀୟ ଗାନ ମାନ୍ୟତା ଦେଇଛି, ତାହା ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ପ୍ରସଙ୍ଗରେ ନେହେରୁ ଏବଂ କଂଗ୍ରେସର ନାଁ ନେବା ପ୍ରଧାନମନ୍ତ୍ରୀଙ୍କର ଅଭ୍ୟାସ ବୋଲି ଗୋଗୋଇ କହିଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଆଲୋଚନାରେ ଭାଗନେଇ କହିଛନ୍ତି, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଆଗକୁ ଥିବାରୁ ଲୋକମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକରୁ ଦୃଷ୍ଟି ଏଡ଼ାଇବା ପାଇଁ କେନ୍ଦ୍ର ସରକାର ବନ୍ଦେ ମାତରମ୍ ଉପରେ ବିତର୍କ କରାଉଛନ୍ତି। ମୋଦିଙ୍କ ଆତ୍ମବିଶ୍ୱାସ ହ୍ରାସ ପାଇବା ସହ ତାଙ୍କ ନୀତିଗୁଡ଼ିକ ଦେଶକୁ ଦୁର୍ବଳ କରିଦେଇଥିବା ପ୍ରିୟଙ୍କା କହିଛନ୍ତି। ଭାଜପା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରୁଛି। ଯେଉଁମାନେ ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ, ସରକାର ସେମାନଙ୍କ ବିରୋଧରେ ସାନି ଅଭିଯୋଗ ଆଣିବା ପାଇଁ ଏହି ବିତର୍କକୁ ବ୍ୟବହାର କରୁଥିବା ୱାୟନାଡ୍ ଏମ୍‌ପି ଅଭିଯୋଗ କରିଛନ୍ତି।

ସେହିପରି ସମାଜବାଦୀ ପାର୍ଟି ଅଧକ୍ଷ ଅଖିଲେଶ ଯାଦବ ଭାଜପାକୁ ସମାଲୋଚନା କରି କହିଛନ୍ତି, ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ନ ଥିଲେ, ସେମାନେ ଏବେ ବନ୍ଦେ ମାତରମ୍‌ର ମୂଲ୍ୟବୋଧ ଉପରେ ଆଲୋଚନା କରୁଛନ୍ତି। ଜଣକର ବିଶ୍ୱାସକୁ ଅନ୍ୟମାନଙ୍କ ଉପରେ ଲଦିଦେବା ପାଇଁ ଜାତୀୟ ଗାନକୁ ଅସ୍ତ୍ର ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ ବୋଲି ଅଖିଲେଶ କହିଛନ୍ତି। ଡିଏମ୍‌କେ ସାଂସଦ ଏ. ରାଜା କହିଛନ୍ତି, ମୁସଲମାନମାନଙ୍କୁ ବାଦ୍ ଦେବା ଲକ୍ଷ୍ୟରେ ବନ୍ଦେ ମାତରମ୍‌କୁ ଉପସ୍ଥାପନ କରାଯାଇଥିବାର ଐତିହାସିକ ଦସ୍ତାବିଜରୁ ଜଣାପଡ଼ିଛି। ଏହି ଗୀତକୁ ନେଇ ବିବାଦ ସମ୍ପ୍ରଦାୟ ଦ୍ୱାରା କରାଯାଇ ନ ଥିଲା, ବରଂ ଏହାକୁ 'କେବଳ ହିନ୍ଦୁ' ସଙ୍ଗୀତ ଭାବେ ପ୍ରସ୍ତୁତ କରିଥିବା ଲୋକଙ୍କ ଦ୍ୱାରା ହୋଇଥିଲା ବୋଲି ରାଜା କହିଛନ୍ତି।

## କାର୍ଯ୍ୟରୁ ମୁକ୍ତି ପାଇଁ ମୃତଦେହକୁ ଫିଙ୍ଗିଦେଲା ୟୁପି ପୋଲିସ

ମୀରଟ,୮।୧୨

ଉତ୍ତରପ୍ରଦେଶ ପୋଲିସ କାର୍ଯ୍ୟରୁ ବର୍ତ୍ତିବା ପାଇଁ ଏକ ମୃତଦେହକୁ ଅନ୍ୟ ଫାଣ୍ଡି ଅଞ୍ଚଳରେ ଫିଙ୍ଗିଦେବା ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ମୀରଟର ଲୋହିୟାନଗର ଅଞ୍ଚଳରେ ଶୁକ୍ରବାର ସକାଳେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଦୋକାନୀ ଭୟଭୀତ ହୋଇଯାଇଥିଲେ। ସିସିଟିଭି ଫୁଟେଜ୍ ଯାଞ୍ଚ କରାଯିବାରୁ କେତେଜଣ ପୋଲିସ କର୍ମଚାରୀ ବିଳମ୍ବିତ ରାତିରେ ଉକ୍ତ ମୃତଦେହକୁ ଆଣି ଦୋକାନ ସମ୍ମୁଖରେ ଫିଙ୍ଗି ପଳାଉଥିବା ଦେଖାଯାଇଥିଲା। ମୀରଟ ଏସ୍‌ଏସ୍‌ପି ବିପିନ ଟାଡା ଏଲ୍-ବ୍ଲକ୍ ଫାଣ୍ଡି ଭାରପ୍ରାପ୍ତ ଅଧିକାରୀ ଜିତେନ୍ଦ୍ର କୁମାର ଏବଂ କନ୍‌ଷ୍ଟେବଲ ରାଜେଶଙ୍କୁ ନିଲମ୍ବନ କରିବା ସହ ହୋମ୍‌ଗାର୍ଡ ରୋହତାଶଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ସିଟି ଏସ୍‌ପି ଆୟୁଷ ବିକ୍ରମ ସିଂଙ୍କ ନେତୃତ୍ୱରେ ଅଭିଯୋଗ ଅନୁଯାୟୀ, ଗୁରୁବାର ରାତିରେ ଏଲ୍-ବ୍ଲକ୍ ଫାଣ୍ଡି ଅଞ୍ଚଳରେ ଅପରିଚିତ ଯୁବକଙ୍କ ମୃତଦେହ ମିଳିବା ପରେ ବ୍ୟବଚ୍ଛେଦ ପ୍ରକ୍ରିୟା ଓ ଅନ୍ୟାନ୍ୟ କାର୍ଯ୍ୟରୁ ମୁକ୍ତି ପାଇବା ପାଇଁ ସମ୍ପୃକ୍ତ ଫାଣ୍ଡିର ପୋଲିସ ମୃତଦେହକୁ ରାତାରାତି ଅନ୍ୟ ଏକ ଫାଣ୍ଡି ଅଞ୍ଚଳ କାଜିପୁରରେ ଥିବା ଏକ ଦୋକାନ ଆଗରେ ଫିଙ୍ଗିଦେଇଥିଲେ।

## କାମ୍ବୋଡିଆ ସୀମାରେ ଥାଇଲାଣ୍ଡର ଏୟାରଷ୍ଟ୍ରାଇକ୍

ବ୍ୟାଙ୍କକ୍,୮।୧୨

କାମ୍ବୋଡିଆର ବିବାଦୀୟ ସୀମାରେ ଥାଇଲାଣ୍ଡ ଏୟାରଷ୍ଟ୍ରାଇକ୍ କରିଥିବା ଥାଇ ମନ୍ତ୍ରଣାଳୟ ସୋମବାର କହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମାକୁ ଉଭୟ ଉଲ୍ଲଂଘନ କରିଥିବା ନେଇ ପରସ୍ପରକୁ ଦୋଷାରୋପ କରିଛନ୍ତି। ସାନି ସଂଘର୍ଷରେ ଥାଇଲାଣ୍ଡର ଜଣେ ସୈନ୍ୟ ନିହତ ହେବା ସହ ୪ ଜଣ ଆହତ ହୋଇଛନ୍ତି। ପୂର୍ବଭାଗରେ ଥିବା ଉବୋନ୍ ରାଚ୍‌ଥାନି ପ୍ରଦେଶର ୨ଟି ସ୍ଥାନରେ ସଂଘର୍ଷ ଘଟିଥିଲା ବୋଲି ଥାଇଲାଣ୍ଡ ସେନା ପକ୍ଷରୁ କୁହାଯାଇଛି। ଏହାର ଜବାବ ଦେବାକୁ ଯାଇ ଥାଇଲାଣ୍ଡ କାମ୍ବୋଡିଆର ବିଭିନ୍ନ ଅଞ୍ଚଳକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରିଛି। ଅନ୍ୟପକ୍ଷରେ କାମ୍ବୋଡିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ରବିବାର ଦିନ ତମାମ ଉତ୍ତେଜନା ଲାଗିରହିବା ପରେ ଭୋର ସମୟରେ ଥାଇଲାଣ୍ଡ ୨ଟି ସୀମାନ୍ତ ଅଞ୍ଚଳରେ ଆକ୍ରମଣ କରିଥିଲା। ତେବେ କାମ୍ବୋଡିଆ ସୈନ୍ୟ ପ୍ରତିଆକ୍ରମଣ କରିନାହାନ୍ତି। ଥାଇଲାଣ୍ଡ ସେନା କହିବା ଅନୁଯାୟୀ, କାମ୍ବୋଡିଆ ସୈନ୍ୟ ଥାଇଲାଣ୍ଡର ଜନବସତି ଅଞ୍ଚଳକୁ ଟାର୍ଗେଟ କରି ବିଏମ୍-୨୧ ରକେଟ ମାଡ଼ କରିଥିଲା। ଏଥିରେ କେତେଜଣ ମୃତାହତ ହୋଇଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ସୂଚନାଯୋଗ୍ୟ, ଗତ ଜୁଲାଇରେ ଦୁଇ ପଡୋଶୀ ଦେଶ ମଧ୍ୟରେ ୫ ଦିନ ସଂଘର୍ଷ ଲାଗିରହିବା ସହ ଅନେକ ସୈନ୍ୟ ଓ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ। ଆକ୍ରମଣ ବନ୍ଦ ପାଇଁ ଟ୍ରମ୍ପ ମଧ୍ୟସ୍ଥତା କରିଥିଲେ ମଧ୍ୟ ଉତ୍ତେଜନା ଜାରି ରହିଛି।

## ବଳାତ୍କାର ମାମଲାରେ ଅଭିନେତା ଦିଲୀପ ଦୋଷମୁକ୍ତ

କୋଚି,୮।୧୨



**ରାୟ ବିରୋଧରେ ଅପିଲ୍ କରିବେ କେରଳ ସରକାର**

୨୦୧୭ରେ ମାଲୟାଲମ ଚଳଚ୍ଚିତ୍ରର ଜଣେ ଅଭିନେତ୍ରୀଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ଅଭିନେତା ଦିଲୀପଙ୍କୁ ଏର୍ନାକୁଲମ୍ ଡିଷ୍ଟ୍ରିକ୍ଟ ଓ ପ୍ରିନ୍ସିପାଲ ସେସନ୍ସ କୋର୍ଟ ଦୋଷମୁକ୍ତ କରିଛନ୍ତି। ଉକ୍ତ ରାୟ ବିରୋଧରେ ଅପିଲ କରିବାକୁ କେରଳ ସରକାର ସୋମବାର ଘୋଷଣା କରିଛନ୍ତି। ରାଜ୍ୟ ଆଇନମନ୍ତ୍ରୀ ପି. ରାଜୀଭ କହିଛନ୍ତି, ସରକାର ପୀଡ଼ିତାଙ୍କ ପଛରେ ଦୃଢ଼ ଭାବେ ଛିଡ଼ାହେବେ ଏବଂ ତାଙ୍କୁ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରାଇବା ଲାଗି ସମସ୍ତ ଆବଶ୍ୟକ ଆଇନଗତ ପଦକ୍ଷେପ ନେବେ। ମୁଖ୍ୟ ଅଭିଯୁକ୍ତ ସୁନୀଲ ଏନ୍.ଏସ୍ ଓରଫ୍ ପୁଲସାର ସୁନିଙ୍କ ସମେତ ପ୍ରଥମରୁ ଷଷ୍ଠ ଅଭିଯୁକ୍ତଙ୍କୁ ଅଦାଲତ ଦୋଷୀସାବ୍ୟସ୍ତ କରିଥିବାବେଳେ ଉପଯୁକ୍ତ ପ୍ରମାଣ ଅଭାବରୁ ୭ମରୁ ୧୧ତମ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି। ଦିଲୀପ ଏହି ମାମଲାରେ ଅଷ୍ଟମ ଅଭିଯୁକ୍ତ ଥିଲେ। ରାୟ ପ୍ରକାଶ ପାଇବା ପରେ ଦିଲୀପ କହିଛନ୍ତି, ତାଙ୍କୁ ବଦନାମ କରିବା ସହ କ୍ୟାରିୟର ନଷ୍ଟ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର ଥିଲା।

ସୂଚନାଯୋଗ୍ୟ, ୨୦୧୭ ଫେବୃଆରୀ ୧୭ରେ ମାଲୟାଲମ ଚଳଚ୍ଚିତ୍ର ଶିଳ୍ପର ଜଣେ ଖ୍ୟାତନାମା ଅଭିନେତ୍ରୀଙ୍କୁ କେରଳର କୋଚି ନିକଟରେ ଅପହରଣ କରିନିଆଯାଇ ଚଳନ୍ତା କାର୍‌ରେ ବଳାତ୍କାର କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ୨୦ ବର୍ଷୀୟ ଅଭିନେତ୍ରୀ ବିଳମ୍ବିତ ରାତିରେ ଥ୍ରିସୁରରୁ କୋଚି ଫେରୁଥିବାବେଳେ ଗୋଟିଏ ଗାଡ଼ି ତାଙ୍କ କାର୍‌କୁ ପିଛା କରିଥିଲା। ୨ ଜଣ ବ୍ୟକ୍ତି ତାଙ୍କ କାର୍‌ରେ ପ୍ରବେଶ କରି ଡ୍ରାଇଭରଙ୍କୁ ଧମକ ଦେବା ସହ କୋଚି ଅଭିମୁଖେ ଚଲାଇବାକୁ କହିଥିଲେ। ଅଭିନେତ୍ରୀଙ୍କୁ କାର୍‌ରେ ୨ ଘଣ୍ଟା ପଣବନ୍ଦୀ ରଖାଯାଇ ଯୌନ ନିର୍ଯାତନା ଦିଆଯାଇଥିଲା। ଅପରାଧୀମାନେ ଅଭିନେତ୍ରୀଙ୍କୁ ବ୍ଲାକ୍‌ମେଲ୍ କରିବା ପାଇଁ ତାଙ୍କ ଫଟୋ ନେଇଥିଲେ। ପୀଡ଼ିତା ଅଭିନେତ୍ରୀ ନିର୍ଦ୍ଦେଶକଙ୍କ ଘରେ ପହଞ୍ଚିବା ପରେ ସେ ପୋଲିସକୁ ଜଣାଇଥିଲେ। ପୋଲିସ ତଦନ୍ତ କରି ଦିଲୀପଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଦିଲୀପ ଅପରାଧର ମାଷ୍ଟରମାଇଣ୍ଡ ଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା।

## ଫୁରସତ୍

### ରହସ୍ୟମୟ ସମୁଦ୍ର: ଯେଉଁଥିରେ କେହି କେବେ ବୁଡ଼ନ୍ତି ନାହିଁ

ପୃଥିବୀର ପ୍ରାୟ ୭୧ ପ୍ରତିଶତ ଅଞ୍ଚଳ ଜଳ ଆଚ୍ଛାଦିତ। ସେଥିରୁ ପ୍ରାୟ ୯୭ ପ୍ରତିଶତ ମହାସାଗରରେ ଲୁଣିଆ ପାଣି ରହିଛି। କେବଳ ତିନି ପ୍ରତିଶତ ପାଣି ମଧୁର ଏବଂ ଏହାର ଅଧିକାଂଶ ହିମବାହରେ ସଂରକ୍ଷିତ। ତେବେ ଏମିତି ଏକ ସମୁଦ୍ର ରହିଛି, ଯେଉଁଠି କେହି କେବେ ବୁଡ଼ନ୍ତି ନାହିଁ। ମୃତ ସାଗରକୁ ବିଶ୍ୱର ସବୁଠାରୁ ଲୁଣିଆ ସମୁଦ୍ର ବିବେଚନା କରାଯାଏ। ଏହାର ଲବଣାକ୍ତ ଘନତା ୩୪%। ତଥ୍ୟ ଅନୁସାରେ, ସାଧାରଣ ସମୁଦ୍ର ଜଳ ଅପେକ୍ଷା ଏହା ପ୍ରାୟ ଦଶ ଗୁଣ ଅଧିକ ଲୁଣିଆ। ମୃତ ସାଗରର କୌଣସି ବାହ୍ୟପଥ ନାହିଁ, ଯାହା ଫଳରେ ପ୍ରବାହିତ ପାଣି କେବେ ବାହାରକୁ ଯାଏ ନାହିଁ। ହଜାର ହଜାର ବର୍ଷ ଧରି ଏଥିରେ ଖଣିଜ ପଦାର୍ଥ ଜମା ହୋଇଆସୁଛି। ବିଶ୍ୱର ସବୁଠାରୁ ଲୁଣିଆ ସମୁଦ୍ର, ମୃତ ସାଗର, ପୂର୍ବରେ ଜୋର୍ଡାନ ଏବଂ ପଶ୍ଚିମରେ ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ଅବସ୍ଥିତ।



ଜଳର ବାଷ୍ପୀଭବନ ପାଣିରେ ସୋଡିୟମ କ୍ଲୋରାଇଡ, ମ୍ୟାଗ୍ନେସିୟମ, କ୍ୟାଲସିୟମ ଏବଂ ପୋଟାସିୟମ ପରି ଖଣିଜ ପଦାର୍ଥ ଛାଡୁଥିବାରୁ ଲବଣାକ୍ତତା ବୃଦ୍ଧି ପାଏ। ମୃତ ସାଗରର ଲୁଣିଆ ପାଣି ଅଧିକାଂଶ ସାମୁଦ୍ରିକ ଜୀବଙ୍କ ପାଇଁ ଅନୁପଯୁକ୍ତ। ମାଛ, ଉଦ୍ଭିଦ ଏବଂ ଶୈବାଳ ଏହି କଠୋର ପରିସ୍ଥିତିରେ ବଞ୍ଚିରହିପାରିବେ ନାହିଁ। ଏହି ସମୁଦ୍ରର ଲବଣାକ୍ତତା କୋଷରୁ ଆର୍ଦ୍ରତା ଶୋଷଣ କରେ। ମୃତ ସାଗରର ବୈଶିଷ୍ଟ୍ୟ ହେଉଛି ଏହାର ପାଣିରେ ଲୁଣର ପରିମାଣ ଏତେ ଅଧିକ ଯେ ଏଥିରେ ଶୋଇଲେ ବି ବୁଡ଼ିଯିବ ନାହିଁ।


### ଶୁଭାଙ୍ଗୀ ଦତ୍ତଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର

**ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ**

ନୂଆଦିଲ୍ଲୀ

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ଅଭିନେତ୍ରୀ ଶୁଭାଙ୍ଗୀ ଦତ୍ତଙ୍କୁ ସର୍ବଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ମିଳିଛି। ସେ ଅନୁପମ ଖେର୍‌ଙ୍କ ନିର୍ଦ୍ଦେଶିତ 'ତନଭି ଦି ଗ୍ରେଟ୍' ଚଳଚ୍ଚିତ୍ରରେ ପ୍ରଥମେ ଅଭିନୟ କରିଥିଲେ। ଉକ୍ତ ଚଳଚ୍ଚିତ୍ରକୁ ଶ୍ରେଷ୍ଠ ସ୍କ୍ରିନ୍‌ପ୍ଲେ ପୁରସ୍କାର ମିଳିଛି। ଉକ୍ତ ଚଳଚ୍ଚିତ୍ରର କାହାଣୀ ଅନୁପମ ଅଭିଷେକ ଦୀକ୍ଷିତ ଏବଂ ଅଙ୍କୁର ସୁମନ ଲେଖିଥିଲେ। ଗତ ଶନିବାର ଚଳଚ୍ଚିତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ତାଙ୍କ ଅଭିନୀତ ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ଚର୍ଚ୍ଚା ହୋଇଥିବାରୁ ଶୁଭାଙ୍ଗୀ ଏଥିପାଇଁ ଦର୍ଶକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ତନଭି ଚରିତ୍ରରେ ଅଭିନୟ କରିଥିବା ଶୁଭାଙ୍ଗୀ ପୁରସ୍କାର ପାଇଥିବାରୁ ଅତ୍ୟନ୍ତ ସ୍ୱତନ୍ତ୍ର ଅନୁଭବ କରୁଥିବା କହିଛନ୍ତି। ଅନୁପମ ଖେର୍ ତାଙ୍କ ଉପରେ ବିଶ୍ୱାସ ରଖିବା ସହ ଗାଇଡ୍ କରିଥିବାରୁ ସେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପୁରସ୍କାର ଆମର ସମ୍ପୂର୍ଣ୍ଣ ଟିମ୍ ପାଇଁ ବୋଲି ଏକ ବିବୃତିରେ ଶୁଭାଙ୍ଗୀ କହିଛନ୍ତି।






# ଆଖି ବୁଜିଲେ ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀ

**ରାଉରକେଲା, ୮।୧୨(ସଙ୍ଗୀତା ଜେନା)**

ଜଣେ ଯୁବକଙ୍କ ଉତ୍ପୀଡ଼ନର ଶିକାର ହୋଇ ଶୁକ୍ରବାର ଆତ୍ମାହୁତି ଉଦ୍ୟମ କରିଥିବା ରାଜଗାଙ୍ଗପୁର ସରବତୀ ମହିଳା କଲେଜର ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ (୧୭)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଆଇଜିଏଚ୍‌ରେ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ଏହି ଘଟଣାରେ ମୃତା ଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ବାବଦ ୫୦ ଲକ୍ଷ ଟଙ୍କା ଏବଂ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦାବି କରି ହସ୍ପିଟାଲ ପରିସରରେ ସାମାଜିକ କର୍ମୀ ରଶ୍ମୀ ଏକ୍କା, ଶିଳ୍ପା ଏକ୍କା ଏବଂ ଅମରେଶ ପଣ୍ଡାଙ୍କ ନେତୃତ୍ୱରେ ମୃତାଙ୍କ ପରିବାର ଲୋକେ ଧାରଣା ଦେଇଥିଲେ। ଖବର ପାଇ ରାଜଗାଙ୍ଗପୁର ସହାୟକ ତହସିଲଦାର (ମାଜିଷ୍ଟ୍ରେଟ୍) କିରଣ କୁମାର ସୋରେନ, ସୁନ୍ଦରଗଡ଼ ଅତିରିକ୍ତ ଏସ୍‌ପି ଶାନ୍ତା ନୂତନ ସମାଦ ପ୍ରମୁଖ ସେଠାରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ପ୍ରଥମ ପର୍ଯ୍ୟାୟରେ

## ୪ ଲକ୍ଷ ଟଙ୍କା, ଚାକିରି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ


ଆଇଜିଏଚ୍ ପରିସରରେ ଛାତ୍ରୀଙ୍କ ପରିବାର ଲୋକେ ଧାରଣା ଦେଇଛନ୍ତି।

ମୃତା ଛାତ୍ରୀଙ୍କ ପରିବାର ଲୋକଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ବାବଦକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହ ପରବର୍ତ୍ତୀ ସମୟରେ ୪ଲକ୍ଷ ଟଙ୍କା ପ୍ରଦାନ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପରାହ୍ନ ୩ଟାରେ ଆଇଜିଏଚ୍ ମର୍ଗ ହାଉସକୁ ବ୍ୟବଚ୍ଛେଦ ପାଇଁ ମୃତଦେହ ନିଆଯାଇଥିଲା। ସନ୍ଧ୍ୟା ୫ଟାରେ ଲାଞ୍ଜିବେର୍ଣାଠାରେ ଛାତ୍ରୀଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା।

ସୂଚନାଯୋଗ୍ୟ, ଜଣେ ଯୁବକଙ୍କ ଉତ୍ପୀଡ଼ନର ଶିକାର ହୋଇ ଉକ୍ତ ଛାତ୍ରୀ ଶୁକ୍ରବାର ରାତିରେ କିରୋସିନ୍ ଢାଳି ଦେହରେ ନିଆଁ ଲଗାଇ ଦେଇଥିଲେ। ଫଳରେ ତାଙ୍କ ଶରୀରର ପ୍ରାୟ ୯୨ ପ୍ରତିଶତ ପୋଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆଇଜିଏଚ୍‌ରେ ଭର୍ତ୍ତି କରିଥିଲେ। ରବିବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ତାଙ୍କ ଦିନିକିଆ ରାଉରକେଲା ଗସ୍ତ ଅବସରରେ ଆଇଜିଏଚ୍ ବର୍ନ ସେଣ୍ଟରକୁ ଯାଇ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ନାବାଳିକାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମନ୍ତ୍ରୀ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସହ ପରାମର୍ଶ କରିଥିଲେ। ଅବସ୍ଥା ସାମାନ୍ୟ ସୁଧୁରିଲେ ଉକ୍ତ ଛାତ୍ରୀଙ୍କୁ ଏୟାରଲିଫ୍ଟ କରାଯିବ ବୋଲି ମଧ୍ୟ କୁହାଯାଇଥିଲା। ଅପରପକ୍ଷେ ନାବାଳିକାଙ୍କୁ ଉତ୍ପୀଡ଼ନ କରିଥିବା ଯୁବକଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି।

# ହାତୀ ଆକ୍ରମଣରେ ଯୁବକ ମୃତ

**ଚମ୍ପୁଆ,୮।୧୨(ମହେଶ୍ୱର ଦାସ)**

କେନ୍ଦୁଝର ବନଖଣ୍ଡ ଚମ୍ପୁଆ ବନାଞ୍ଚଳ ଅଧୀନ ଉଖୁଣ୍ଡା ସେକ୍ସନର ଉଚ୍ଚବାଲିଠାରେ ସୋମବାର ଦ୍ୱିପ୍ରହରରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭଣ୍ଡାବାଙ୍କ ସାହିର ମନୋଜ ମହାନ୍ତଙ୍କ ପୁଅ ସମରେନ୍ଦ୍ର ମହାନ୍ତ(୧୮)। ସମରେନ୍ଦ୍ର କୌଣସି କାମରେ ଉଚ୍ଚବାଲି ଯାଉଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଭଣ୍ଡା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ଚମ୍ପୁଆ ରେଞ୍ଜରେ ୩୭ଟି ହାତୀ ରହିଥିବା ବେଳେ ଉଚ୍ଚବାଲିଠାରେ ୩ ଗୋଟି ହାତୀ ରହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମୃତ ସମରେନ୍ଦ୍ରଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଏସିଏଫ ଅକ୍ଷୟ ଛତ୍ରିୟା ସୂଚନା ଦେଇଛନ୍ତି।

# ୧୦ ଡିଗ୍ରୀ ତଳେ ୧୦ ସହର

## ଦ୍ୱିତୀୟ ଦିନ ପାଇଁ ଜି. ଉଦୟଗିରି ସବୁଠୁ ଥଣ୍ଡା

**ଭୁବନେଶ୍ୱର, (ବନ୍ଦନା ସେଠୀ)/ ଜି. ଉଦୟଗିରି, ୮।୧୨ (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)**

ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଡ଼ ଥରାଇଦେବା ଭଳି ଶୀତ ଜାରି ରହିଛି। କନ୍ଧମାଳ ଜିଲାର ଜି. ଉଦୟଗିରିଠାରେ ଲଗାତାର ଦ୍ୱିତୀୟଦିନ ପାଇଁ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୪.୩ ଡିଗ୍ରୀକୁ ଖସି ଆସିଥିବାବେଳେ ଗ୍ରାମାଞ୍ଚଳରେ ଏହାଠାରୁ ୨/୩ ଡିଗ୍ରୀ କମ୍ ରହୁଥିବାରୁ ଗ୍ରାମୀଣ ଜୀବନଜୀବିକା ପ୍ରଭାବିତ ହୋଇଛି। ବିଶେଷକରି ଶ୍ରମିକ ଶ୍ରେଣୀର ଲୋକେ ହଇରାଣ ହେଉଛନ୍ତି। ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ବିଭିନ୍ନ ସ୍ଥାନରେ ଲୋକେ ନିଆଁ ପୁଉଁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଦୁଇ ସହରରେ ତାପମାତ୍ରା ସ୍ୱାଭାବିକଠାରୁ ୫ରୁ ୬ ଡିଗ୍ରୀ କମ୍ ରହିଛି। ଝାରସୁଗୁଡାଠାରେ ସର୍ବନିମ୍ନ ତାପମାତ୍ରା ୭.୪ ଡିଗ୍ରୀ ରହିଥିବାବେଳେ ଏହା ସ୍ୱାଭାବିକ ତାପମାତ୍ରାଠାରୁ ୬.୨ ଡିଗ୍ରୀ କମ୍। ସେହିପରି ଅନୁଗୋଳରେ ନିମ୍ନତମ ତାପମାତ୍ରା ୮.୮ ଥିବାବେଳେ ଏହା ସ୍ୱାଭାବିକ ତାପମାତ୍ରାଠାରୁ ୫.୪ ଡିଗ୍ରୀ କମ୍ ରହିଛି। ସେହିଭଳି ରାଜ୍ୟର ୧୦ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ଜଣାଯାଇଛି। ସିମିଳିଗୁଡାରେ ୪.୬ ଡିଗ୍ରୀ, ଫୁଲବାଣୀ ୭.୨, ଦାରିଙ୍ଗୀବାଡି ୭.୫, ରାଉରକେଲା ୭.୬, ଚିପିଲିମା ୮, କିରେଇ ୮.୯ ଓ ଭବାନୀପାଟଣାରେ ୯ ଡିଗ୍ରୀ ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଫୁଲବାଣୀରେ ଘନ କୁହୁଡି ଦେଖାଦେଇଥିବାବେଳେ ରାଉରକେଲା, ଭବାନୀପାଟଣା, ଝାରସୁଗୁଡାରେ ସାମାନ୍ୟରୁ ମଧ୍ୟମ କୁହୁଡି ଦେଖାଯାଇଥିଲା। ମଙ୍ଗଳବାର ଓ ବୁଧବାର ଦୁଇଦିନ ପାଇଁ ସୁନ୍ଦରଗଡ଼, କନ୍ଧମାଳ ଜିଲାର ବିଭିନ୍ନ ସ୍ଥାନରେ ଘନ କୁହୁଡି ଏବଂ ସୁନ୍ଦରଗଡ, ଅନୁଗୋଳ ଓ ଝାରସୁଗୁଡାରେ ପ୍ରବଳ ଶୀତ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି ହୋଇଛି। ୧୨ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ପ୍ରବଳ ଶୀତ ନେଇ ପୂର୍ବାନୁମାନ କରାଯାଇଛି ବୋଲି ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ ସୂଚନା ଦେଇଛନ୍ତି।

# ସୁନା ବିସ୍କୁଟ୍ ଲୋଭ ଦେଖାଇ ୪ ଲକ୍ଷ ଠକେଇ: ୬ ଗିରଫ

**ନୀଳଗିରି, ୮।୧୨(ପ୍ରଶାନ୍ତ ବିଶ୍ୱାଳ)**

## ୩ ଲକ୍ଷ ସହ ୫ ମୋବାଇଲ, ୨ ବାଇକ୍ ଜବତ

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଞ୍ଚଳରେ ସୁନା ବିସ୍କୁଟ ପ୍ରଲୋଭନ ଦେଖାଇ ପୁରୀ ବ୍ରହ୍ମଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ୪ଲକ୍ଷ ଟଙ୍କାର ଠକେଇ ହୋଇଥିଲା। ଏହି ଘଟଣାରେ ୬ ଅଭିଯୁକ୍ତଙ୍କୁ ସୋମବାର ନୀଳଗିରି ପୋଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କଠାରୁ ୩ ଲକ୍ଷ ୨୯ହଜାର ଟଙ୍କା ସହ ୫ ମୋବାଇଲ ଓ ୨ଟି ବାଇକ୍ ଜବତ ହୋଇଛି। ପୋଲିସ ନକଲି ସୁନା ବିସ୍କୁଟ ଖୋଜୁଛି। ଏହି ୬ ଅଭିଯୁକ୍ତ ହେଲେ ନୀଳଗିରି ଥାନା ଈଶ୍ୱରପୁର ଫାଣ୍ଡି, ନୀଳଗିରି, ରେମୁଣା ଓ ସୋର ଥାନା ଅଞ୍ଚଳର।

ଏହି ଗ୍ରୁପ୍ ଅତି ଚତୁରତାର ସହ ଅସଲି ସୁନାକୁ ଦେଖାଇ ନକଲି ସୁନା ବେପାର କରୁଥିଲା। ଅସଲି ସୁନା ବିସ୍କୁଟ ବିକ୍ରି ପ୍ରଲୋଭନରେ କିଛିଦିନ ପୂର୍ବରୁ ପୁରୀ ଜିଲା ବ୍ରହ୍ମଗିରି ଅଞ୍ଚଳର ଜଣେ ଶିକ୍ଷକଙ୍କ ସହ ଯୋଗାଯୋଗ ହୋଇଥିଲା। ପରେ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକ ଜଣଙ୍କ ତାଙ୍କ ସମ୍ପର୍କୀୟ ଶାଳକଙ୍କୁ ପଠାଇ ସୁନାର ଗୁଣ୍ଡ ନେଇଥିଲେ। ଏହି ସୁନା ଗୁଣ୍ଡ ଯାଞ୍ଚ ପରେ ଅସଲି ୨୨କ୍ୟାରେଟ୍ ଜାଣିବା ପରେ ସୁନା ବିସ୍କୁଟ ଶସ୍ତାରେ କିଣିବାର ଆଶା ବଢ଼ିଥିଲା। ସୁନା ବିସ୍କୁଟ ବିକ୍ରିର ବିଶ୍ୱାସ ଜନ୍ମାଇବା ପରେ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଡିଲ୍ ହୋଇଥିଲା। ଶସ୍ତାରେ ସୁନା ବିସ୍କୁଟ କିଣିବା ପାଇଁ ରବିବାର ସକାଳେ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକ ଓ ତାଙ୍କ ଶାଳକ ନିଜ ମାରୁତି କାର୍(ନଂ. ଓଡ଼ି୩୩ଡ଼ି-୪୯୮୮)ରେ ନଗଦ ୪ଲକ୍ଷ ଟଙ୍କା ଧରି ସନ୍ତରାଗଡ଼ିଆ ବଜାର ଅଞ୍ଚଳରେ ପହଞ୍ଚି ବିକ୍ରେତାଙ୍କ ସହ ଯୋଗାଯୋଗ କରିଥିଲେ। ସୁନା ବିକ୍ରେତା ଯୁବକମାନେ ପୂର୍ବ ପ୍ରସ୍ତୁତି ଅନୁସାରେ ଅତି ଚତୁରତାର ସହ ଈଶ୍ୱରପୁର ଫାଣ୍ଡି ଅଧୀନ ଏକ ନିଛାଟିଆ ଜାଗାକୁ ଡକାଇଥିଲେ। ଆସିଥିବା ଶାଳକ ଭିଣୋଇଙ୍କ ବ୍ୟାଗ୍‌ରେ ରଖିଥିବା ୪ଲକ୍ଷ ଟଙ୍କା ଖୋଲୁଥିବା ବେଳେ ଅନ୍ୟ ୪ଜଣ ଦୁଇଟି ବାଇକ୍‌ରେ ନକଲି ପୋଲିସ ବେଶରେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଧମକ ଚମକ ଦେବା ସହ ନଗଦ ୪ଲକ୍ଷ ଟଙ୍କା ଓ ଶାଳକ ପିନ୍ଧିଥିବା ଏକ ସୁନାଚେନକୁ ନେଇ ୬ଜଣ ଯାକ ଫେରାର ହୋଇଯାଇଥିଲେ। ଶେଷରେ ସମ୍ପୃକ୍ତ ବ୍ୟକ୍ତି ନିରୁପାୟ ହୋଇ ରବିବାର ରାତିରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଏକ ମାମଲା (ନଂ.୫୨୦/୨୫) ରୁଜୁ କରିଥିଲା। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ ହୋଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ରାତିତମାମ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମାଷ୍ଟରମାଇଣ୍ଡ ସହ ୫ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ଅନ୍ୟପକ୍ଷେ ପୁରୀ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକତା କରୁଥିବା ଭିଣୋଇ ଓ ତାଙ୍କ ଶାଳକଙ୍କୁ ମଧ୍ୟ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି।



## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ଫର୍ମ ପୂରଣ: ଆଉ ୩ ଦିନ ବଢ଼ିଲା

କଟକ,୮।୧୨(କାର୍ତ୍ତିକ ସାହୁ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୨୬ ନିମନ୍ତେ ଅନ୍‌ଲାଇନରେ ଫର୍ମ ପୂରଣ ପାଇଁ ଆଉ ୩ ଦିନ ଅଧିକ ସମୟ ବଢ଼ାଇ ଦିଆଯାଇଛି। ସମଗ୍ର ରାଜ୍ୟରୁ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ଅନୁରୋଧକ୍ରମେ ପୁଣି ଡିସେମ୍ବର ୮ରୁ ୧୦ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଅନ୍‌ଲାଇନ୍ ଫର୍ମ ପୂରଣ ପାଇଁ ସୁଯୋଗ ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ www.bseodisha.ac.in ଓ www.oav.edu.inରେ ଉପଲବ୍ଧ ଲିଙ୍କ୍‌ରେ ଫର୍ମ ପୂରଣ କରାଯିବ। ଏହାପରେ ଅବଧି ଆଉ ବଢ଼ାଯିବ ନାହିଁ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ସମ୍ମିଳନୀ ପକ୍ଷରୁ କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ପାଳନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୭ମ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍ ୩, ସମୟ: ସନ୍ଧ୍ୟା ୬ଟା।

**କଟକ**
- ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ, ସ୍ଥାନ: ବିଦ୍ୟାଳୟ ପରିସର, ଦେଉଳସାହି, ସମୟ: ମଧ୍ୟାହ୍ନ ୧୨ଟା ୧୫।
- କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ ଚିତ୍ରଶିଳ୍ପୀ ବିଭୂତି କାନୁନଗୋଙ୍କ ୧୦୪ତମ ଜୟନ୍ତୀ ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ଲଳିତ କଳା ଏକାଡେମୀ ଓ କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପ୍ ପକ୍ଷରୁ ଚିତ୍ରଶିଳ୍ପୀ ବିଭୂତି କାନୁନଗୋଙ୍କ ୧୦୪ତମ ଜୟନ୍ତୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**
- ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଉଗରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ଖଇରା, ସମୟ: ସକାଳ ୯ଟା।
- ନାଟ୍ୟ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରତିଭା ସମ୍ମାନ ଓ ଗୁରୁ ସମ୍ବର୍ଦ୍ଧନା ଉତ୍ସବ-୨୦୨୫, ସ୍ଥାନ: ଇମାମୀ ଜଗନ୍ନାଥ ମନ୍ଦିର ପରିସର, ବାଲଗୋପାଳପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

**ଭଦ୍ରକ**
- ଓଡ଼ିଶା ଶିକ୍ଷା ବିକାଶ ପରିଷଦ ପକ୍ଷରୁ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ମଠଡିହ ତଥାସ୍ତୁ ଶିଶୁ ବିଦ୍ୟାମନ୍ଦିର, ଆରଡ଼ି, ସମୟ: ସକାଳ ୯ଟା।
- କବିତା ପାଠୋତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**ମୟୂରଭଞ୍ଜ**
- ବ୍ଲକ୍‌ସ୍ତରୀୟ ଓଷ୍ଟା ଶିଶୁ ଉତ୍ସବ, ସ୍ଥାନ: ରିଜିଓନାଲ ଉଚ୍ଚ ବାଳିକା ବିଦ୍ୟାଳୟ, ପୁରୁଣା ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟା।
- ଆଦିବାସୀ ସୁପରଷ୍ଟାର କଳ୍ପନା ହାଁସଦାଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ମୟୂରଭଞ୍ଜ ମହୋତ୍ସବ ଛଉ ପଡ଼ିଆ, ବାରିପଦା, ସମୟ:ସନ୍ଧ୍ୟା ୭ଟା।

**ଅନୁଗୋଳ**
- କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା, ସ୍ଥାନ: ଆଠମଲ୍ଲିକସ୍ଥିତ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

**ଜଗତ୍‌ସିଂହପୁର**
- ମଣି ମନ୍ଦିର ଟ୍ରଷ୍ଟ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ନୁଆବଜାର, ପାରାଦୀପ, ସମୟ: ସକାଳ ୯ଟା।
- ଆନ୍ତର୍ଜାତିକ ଦୁର୍ନୀତି ନିବାରଣ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ବନ୍ଦର ଭିଜିଲାନ୍ସ ବିଭାଗ ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ପୂର୍ବାହ ୧୦ଟା।
- ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ମଧୁସୂଦନପୁର, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ଘୋଡଲାଗି ପର୍ବର ତ୍ରୟୋଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଘୋଡଲାଗି ପର୍ବର ତ୍ରୟୋଦଶ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଘୋଡଲାଗି ପର୍ବର ତ୍ରୟୋଦଶ ଦିବସ, ସ୍ଥାନ: ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା୩୦।
- ମା' ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟର ୫ମ ଦିବସରେ ଚମ୍ପେଶ୍ୱର ବନାମ ଖଣ୍ଡପଡା, ସ୍ଥାନ: କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ମହାଲକ୍ଷ୍ମୀ ପୂଜା ମହୋତ୍ସବର ଭସାଣି ଉତ୍ସବ, ସ୍ଥାନ:ଖଣ୍ଡପଡା ରଥଗଡା ଛକ, ସମୟ: ସଂଧ୍ୟା ୭ଟା ।
- ମହାଲକ୍ଷ୍ମୀ ପୂଜାର ଷଷ୍ଠ ଦିବସରେ ଚଣ୍ଡୀ ପ୍ରସାଦର ସମ୍ପୂର୍ଣ୍ଣ ମହାଭାରତ, ସ୍ଥାନ:ଖଣ୍ଡପଡା ବ୍ଲକ ବାଇଗୁଣିଆ, ସମୟ:ଅପରାହ୍ନ ୨ଟା।
- ସୁନାଖଳା ମହୋତ୍ସବର ୨ୟ ଦିବସ, ସ୍ଥାନ:ସିଟି ସ୍କୁଲ ପଡିଆ ସୁନାଖଳା, ସମୟ:ସଂଧ୍ୟା ୬ଟା।

**ରାୟଗଡ଼ା**
- ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ଚଇତି-୨୦୨୫, ସ୍ଥାନ: କଲ୍ୟାଣସିଂହପୁର ରଥ ପଡିଆ, ସମୟ: ସକାଳ ୭ ଟା।

**କୋରାପୁଟ**
- ପରବ ନେଇ ଜିଲାସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: କୋରାପୁଟ ସାଂସ୍କୃତିକ ପରିଷଦ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଦୁର୍ଗା ଚିତ୍ରକଳା ପ୍ରଦର୍ଶନୀ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଜୁରାତି କଲୋନୀ ସ୍ଥିତ ବନ୍ଦନା ଆର୍ଟ କର୍ନର, ସମୟ: ପୂର୍ବାହ୍ନ ୧୦ଟା।
- ତୃତୀୟ ସମ୍ବଲପୁରୀ ବହି ହାଟ -୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ସମ୍ବଲପୁରୀ ଧନୁଯାତ୍ରାର କଳାକାରମାନଙ୍କ ଅଭିନୟ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା ।

**ବଲାଙ୍ଗୀର**
- ବ୍ଲକସ୍ତରୀୟ ଯୁବ ମହୋତ୍ସବ-୨୦୨୫, ସ୍ଥାନ: ବ୍ଲକ ପରିସର, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ସାଂସଦ ଖେଳ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଆୟୁଷ କଲେଜ ଛାତ୍ରୀଛାତ୍ରଙ୍କ ଆମରଣ ଅନଶନ, ସ୍ଥାନ: ରାଉରକେଲା ହୋମିଓପ୍ୟାଥି କଲେଜ, ସମୟ: ସକାଳ ୯ଟା।
- ପଶ୍ଚିମାଞ୍ଚଳ ଏଆଇ ହାକାଥନ୍, ସ୍ଥାନ: ଏନ୍‌ଆଇଟି, ସମୟ : ସକାଳ ୯ଟା।
- ଦ୍ୱିଦିବସୀୟ ଆଧ୍ୟାତ୍ମିକ ସାଧନା ଶିବିର, ସ୍ଥାନ: ସେକ୍ଟର-୭ ଶିବାନନ୍ଦ ଆଶ୍ରମ, ସମୟ: ସକାଳ ୯ଟା।
- ପିଏମ୍ ଶ୍ରୀ ଶିକ୍ଷକ ତାଲିମ ଶିବିରର ଦ୍ୱିତୀୟ ଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ ୧୧ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

**ବରଗଡ଼**
- ଜିଲାସ୍ତରୀୟ ଯୁବ ଉତ୍ସବ ଉପଲକ୍ଷେ ଗଳ୍ପ, ପଦ୍ୟ ଲିଖନ ପ୍ରତିଯୋଗିତା, ସ୍ଥାନ: ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ,ବରଗଡ଼, ସମୟ: ସକାଳ ୯ଟା।
- ପଦ୍ମପୁର ଲୋକ ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରା ଓ ବାଣିଜ୍ୟ ମେଳା, ସ୍ଥାନ: ଅଶୋକ ପଡ଼ିଆ ପଦ୍ମପୁର, ବରଗଡ଼, ସମୟ:ସକାଳ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ:ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- କଂଗ୍ରେସ ପକ୍ଷରୁ ଏସ୍‌ପି ଅଫିସ ଘେରାଉ, ସ୍ଥାନ: ଭବାନୀପାଟଣା ଏସ୍‌ପି ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଚାଷ ପ୍ରଣାଳୀ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ବୌଦ୍ଧ, ସମୟ: ୧୦ଟା ୩୦।

**ସୁବର୍ଣ୍ଣପୁର**
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିର ଶୁଭାରମ୍ଭ, ସ୍ଥାନ: ବିନିକା ବ୍ଲକର ସିଲାଟି ମାର୍କେଟ୍ ୟାର୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ-ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ୧୭ତମ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଲଖନା ଧନୁଯାତ୍ରା ପଡିଆ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
ଶୁଭଚନ୍ଦ୍ର ପ୍ରଭାବରେ ପାରିବାରିକ ସ୍ଥିତି ଏବଂ କର୍ମକ୍ଷେତ୍ର ଭଲ ରହିବ। ପରିବାରର ଆବଶ୍ୟକତାକୁ ଅନୁଭବକରି ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ପରାମର୍ଶରେ ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆନୁଷ୍ଠାନିକ କାମରେ ଆଦର ଅଭ୍ୟର୍ଥନା ମିଳିବା ସାଙ୍ଗକୁ ପ୍ରଶଂସିତ ମଧ୍ୟ ହୋଇପାରନ୍ତି।

**ବୃଷ**
ଦ୍ୱିତୀୟସ୍ଥ ବୃହସ୍ପତିଙ୍କ ଯୋଗୁ ଆଲୋଚନା ପରିସରରେ ଠିକ୍ ନିଷ୍ପତ୍ତି ନେବାରେ ସମର୍ଥ ହେବେ। କେତେକ କ୍ଷେତ୍ରରେ ବେପରୁଆ କାର୍ଯ୍ୟକଳାପ ସକାଶେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ଅଭାବ ପୂରଣ ଦିଗରେ ଚେଷ୍ଟିତ ହେବେ। ବ୍ୟବସାୟିକ ସ୍ଥିତି ଏବଂ ପାରିବାରିକ ପରିସ୍ଥିତି ପ୍ରାୟତଃ ଭଲ ରହିବ।

**ମିଥୁନ**
ଧନ ସ୍ଥାନରେ ଚନ୍ଦ୍ର ଅର୍ଥନୈତିକ ଅଭିବୃଦ୍ଧି ସହ ଲୋକସମ୍ପର୍କ ସୃଷ୍ଟିରେ ସହାୟକ ହୋଇପାରନ୍ତି। କିନ୍ତୁ କର୍ମସ୍ଥ ଶନିଙ୍କ କୁପ୍ରଭାବରୁ ନୀଚଜାତିର ବ୍ୟକ୍ତିବିଶେଷଙ୍କ ଦ୍ୱାରା ଶତ୍ରୁତା ପ୍ରତିବନ୍ଧକର ସମ୍ମୁଖୀନ ହେବେ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**କର୍କଟ**
ରାଶି ପ୍ରତି ଚନ୍ଦ୍ର ଓ ମଙ୍ଗଳଙ୍କ ସମ୍ପର୍କ ହେତୁ ସୁସ୍ଥ ରହିବା ସାଙ୍ଗକୁ କଳ୍ପନାବିଳାସୀ ହେବେ। ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବ ଏବଂ କର୍ମକ୍ଷେତ୍ରରେ ପ୍ରଶଂସିତ ମଧ୍ୟ ହେବେ। ପୂର୍ବ ସ୍ଥିରୀକୃତ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ, ମାତ୍ର ସମସ୍ୟା ଛାଡ଼ିବ ନାହିଁ। ରାହୁ ଓ ରବିଙ୍କ ଦୁର୍ବଳତା ରାଜନୀତିରେ ବିବାଦୀୟ ପରିସ୍ଥିତି ସୃଷ୍ଟିକରିବ।

**ସିଂହ**
ରବିଙ୍କ ଦୁର୍ବଳତା ଦୈହିକ ଦୁର୍ବଳତା ସାଙ୍ଗକୁ ଉପରିସ୍ଥ କର୍ମଚାରୀଙ୍କ ଦୋଷାରୋପ ମାନସିକ ଅସ୍ଥିରତା ସୃଷ୍ଟି କରିବ। ଅବଶ୍ୟ ଉଚ୍ଚାରୋହୀ ମଙ୍ଗଳଙ୍କ ପ୍ରଭାବରୁ ପାରିବାରିକ କ୍ଷେତ୍ର ଏବଂ ଜମିଜମା କାରବାର ବୃଦ୍ଧି ପାଇବ। ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ। ବନ୍ଧୁଙ୍କ ସହାୟତାରେ ବିବାଦୀୟ ପରିସ୍ଥିତିକୁ ସଜାଡ଼ିନେବେ।

**କନ୍ୟା**
ରାଶି ପ୍ରତି ଶନିଙ୍କ ଦୃଷ୍ଟି ଶାରୀରିକ ଓ ମାନସିକ ଅସ୍ଥିରତା ସାଙ୍ଗକୁ ନିରୁତ୍ସାହିତ କରିବ। ବନ୍ଧୁଙ୍କ ସହାୟତାରେ ଆର୍ଥିକ ସମସ୍ୟା ସୁଧାରିନେବେ। କର୍ମକ୍ଷେତ୍ର ସ୍ୱାଭାବିକ ରହିବ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ସହ ଅସୁବିଧା ଥିବା ଅନୁଭବ କରିବେ। ସେବା ଓ ସହଯୋଗ ମନୋଭାବରୁ ପ୍ରଶଂସିତ ହୋଇପାରନ୍ତି।

**ତୁଳା**
ସପ୍ତମାଧିପତି ଧର୍ମଭାବକୁ ଦେଖୁଥିବାରୁ ବୈଷୟିକ ସୁଖସମ୍ପଦ ଓ ପ୍ରୀତିପ୍ରଦ ଜୀବନଯାତ୍ରା ପ୍ରଦାନ କରିବ। ସହକର୍ମୀଙ୍କ ଦ୍ୱନ୍ଦ୍ୱଯୁକ୍ତ କଥାକୁ ଆପଣ ଠିକ୍ ଭାବେ ବୁଝି ପାରିବେନାହିଁ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା ହେତୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ କୌଣସି ସୁଯୋଗ ହରାଇ ମୁଣ୍ଡରେ ହାତ ଦେଇ ଅନୁତାପ କରିପାରନ୍ତି।

**ବିଛା**
ରାଶିକୁ ବୃହସ୍ପତି ଦେଖୁଥିବାରୁ ଗଠନମୂଳକ ଚିନ୍ତାଧାରା ସାମାଜିକ ସମ୍ମାନ ପାଇବାରେ ସାହାଯ୍ୟ କରିବ। ଶନିଙ୍କ କୁପ୍ରଭାବରେ ନିଜ ପରିସରର ବ୍ୟକ୍ତିବିଶେଷ କୁତ୍ସାରଟନା କରିପାରନ୍ତି। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇପାରେ। ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କ ସାହାଯ୍ୟ ସ୍ମରଣୀୟ ରହିବ।

**ଧନୁ**
ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ଅନ୍ୟମାନଙ୍କ ମତକୁ ଉପେକ୍ଷାକରିବା ଠିକ୍ ନ ହୋଇପାରେ। ଉପରିସ୍ଥଙ୍କ ସହ ସୁସମ୍ପର୍କ ଥିବାରୁ ଖଳ ଲୋକଙ୍କ ପ୍ରାୟୋଜିତ ଅପମାନଜନକ ସ୍ଥିତିରୁ ଖସି ହେବେ। ଗୁରୁକ୍ଷେତ୍ରସ୍ଥ ଆନୁଷ୍ଠାନିକ କାମରେ ପ୍ରଶଂସିତ କରାଇବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ଭିତରେ ରହିବାର ସୂଚନା ରହିଛି।

**ମକର**
ସପ୍ତମାଧିପତିଙ୍କ ଶୁଭଦୃଷ୍ଟିରୁ ଅଟକି ରହିଥିବା ଅଭିଳାଷଟି ପୂରଣ ହେବାରୁ ଆନନ୍ଦ ଅନୁଭବ କରିବେ। ପାରିବାରିକ ସ୍ଥିତି କେତେକାଂଶରେ ଶାନ୍ତ ରହିବା ସାଙ୍ଗକୁ ବନ୍ଧୁମାନଙ୍କ ଆଦରଣୀୟ ହେବେ। ଜମିଜମା ବିବାଦ କ୍ରମଶଃ ଜଟିଳ ଆକାର ଧାରଣ କରିବା ସୂଚନା ରହିଛି। କର୍ମକ୍ଷେତ୍ରରେ ନିଜର ସୀମା ଭିତରେ ଜଗି ରଖି ଚଳିବା ଭଲହେବ।

**କୁମ୍ଭ**
ସାମାନ୍ୟ ଥଣ୍ଡା ଲାଗି ରହିବା ହେତୁ ସ୍ୱାସ୍ଥ୍ୟ ବିଗିଡ଼ିବା ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ମୂଲ୍ୟହୀନ କଥାକୁ ଗୁରୁତ୍ୱଦେଇ ଶୋକାକୁଳ ରହିପାରନ୍ତି। କେତୁଙ୍କ କୁପ୍ରଭାବରୁ ବ୍ୟବସାୟିକ ସ୍ଥିତିର ଦୁରବସ୍ଥା ଦୁଶ୍ଚିନ୍ତାର କାରଣ ହୋଇପାରେ। ସନ୍ତାନଙ୍କ କୃତି ଓ କୃତିତ୍ୱ ଯୋଗୁ ଗୌରବାନ୍ୱିତ ହୋଇପାରନ୍ତି।

**ମୀନ**
ଗୁରୁଙ୍କ ଶୁଭଦୃଷ୍ଟିରୁ କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିପାରନ୍ତି। ସାହିତ୍ୟ, ଗବେଷଣା, ଆଲୋଚନା, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ସଭାସମିତିରେ କୌଣସି ପକ୍ଷକୁ ସମର୍ଥନକରି ବନ୍ଧୁମାନଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି।

ଆଜି ଡିସେମ୍ବର ୯ ତାରିଖ, ବିଶ୍ୱ ରୋଗୀ ନିରାପତ୍ତା ଦିବସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ, ପୌଷ କୃଷ୍ଣ ୫ମୀଯୁକ୍ତ ଷଷ୍ଠୀ ମଙ୍ଗଳବାର। ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୧୩ ମି. ଗତେ, ଘ.୦୬।୫୭ ମଧ୍ୟେ, ଘ.୦୮।୫୬ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୧ ମି. ଗତେ, ଘ.୦୩।୪୨ ମି. ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## କେନ୍ଦ୍ରୀୟ ଅନୁଦାନ...

ପୂର୍ବର ୨୪ବର୍ଷର ସରକାର କ'ଣ କଲେ ନ କଲେ ତା' ଉପରେ ମୁଁ କିମ୍ବା ଆପଣ କିଛି କହିବା ଆବଶ୍ୟକ ନାହିଁ। ନୀତି ଆୟୋଗ ପ୍ରମାଣପତ୍ର ଦେଇଛନ୍ତି, ପୂର୍ବ ସରକାର ରାଜ୍ୟକୁ ଆର୍ଥିକ ସୁପରିଚାଳନା, ବେକାରି ଦୂରୀକରଣ ଏବଂ ନିରନ୍ତର ବିକାଶ ଲକ୍ଷ୍ୟରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ୨୦୦୦ରେ ରାଜ୍ୟରେ ଦେବାଳିଆ ସ୍ଥିତି ଥିବାବେଳେ ପୂର୍ବ ସରକାର ଏକ ସୁଦୃଢ଼ ଅର୍ଥନୀତି ପ୍ରତିଷ୍ଠା କରିଥିଲେ।

ସେ କହିଥିଲେ, ୨୦୨୫ ଅକ୍ଟୋବର ସୁଦ୍ଧା କେନ୍ଦ୍ର ସରକାର ରାଜ୍ୟକୁ ମାତ୍ର ୧୮ ପ୍ରତିଶତ ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି। ୨୦୨୩-୨୪ରେ ବିଜେଡି ସରକାର ସମୟରେ କେନ୍ଦ୍ର ୨୧ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ଅନୁଦାନ ଦେଇଥିବାବେଳେ ଅକ୍ଟୋବର ସୁଦ୍ଧା ଭାଜପା ସରକାର ସମୟରେ ୨୦୨୪-୨୫ରେ ମାତ୍ର ୧୭ହଜାର କୋଟି ଆସିଛି। ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାଠାରୁ ଆରମ୍ଭ କରି ଆବାସ ଯୋଜନାରେ ପୂର୍ବବର୍ଷ ତୁଳନାରେ ନଗଣ୍ୟ ହାର ଅନୁଦାନ ମିଳିଛି। ପୂର୍ବ ସରକାର ସମୟରେ ଜିଏସ୍‌ଡିପି ୯ପ୍ରତିଶତ ଥିବାବେଳେ ଏବେ ଏହା ୭.୨ ପ୍ରତିଶତକୁ ଖସିଛି। କୃଷିରେ ୭.୩ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ଶିଳ୍ପରେ ୮.୭ରୁ ୬.୧ ପ୍ରତିଶତକୁ କମିଛି। ସେବା କ୍ଷେତ୍ରରେ ମଧ୍ୟ ୧୧.୫%ରୁ ୧୦ପ୍ରତିଶତକୁ ହ୍ରାସ ପାଇଛି। ପୂର୍ବ ସରକାର ଯେଉଁ ରାଜସ୍ୱ ସଂଗ୍ରହ କରୁଥିଲେ ଭାଜପା ସରକାର ସେଥିରେ ମଧ୍ୟ ସକ୍ଷମ ହୋଇପାରିନାହିଁ। ୨୦୨୩ରେ ୬.୯% ଥିବାବେଳେ ଏବେ ଏହା ୬.୨୩%କୁ ଖସିଛି। ଜିଏସ୍‌ଟି କ୍ଷେତ୍ରରେ ଦେଶରେ ଓଡ଼ିଶା ଅନ୍ୟାନ୍ୟ ରାଜ୍ୟଠାରୁ ପଛରେ ପଡ଼ିଛି। ରାଜ୍ୟ ସରକାର ଏହା ଉପରେ ଆତ୍ମ ସମୀକ୍ଷା କରନ୍ତୁ। ଖାଲି ଖର୍ଚ୍ଚ କଲେ ଚଳିବନାହିଁ, ସେହି ଅନୁପାତରେ ରୋଜଗାର ସୃଷ୍ଟି କରିବାର ରହିଛି ବୋଲି ପ୍ରସନ୍ନ କହିଥିଲେ।

ଆଲୋଚନାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଭାଗ ନେଇ ଆଦିବାସୀଙ୍କୁ ସରକାରଙ୍କ ଅବହେଳାକୁ ନେଇ ଟାର୍ଗେଟ କରିଥିଲେ। ସେ କହିଥିଲେ, ସରକାର କେବଳ ଲୋକଦେଖାଣିଆ ବଜେଟ କରୁଛନ୍ତି। ମାତ୍ର ଠିକଣା ବାଟରେ ଖର୍ଚ୍ଚ କରିପାରୁ ନାହାନ୍ତି। ମେଡିକାଲରେ ଡାକ୍ତର ନ ଥିବାବେଳେ ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି। ରାଜ୍ୟରେ ମା'ମାନେ ଅସୁରକ୍ଷିତ ରହିଛନ୍ତି। ଆଦିବାସୀମାନେ ନିର୍ଯ୍ୟାତିତ ହୋଇ ରହିଛନ୍ତି। ପେଷା ଆଇନ ସରକାର କାର୍ଯ୍ୟକାରୀ କରୁ ନାହାନ୍ତି। ରାଜ୍ୟରେ ୯୪ ପ୍ରତିଶତ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ରହିଥିଲେ ହେଁ ସେମାନଙ୍କୁ ଶିକ୍ଷା କ୍ଷେତ୍ରରେ ଅଧିକାର ମିଳୁନାହିଁ କହି ସରକାରଙ୍କ ବଜେଟକୁ ବିରୋଧ କରିଥିଲେ।

ଅନ୍ୟପକ୍ଷରେ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ ଯେ, ଆମର ବରିଷ୍ଠ ସଦସ୍ୟ ଜୟନାରାୟଣ ମିଶ୍ର କହୁଛନ୍ତି ଯେ, ହୁଇସିଲ ମାରିଲେ ବିଜେଡି ଚୂନା ହୋଇଯିବ। ଏକଥା ଏବେ ଧୀରେ ଧୀରେ ସମସ୍ତେ ଜାଣିଗଲେଣି। ଯେଉଁଥିପାଇଁ ବାପା ବିଜେଡିରେ ପୁଅ ଏବେ ଆମ ଦଳରେ। ସେ ବିରୋଧୀଙ୍କ ଜବାବ ଦେଇ କହିଥିଲେ ଯେ, ସବୁ ଘରକୁ ବିଜୁଳି ଯୋଗାଇବାକୁ କହିଥିଲେ, ଶୀତଳ ଭଣ୍ଡାର ନିର୍ମାଣ କରିବେ ବୋଲି କହିଥିଲେ। ହେଲେ କୌଣସିଥିରେ ସରକାର ସଫଳ ହୋଇନାହାନ୍ତି। ଏପରିକି ଚାଷୀଙ୍କ ୧୦୦ଟଙ୍କାର ବୋନସ ଦେବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସୋହେଲା ଚାଷୀ ସମାବେଶରେ ଘୋଷଣା କରି ପରେ ଭୁଲି ଯାଇଥିଲେ। ଶିକ୍ଷାର ରୂପାନ୍ତରୀଣ କେବଳ ଠିକାଦାରଙ୍କ ପୋଷିବା ପାଇଁ କରାଯାଇଥିଲା। ପୋଲି ରାଜନୈତିକ ଆକାଂକ୍ଷା ରଖି କାର୍ଯ୍ୟ କରୁଥିଲା। ବିଶ୍ୱରେ ନଗଡା ଓଡ଼ିଶାର ଚିତ୍ରକୁ ନଗ୍ନ କରିଥିଲା। ନୂଆପଡ଼ା ଉପନିର୍ବାଚନରେ ଏହା ପ୍ରମାଣିତ ହୋଇଛି। ଲୋକଙ୍କ ଆଶୀର୍ବାଦ ରହିଛି, ୫୦ବର୍ଷ ଯାଏ ହଟିବୁନି ବୋଲି କହି ଟଙ୍କଧର ବିରୋଧୀଙ୍କ ଉପରେ ବର୍ଷିଥିଲେ।

## ମାଲକାନଗିରି: ୨୪ ଘଣ୍ଟା...

ଏକାଠିହୋଇ ଜିଲାପାଳଙ୍କୁ ଭେଟିଛନ୍ତି। ମୃତ ମହିଳାଙ୍କ ମୁଣ୍ଡକୁ ଯଥାଶୀଘ୍ର ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ନେଇ ଆଦିବାସୀ ସଂଘ ଅଡ଼ି ବସିଛି। ସୋମବାର ରାଖେଲଗୁଡ଼ା ଗ୍ରାମବାସୀଙ୍କ ସମେତ ଆଦିବାସୀ ସମ୍ପ୍ରଦାୟର ଲୋକେ ଏମ୍‌ଭି-୨୬ ଗାଁରେ ପଶି ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିବା ସହ ୫୦ରୁ ଊର୍ଦ୍ଧ୍ୱ ଘରେ ନିଆଁ ଲଗାଇ ଜାଳିଦେଇଛନ୍ତି। ଜିଲାରେ ଶାନ୍ତି ବଜାୟ ରଖିବାକୁ ମାଲକାନଗିରି ଜିଲାରେ ସୋମବାର ସନ୍ଧ୍ୟା ୬ଟାରୁ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ ସହ ବିଦେଶୀ ମଦଦୋକାନ ବନ୍ଦ ପାଇଁ ଜିଲାପାଳ ସୋମେଶ ଉପାଧ୍ୟାୟ ନିର୍ଦ୍ଦେଶ ଜାରି କରିଛନ୍ତି।

ସୋମବାର ସକାଳ ୯ ଟାରେ ରାଖେଲଗୁଡ଼ା ପୋଲ ନିକଟରେ ଥିବା ହାଟପଦାରେ ଆଦିବାସୀ ସମାଜ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଏକାଠି ହୋଇଥିଲେ। ଉକ୍ତ ପୋଲ ଉପରେ ଏସ୍‌ପିଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ମଧ୍ୟ ଆଦିବାସୀମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏମ୍‌ଭି-୨୬ ଗାଁ ଅଭିମୁଖେ ବାହାରିଥିଲେ। ପୋଲିସର ବାରଣ ସତ୍ତ୍ୱେ ଉତ୍ତ୍ୟକ୍ତ ଲୋକେ ଏମ୍‌ଭି-୨୬ ଗାଁରେ ଘରେ ଘରେ ପଶି ଭଙ୍ଗାରୁଜା କରିବା ସହ ବହୁ ଆସବାବପତ୍ର, ଗାଡ଼ି, ମୋଟରସାଇକେଲ ସହ ଘରେ ନିଆଁ ଲଗାଇ ଦେଇଥିଲେ। ସୋମବାର ଏମ୍‌ଭି -୨୬ ଗାଁର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଘର ପୋଡ଼ି ନଷ୍ଟହେବା ସହ ବହୁ ଗାଡିମୋଟର, ଧାନ ଚାଉଳ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ସେହିପରି ଏମ୍‌ଭି- ୨୬ ଗାଁରେ ପୋଲିସ ଫ୍ଲାଗ୍ ମାର୍ଚ୍ଚ କରିବା ସହ ଗାଁ ଏବଂ ଆଖପାଖ ଅଞ୍ଚଳରେ ପୋଲିସ ଫୋର୍ସ ଏବଂ ବିଏସ୍‌ଏଫ୍ ଯବାନଙ୍କୁ ମୁତୟନ କରାଯାଇଛି।

ଅନ୍ୟପକ୍ଷେ ଜିଲାର ୨୧୪ଟି ଗ୍ରାମରୁ ପ୍ରାୟ ୪ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସୋମବାର ଏମ୍‌ଭି- ୩ ରାଧାଗୋବିନ୍ଦ ମନ୍ଦିରରେ ଏକାଠି ହୋଇଥିଲେ। ସେଠାରେ ସେମାନେ ଏକ ବୈଠକ କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନିଜର ସୁରକ୍ଷା ନେଇ ଦାବି ଜଣାଇଥିଲେ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ସ୍ଥିତି ନିୟନ୍ତ୍ରଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଉଭୟ ଗୋଷ୍ଠୀଙ୍କୁ ଅନୁରୋଧ କରିଥିଲେ। ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଏମ୍‌ଭି -୨୬ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ରାଖେଲଗୁଡ଼ାଠାରେ ଆଦିବାସୀ ସମାଜ ପକ୍ଷରୁ ଆୟୋଜିତ ବୈଠକରେ ଯୋଗଦେଇଥିଲେ। ଏଭଳି ପରିସ୍ଥିତିରେ ଆଇନକୁ ହାତକୁ ନ ନେବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସନ୍ଧ୍ୟା ସୁଦ୍ଧା ସ୍ଥିତି ନିୟନ୍ତ୍ରଣ ଥିବାବେଳେ ଏମ୍‌ଭି -୨୬ ଗାଁର ଅଧିକାଂଶ ଲୋକ ଗାଁ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି। ଶାନ୍ତି ପାଇଁ ଜିଲା ପ୍ରଶାସନ ପକ୍ଷରୁ ୨ଗୋଷ୍ଠୀଙ୍କୁ ଡକାଯାଇ ଆଲୋଚନା କରାଯିବ ବୋଲି ଏସ୍‌ପି ବିନୋଦ ପାଟିଲ ସୂଚନା ଦେଇଛନ୍ତି।

## ବିଧାନସଭା ସରଗରମ...

ଦୁଇଟି ସମ୍ବେଦନଶୀଳ ଘଟଣା ଘଟିଲାଣି। ପୂର୍ବରୁ ଜଣେ ନାବାଳିକାଙ୍କୁ ୩ଜଣ ଗଣବଳାତ୍କାର କରିଥିବାବେଳେ ଏବେ ଦିନକ ପୂର୍ବରୁ ଜଣେ ମହିଳା ଧାନ କାଟିବାକୁ ବିଲକୁ ଯାଇଥିବାବେଳେ ୪ଜଣ ବ୍ୟକ୍ତି ତାଙ୍କୁ ବଳାତ୍କାର କରିବା ପରେ ଗଳାକାଟି ହତ୍ୟା କରିବା ଘଟଣା ଏବେ ତୀବ୍ର ରୂପ ନେଇଛି। ସେ କହିଛନ୍ତି, ଏତେବଡ଼ ଘଟଣା ଘଟିଥିଲେ ହେଁ ସେଠାରେ ଇଣ୍ଟେଲିଜେନ୍ସ କ'ଣ କରୁଛି? ପରିସ୍ଥିତି ଏପରି ହେଲା, ଦୁଇ ଗୋଷ୍ଠୀ ମୁହାଁମୁହିଁ ଓ ୫୦ ଘର ଜାଳି ପୋଡ଼ିବା ପର୍ଯ୍ୟନ୍ତ ଗଲାଣି। ହେଲେ ରାଜ୍ୟ ସରକାର ନିଘୋଡ଼ ନିଦ୍ରାରେ ଶୋଇଛନ୍ତି। ମାଲକାନଗିରିରେ ଅଘଟଣ ବିଷୟରେ ଗୃହ ବିଭାଗ ଜାଣି ନ ପାରିବା ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାର କହିଛନ୍ତି, ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କର। କିନ୍ତୁ ସେହି କେନ୍ଦ୍ର ସରକାର ବାଂଲାଦେଶୀ ମାନଙ୍କୁ ସେଠାରେ ରଖି ନ ଥିଲେ କି? ମୁଖ୍ୟମନ୍ତ୍ରୀ ଆଇନଶୃଙ୍ଖଳାକୁ ନେଇ ଗୃହରେ ଭୁଲ୍ ତଥ୍ୟ ଦିଅନ୍ତୁ ନାହିଁ। ତତ୍କ୍ଷଣାତ୍ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବାକୁ ସେ ଦାବି ରଖିଥିଲେ।

ଏହି ଆଲୋଚନାରେ ସ୍ୱର ମିଳାଇ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ କହିଛନ୍ତି, ମହିଳାଟିଏ ବିଲକୁ ଧାନ କାଟିବାକୁ ଯାଉଛି କିନ୍ତୁ ତାଙ୍କୁ ବୀଭତ୍ସ ହତ୍ୟା କରାଯାଉଛି। ପରେ ଗୋଟେ ମିସିଂ କେସ୍ ରୁଜୁ ହେଲା କିନ୍ତୁ ଯେତେବେଳେ ମହିଳାଙ୍କୁ ଖୋଜାଖୋଜି କରାଗଲା ସେତେବେଳକୁ ତାଙ୍କର ମୃତଦେହ ମିଳୁଛି; ଯାହାକୁ ନେଇ ସେଠାରେ ବଡ଼ ଧରଣର ଗୋଷ୍ଠୀ ସଂଘର୍ଷ ଆରମ୍ଭ ହୋଇଛି। ବଙ୍ଗାଳୀ ଓ ଆଦିବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଜାରି ରହିଛି। ତାକୁ କାହିଁକି ହାଲୁକା ଭାବରେ ପୋଲିସ ନେଉଛି। ଘଟଣା ପୂର୍ବରୁ ପୋଲିସ କାହିଁକି ଚୁପ୍ ବସିଥିଲା। ମୋ ମାଲକାନଗିରିର ଆଇନ ଶୃଙ୍ଖଳା ପ୍ରତି ମୁଖ୍ୟମନ୍ତ୍ରୀ ଧ୍ୟାନ ଦିଅନ୍ତୁ । କାହିଁକି ନା ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି ବୋଲି ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ।

## ବାରବାଟୀରେ ଭାରତ-ଦକ୍ଷିଣ...

ରହିଛି। ତେବେ ଏହି ଗ୍ରାଉଣ୍ଡରେ ଟି୨୦ ଫର୍ମାଟରେ ଭାରତୀୟ ଦଳ ମଧ୍ୟ ବିଜୟ ସ୍ୱାଦ ଚାଖିଛି। ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ଏକ ଟି୨୦ ମ୍ୟାଚ୍‌କୁ ଭାରତ ୯୩ ରନର ବଡ଼ ବ୍ୟବଧାନରେ ଜିତିଥିଲା। କିନ୍ତୁ ଟିମ୍ ଇଣ୍ଡିଆ ଏଥର ଏହି ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ବିପକ୍ଷ ରେକର୍ଡରେ ସୁଧାର ଆଣିବା ଲକ୍ଷ୍ୟରେ ରହିଛି।

ଟିମ୍ ଇଣ୍ଡିଆ ଏହି ମ୍ୟାଚ୍ ଲାଗି ଦଳରେ କୌଣସି ବିଶେଷ ପରିବର୍ତ୍ତନ କରିବ ନାହିଁ। ଏ ନେଇ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଦଳୀୟ ନେଟ୍ ସେଶନ ପୂର୍ବରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତୀୟ ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍ ଦୀର୍ଘ ସମୟ ଧରି ସୋମବାର ନେଟ୍ସରେ ଝାଳ ବୁହାଇଥିଲେ। ଏହାର ଅର୍ଥ ସେ ଏବେ ବେକଜନିତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ସାରିଛନ୍ତି। ଇଞ୍ଜୁରି କାରଣରୁ ସେ ଦ. ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଓ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଥିଲେ। ସୋମବାର ତାଙ୍କ ବ୍ୟାଟିଂ ପ୍ରାକ୍ଟିସରୁ ତାଙ୍କର ଖେଳିବା ନିଶ୍ଚିତ ମନେହେଉଛି। ତାଙ୍କ ବ୍ୟତୀତ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ସେ ମଧ୍ୟ ଇଞ୍ଜୁରୀ କାରଣରୁ ଗତ ୨ ମାସ ହେଲା କ୍ରିକେଟରୁ ଦୂରେଇ ରହିଥିଲେ। ଉଭୟ ଖେଳାଳି ଏସିଆ କପ୍ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଥିଲେ। ତେବେ ଉଇକେଟକିପର ଭାବେ କିଏ ଖେଳିବ, ତାହାକୁ ନେଇ ପ୍ରଶ୍ନବାଚୀ ରହିଛି। ଦଳରେ ଉଇକେଟକିପର ଭାବେ ସଞ୍ଜୁ ସାମସନ ଓ ଜୀତେଶ ଶର୍ମା ସ୍ଥାନ ପାଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କୁ ହିଁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯିବ। ସାମସନ ଜଣେ ଟପ୍ ଅର୍ଡର ବ୍ୟାଟର ଭାବେ ନିଜକୁ ପ୍ରତିଷ୍ଠିତ କରାଇ ସାରିଛନ୍ତି। ହେଲେ ଦଳରେ ଗିଲ୍‌ଙ୍କ ଉପସ୍ଥିତି ଯୋଗୁ ତାଙ୍କୁ ଟପ୍ ଅର୍ଡରରେ ସ୍ଥାନ ମିଳିବାର ସମ୍ଭାବନା ନାହିଁ। ଏଣୁ ତାଙ୍କୁ ମିଡିଲ ଅର୍ଡର କିମ୍ବା ଲୋୟର ମିଡିଲ ଅର୍ଡରରେ ଖେଳିବାକୁ ପଡ଼ିବ। ଏହି ପୋଜିଶନରେ ତାଙ୍କୁ ସୁଯୋଗ ମିଳିଥିଲେ ହେଁ ସେ ଏ ପର୍ଯ୍ୟନ୍ତ କିଛି ଆଖିଦୃଶିଆ ପ୍ରଦର୍ଶନ କରିପାରି ନାହାନ୍ତି। ଅନ୍ୟପକ୍ଷରେ ଜୀତେଶ ଜଣେ ଲୋୟର ଅର୍ଡର ବ୍ୟାଟର ଏବଂ ମ୍ୟାଚ୍ ଫିନିଶ୍ କରିବାର ଦକ୍ଷତା ମଧ୍ୟ ତାଙ୍କ ପାଖରେ ରହିଛି, ଯାହା କି ତାଙ୍କ ସପକ୍ଷରେ ଯାଇପାରେ। ଏହା ବ୍ୟତୀତ ଦଳରେ ଟିମ୍ କମ୍ବିନେଶନକୁ ଅନ୍ୟ କୌଣସି ଚିନ୍ତା ନାହିଁ। ଟିମ ଇଣ୍ଡିଆ ଦୁଇ ପେସର, ଦୁଇ ସ୍ପିନର ଓ ଦୁଇ ଅଲରାଉଣ୍ଡରଙ୍କ ସହ ମ୍ୟାଚ୍‌କୁ ଓହ୍ଲାଇବ ବୋଲି ଆଶା କରାଯାଉଛି।

**ସମ୍ଭାବ୍ୟ ଭାରତୀୟ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ଶୁବମନ ଗିଲ୍, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ସଞ୍ଜୁ ସାମସନ/ଜୀତେଶ ଶର୍ମା (ଉଇକେଟକିପର), ଶିବମ ଦୁବେ, ଅକ୍ଷର ପଟେଲ/ୱାଶିଂଟନ ସୁନ୍ଦର, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂ, କୁଲଦୀପ ଯାଦବ/ବରୁଣ ଚକ୍ରବର୍ତ୍ତୀ।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରମ(ଅଧିନାୟକ), କ୍ୱିଣ୍ଟନ ଡି କକ୍, ରିଜା ହେଣ୍ଡ୍ରିକ୍ସ/ଟ୍ରିଷ୍ଟାନ ଷ୍ଟବ୍ସ, ଡେୱାଲ୍ଡ ବ୍ରେଭିସ, ଟୋନି ଡି ଜର୍ଜି, ଡେଭିଡ୍ ମିଲର, ମାର୍କୋ ଜାନସେନ, କର୍ବିନ ବୋଶ୍ଚ, କେଶବ ମହାରାଜ, ଲୁଙ୍ଗି ଏନ୍‌ଗିଡି, ଏନରିଚ ନର୍କିଆ।

## ମ୍ୟାନେଜର ଦିଲ୍ଲୀରୁ ଗିରଫ...

ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ଗୌରବଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଥିବାବେଳେ ତାଙ୍କ ଖୋଜଖବର ମିଳୁନାହିଁ। ରବିବାର ମୁଖ୍ୟ ସାଧାରଣ ପରିଚାଳକ ରାଜୀବ ମୋଡକ, ସାଧାରଣ ପରିଚାଳକ ବିବେକ ସିଂ, ବାର୍ ମ୍ୟାନଜର ରାଜବୀର ସିଙ୍ଘାନିଆ ଏବଂ ଗେଟ୍ ମ୍ୟାନେଜର ପ୍ରିୟାଂଶୁ ଠାକୁରଙ୍କୁ ଗିରଫ କରାଯାଇଥିଲା। କୋର୍ଟରେ ହାଜର ପରେ ସେମାନଙ୍କୁ ୬ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ଗୋଆ ସରକାର ୪ ଜଣିଆ ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି। କେଉଁ କାରଣ ଏବଂ ପରିସ୍ଥିତିରୁ ଅଗ୍ନିକାଣ୍ଡ ଘଟିଲା କମିଟି ତାହାର ତଦନ୍ତ କରି ରିପୋର୍ଟ ଦେବ। ନାଇଟ୍ କ୍ଲବ୍‌ରେ ଆତସବାଜି କାର୍ଯ୍ୟ ବେଳେ ନିଆଁ ଲାଗିଯାଇଥିବା ଅଧିକାରୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

## ୪୨ବର୍ଷ ପରେ...

ଏହି ମାମଲାର ଶୁଣାଣି ହୋଇଥିଲା। ମୂର୍ତ୍ତିଗୁଡ଼ିକ ଗୋପାଳଜୀ ମନ୍ଦିରରେ ପୁନଃ ସ୍ଥାପନ ପାଇଁ କୋର୍ଟ ପରାମର୍ଶ ଦେଇଥିଲେ। ମାତ୍ର କୌଣସି କାରଣରୁ ମୂର୍ତ୍ତିଗୁଡ଼ିକ ସୁବର୍ଣ୍ଣପୁର ଫେରାଇ ଅଣାଯାଇ ପାରି ନ ଥିଲା। ତେବେ ବର୍ତ୍ତମାନର ଜିଲାପାଳ ଡ. ନୃପରାଜ ସାହୁ ଏହା ଜାଣିବା ପରେ ମୂର୍ତ୍ତିଗୁଡ଼ିକୁ ଫେରସ୍ତ ଆଣିବାକୁ ଉଦ୍ୟମ କରିଥିଲେ। ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଡ. ସୌମ୍ୟରୂପା ରଥ ଏନେଇ ଉଦ୍ୟମ ଜାରି ରଖିଥିଲେ। ମହନ୍ତ ବଂଶୀଧର ଦାସ, ଆଇନଜୀବୀ ଏବଂ ଅନ୍ୟ ଭକ୍ତଙ୍କ ସହଯୋଗରୁ ମୂର୍ତ୍ତିଗୁଡ଼ିକ ଦିନେ କିମ୍ବା ଦୁଇଦିନ ଭିତରେ ଗୋପାଳଜୀ ମନ୍ଦିରକୁ ଫେରିବା ସମ୍ଭାବନା ସୃଷ୍ଟି ହୋଇଛି।

## ଓଡ଼ିଶା ଯୋଜନାକୁ...

ମହାଜନଙ୍କ ସହ କୌଣସି ଯୋଗାଯୋଗ ହୋଇପାରିନାହିଁ। ଉପଜିଲାପାଳ ପ୍ରେମଲାଲ ହିଆଲଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ କୌଣସି ଖବର ଆସିନାହିଁ। କିନ୍ତୁ ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କ ସହ ଆଲୋଚନା କରି ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଲାଜୁକ ଷାଠିଆ**
**ପାନ ନାହିଁ ଗୁଆ ନାହିଁ**
**ଖାଲି ବଟୁଆ ।**

ଦିନହୀନ ଦରିଦ୍ର ବ୍ୟକ୍ତିଙ୍କ ପକ୍ଷେ ବଡ଼ ପଣିଆ ଶୋଭା ପାଇ ନ ଥାଏ। ନିଃସ୍ୱ ବ୍ୟକ୍ତି ଉପରକୁ ଚାକଚକ୍ୟ ଦେଖାଉଥିବା ଉପଲକ୍ଷେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅରଜେ ଜଣେ, ଖାଆନ୍ତି ପଣେ,**
**ତା' ଘରଟି ବୁଡ଼ଇ ଦିନେ।**

ଆଜିର ମହଙ୍ଗା ଯୁଗରେ ଜଣଙ୍କ ଉପାର୍ଜନରେ ଘର ଚଳାଇବା ଯେ କେତେ କଷ୍ଟକର ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରିସ୍ଥଳେ ବହୁ କୁଟୁମ୍ବୀ ଘରେ ଜଣକ ଉପାର୍ଜନରେ ଅନ୍ୟମାନେ ପୋଷିହେଲେ ସେ ଘରେ ଆର୍ଥିକ ସମସ୍ୟା ଲାଗି ରହିବା ସହ ଘରର ଉନ୍ନତି ହୋଇପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଘରକୁ ଡାକି ମହିଳାଙ୍କୁ ବଳାତ୍କାର

## ■ ସ୍ୱାମୀ ବଳାତ୍କାର କରୁଥିବାବେଳେ ସ୍ତ୍ରୀ କଲେ ଭିଡିଓ
## ■ ଚାପରେ ଅଭିଯୁକ୍ତଙ୍କୁ ଧରୁନି ପୋଲିସ

**ପଡ଼ୋଶୀ ମହିଳାଙ୍କୁ ଚାଉଳ ଚୂନା କରିଦେବାକୁ କହି ଘରକୁ ଡାକିଲେ। ପରେ ସ୍ତ୍ରୀଙ୍କ ସହଯୋଗରେ ଉକ୍ତ ମହିଳାଙ୍କୁ ଘର ଭିତରେ ବଳାତ୍କାର କଲେ। ଏପରି କି ଅଭିଯୁକ୍ତ ବଳାତ୍କାର କରୁଥିବା ସମୟରେ ତାଙ୍କ ସ୍ତ୍ରୀ ଏହାର ଭିଡିଓ ଉତ୍ତୋଳନ କରିଥିଲେ। ଯେତେବେଳେ ଡାକିଲେ ଆସିବୁ, ନଚେତ୍ ଭିଡିଓ ଭାଇରାଲ୍ କରିଦେବାର ଧମକ୍ ଦେଲେ। ଏଭଳି ଏକ ଅଭାବନୀୟ ଘଟଣା ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ କଷାଫଳ ଗ୍ରାମରେ ଘଟିଛି। ଘଟଣାଟି ଗତ ୨୮ ତାରିଖରେ ଘଟିଥିବାବେଳେ ଏହାକୁ ଚପାଇ ଦେବାପାଇଁ ପୀଡ଼ିତା ମହିଳାଙ୍କ ଉପରେ ଚାପ ପକାଯାଇଥିଲା। ଏପରି କି ସମ୍ପୃକ୍ତା ମହିଳା ଗତ ୩ତାରିଖରେ ଏତଲା ଦେଇଥିଲେ ସୁଦ୍ଧା ପୋଲିସ ମାମଲା ରୁଜୁ କରି ନ ଥିଲା। ପରେ ବିଜେଡିର କେତେଜଣ ନେତା ପୋଲିସ ଡିଆଇଜିଙ୍କୁ ଭେଟି ଘଟଣା ସମ୍ପର୍କରେ କହିବା ପରେ ପୋଲିସ ଗତ ୬ତାରିଖରେ ବଳାତ୍କାର ମାମଲା ରୁଜୁ କରିଥିଲା। ହେଲେ ଅଭିଯୁକ୍ତ ଗଣେଶ ରଣାଙ୍କୁ ଗିରଫ କରୁନାହିଁ। ରାଜନୈତିକ ଚାପରେ ପୋଲିସ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା କୁହାଯାଉଥିବାବେଳେ ପୀଡ଼ିତା ଜଣେ ପୂର୍ବତନ ବିଧାୟକଙ୍କ ପୁତୁରା ବୋହୂ ବୋଲି ଜଣାପଡ଼ିଛି।**

ବାଲେଶ୍ୱର,୮।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ସିଂଲା ଥାନା ସାର୍ଥା ଫାଣ୍ଡି ଅନ୍ତର୍ଗତ କଷାଫଳ ଗ୍ରାମର ଗଣେଶ ଗତ ୨୮ ତାରିଖରେ ସେହି ଗ୍ରାମର ଜଣେ ମହିଳାଙ୍କୁ ଚୂନା (ଚାଉଳ ଗୁଣ୍ଡ) କୁଟିବା ପାଇଁ ଘରକୁ ଡାକିଥିଲେ। ଗଣେଶଙ୍କ ସ୍ତ୍ରୀ ମଧ୍ୟ ଘରେ ଥିଲେ। ଏହି ସମୟରେ ସ୍ୱାମୀଙ୍କ ପାଖରେ ଉକ୍ତ ମହିଳାଙ୍କୁ ଶୋଇବା ପାଇଁ ଗଣେଶଙ୍କ ସ୍ତ୍ରୀ କହିଥିଲେ। ମହିଳା ଜଣକ ରାଜି ନ ହୋଇ ପଳାଇ ଆସୁଥିବାବେଳେ ସମ୍ପୃକ୍ତ ଦମ୍ପତି ଜୋରଜବରଦସ୍ତ ତାଙ୍କୁ ଅଟକାଇଥିଲେ। ମହିଳାଙ୍କୁ ଗଣେଶ ବଳାତ୍କାର କରୁଥିବା ସମୟରେ ସ୍ତ୍ରୀ ମୋବାଇଲରେ ଭିଡିଓ ଉତ୍ତୋଳନ କରିଥିଲେ। ପୁଣି ଥରେ ତାଙ୍କ ସହ ସମ୍ପର୍କ ରଖିବାକୁ କହିଥିଲେ। ନହେଲେ ଭିଡିଓ ଭାଇରାଲ୍ କରିଦେବେ ବୋଲି ଧମକ ଦେଇଥିଲେ। ଏନେଇ ମହିଳା ଜଣକ ସେହିଦିନ ସାର୍ଥା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ମାମଲା ରୁଜୁ ନ କରି ମହିଳାଙ୍କୁ ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗତ ୬ ତାରିଖରେ ବିଜେଡିର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସୁକାନ୍ତ ନାୟକ ଓ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ପୂର୍ବାଞ୍ଚଳ ଡିଆଇଜି ମିଶ୍ରଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପୋଲିସ ମାମଲା ରୁଜୁ ନ କରି ଚୁପ୍ ବସିଥିବା ଅଭିଯୋଗ କରିଥିଲେ। ଡିଆଇଜିଙ୍କ ନିର୍ଦ୍ଦେଶ କ୍ରମେ ଗତ ୬ ତାରିଖରେ ସିଂଲା ଥାନାରେ ଏକ ମାମଲା (ନଂ. ୨୮୬/୨୫) ରୁଜୁ ହୋଇଥିଲା। ଅପରପକ୍ଷରେ ଗଣେଶଙ୍କ ସ୍ତ୍ରୀ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଥିଲେ। ମହିଳା ଜଣକ ତାଙ୍କ ସ୍ୱାମୀ ଗଣେଶଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ଏବଂ ମହିଳାଙ୍କ ସ୍ୱାମୀ, ଦିଅର ମିଶି ମାରପିଟ୍ କରିବା ସହ ଘରେ ପଶି ଭଙ୍ଗାରୁଜା କରିବା ଏବଂ ସୁନା ମଙ୍ଗଳସୂତ୍ର ଓ ୨୦ହଜାର ଟଙ୍କା ନେଇଥିବା ଏତଲାରେ ଦର୍ଶାଇଥିଲେ। ଏନେଇ ଏକ ମାମଲା (ନଂ. ୨୮୭/୨୫) ରୁଜୁ ହୋଇଛି। ଅଭିଯୁକ୍ତ ଗଣେଶ ଫେରାର ଥିବାବେଳେ ଉଭୟପକ୍ଷର ଅନ୍ୟ ସମସ୍ତଙ୍କୁ ଥାନା ପକ୍ଷରୁ ନୋଟିସ୍ ଦିଆଯାଇଥିବା ପୋଲିସ କହିଛି। ଅପରପକ୍ଷରେ ଗଣେଶଙ୍କୁ ପୋଲିସ ରାଜନୈତିକ ଚାପରେ ଗିରଫ କରୁ ନ ଥିବା ଆଲୋଚନା ହେଉଛି।

# ୫ ଅଭିଯୁକ୍ତଙ୍କ ଚାର୍ଜଫ୍ରେମ୍, ୧୯ରେ ବିଚାର

## ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲା

ବ୍ରହ୍ମପୁର,୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଥିବା ବେଳେ ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ-୨) ଆୟୁଷ୍ମାନ ମହନ୍ତଙ୍କ କୋର୍ଟରେ ଏହାର ବିଚାର ଚାଲିଛି। ସୋମବାର ଚାର୍ଜଫ୍ରେମ୍ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ୫ ଅଭିଯୁକ୍ତ ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇଙ୍କୁ ପୋଲିସ କଡ଼ା ସୁରକ୍ଷାରେ ଆଣି କୋର୍ଟରେ ହାଜର କରିଥିଲା। ସେମାନଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଯେଉଁସବୁ ଦଫା ଲଗାଇଛି ସେ ନେଇ ଜଜ୍ କହିଥିଲେ। ସେ ସବୁ ଚାର୍ଜଫ୍ରେମ୍ ହୋଇଛି ବୋଲି ଜଜ୍ ସେମାନଙ୍କୁ କହିଥିଲେ। ଆସନ୍ତା ୧୯ ତାରିଖରେ ପ୍ରଥମ ସାକ୍ଷୀ କୋର୍ଟରେ ହାଜର ହୋଇ ବୟାନ ରଖିବା ନିମନ୍ତେ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ଡିଏସ୍‌ପି ସରିତା ମହାପାତ୍ର ସୂଚନା ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କାଳୀ ଚରଣ ମିଶ୍ର ଏହି ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ଗତ ଜୁନ୍ ୧୫ ସନ୍ଧ୍ୟାରେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ଗୋପାଳପୁର ବେଳାଭୂମିରେ ତାଙ୍କ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର କରାଯାଇଥିଲା। ଏନେଇ ଅଭିଯୋଗ ପରେ ଗୋପାଳପୁର ଥାନା ପୋଲିସ ନଂ.୧୮୬/୨୫ରେ ମାମଲା ରୁଜୁ କରିଥିଲା। ଜୁନ ୧୬ରେ ୬ ଜଣ ସାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ୪ ନାବାଳକଙ୍କୁ ଧରି ଜୁଭେନାଇଲ ଜଷ୍ଟିସ୍ ବୋର୍ଡ (ଜେଜେବି)ରେ ହାଜର କରିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଜୁନ୍ ୧୭ରେ ଉକ୍ତ ମାମଲାର ତଦନ୍ତ ଭାର ନେଇଥିଲା। ୪୪ ଦିନରେ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଜେଏମଏଫସି (ଗ୍ରାମାଞ୍ଚଳ) ରିତିକା ଜେନା କୋର୍ଟରେ ୫୭୪ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଥିଲେ। ସେଥିରେ ୫ଜଣ ସାବାଳକ ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ ଓ ୪ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ଅନ୍ୟତମ ଅଭିଯୁକ୍ତ ଓମ୍ ପ୍ରଧାନଙ୍କୁ ଚାର୍ଜଶିଟରୁ କ୍ରାଇମବ୍ରାଞ୍ଚ ବାଦ୍ ଦେଇଥିଲା। ଓମ୍‌ଙ୍କୁ ମାମଲାରୁ ଡିସଚାର୍ଜ କରିବାକୁ ତାଙ୍କ ଓକିଲ ତଳ କୋର୍ଟ ଓ ପରେ ଜିଲା ଜଜକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏଠାରେ ତାହା ଖାରଜ ପରେ ହାଇକୋର୍ଟରେ ବିଚାରାଧୀନ ରହିଛି।

# ନକଲି ସୁନାଶଙ୍ଖ ସହ ୬ ଗିରଫ

## ଡକାୟତି ଉଦ୍ୟମ ପଣ୍ଡ କଲା ପୋଲିସ



ଖବରଦାତା ସମ୍ମିଳନୀରେ ପୋଲିସ ଘଟଣା ଓ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

ପାପଡ଼ାହାଣ୍ଡି, ୮।୧୨(ସ୍ୱପ୍ନଜିତ ପଟ୍ଟନାୟକ)

ଜଙ୍ଗଲ ନିକଟରେ ଚାଲିଥିଲା ଡକାୟତି ଉଦ୍ୟମ, ଖବରପାଇ ମାଡ଼ି ବସିଲା ପୋଲିସ। ଘଟଣାସ୍ଥଳରୁ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ଏକ ନକଲି ସୁନାଶଙ୍ଖ ସହ ଗୋଟିଏ କାର୍, ଅନେକ ମାରଣାସ୍ତ୍ର, ୯ ମୋବାଇଲ ଓ ନଗଦ ୧୪ହଜାର ୫୦୦ ଟଙ୍କା ମିଳିଥିବା ଏଏସ୍‌ପି ଆଦିତ୍ୟ ସେନ ସୋମବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ରାମ ଚାଲାଣ, ଗୋପାଳ ମାଝୀ, ଅସ୍ତୁ ମାଝୀ, କ୍ରିଷ୍ଣା ପନକା, ତ୍ରିପତି ବିନ୍ଧାଣି, ଉମେଶ ରାଜ ଭାରତୀ। ଫେରାର ଅଭିଯୁକ୍ତ ହେଲେ ବଳରାମ ହରିଜନ।

ପୋଲିସ ସୂଚନାନୁଯାୟୀ, ଶନିବାର ରାତିରେ ମୈଦଲପୁର ଥାନା ଅଧିକାରୀ ବିପିନ କୁମାର କୁଲଦୀପଙ୍କ ଟିମ୍ ମୈଦଲପୁରସ୍ଥିତ ନୀଳାଦ୍ରିଗୁଡ଼ା ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କେତେଜଣ ଯୁବକ ମୈଦଲପୁର ଜଙ୍ଗଲରେ କାର୍ ରଖି କଥା ହେଉଥିବା ଦେଖି ପୋଲିସକୁ ସନ୍ଦେହ ହେବାରୁ ତାଙ୍କ ନିକଟରେ ପହଞ୍ଚି ପଚରାଉଚରା କରିଥିଲା। ଏହି ସମୟରେ ବଳରାମ ଘଟଣାସ୍ଥଳରୁ ଦୌଡ଼ିପଳାଇଥିଲେ। ଅନ୍ୟମାନଙ୍କୁ ପୋଲିସ କାବୁକରି ଯାଞ୍ଚ କରିବାବେଳେ ନକଲି ସୁନାଶଙ୍ଖ ସହ ମାରଣାସ୍ତ୍ର, ମୋବାଇଲ, ଟଙ୍କା ଆଦି ମିଳିଥିଲା। ପୋଲିସ ସେମାନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଖବରଦାତା ସମ୍ମିଳନୀରେ ପାପଡ଼ାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କାଣ୍ଡେଲକେଲ, ଆଇଆଇସି ବିପିନ କୁମାର କୁଲଦୀପ, ଏଏସ୍‌ଆଇ କମଳ ଲୋଚନ ନାୟକ ଓ ଲୋକେଶ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ୬୮ ଲକ୍ଷର ବ୍ରାଉନସୁଗାର ଜବତ, ମା' ପୁଅ ଗିରଫ

କାମାକ୍ଷାନଗର, ୮।୧୨
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅବକାରୀ ବିଭାଗ ପକ୍ଷରୁ ରବିବାର ସନ୍ଧ୍ୟାରେ ମୁଣ୍ଡିଦେଉଳି ଅଞ୍ଚଳରେ ଚଢ଼ାଉ କରାଯାଇ ୬୮୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୬୮ ଲକ୍ଷ ଟଙ୍କା ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ଘଟଣାରେ ସଂପୃକ୍ତ ମା' ଓ ପୁଅଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣେ ପୁଅ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

ପ୍ରକାଶ ଯେ, କାମାକ୍ଷାନଗର ଥାନା କାଦୁଆ ପଞ୍ଚାୟତ ଗାଲୁକାଟେଣୀ ଗ୍ରାମର ମମତା ସାହୁ (୪୩) ଓ ତାଙ୍କ ପୁଅ ଆଶୁତୋଷ ମୁଣ୍ଡିଦେଉଳି ଅଞ୍ଚଳରେ ଏକ ଭଡ଼ା ଘର ନେଇ ବ୍ରାଉନସୁଗାର କାରବାର କରୁଥିଲେ। ଅବକାରୀ ବିଭାଗ ଓ ପୋଲିସକୁ ଚକ୍‌ମା ଦେଇ ଦୀର୍ଘଦିନ ଧରି ସେମାନେ ଏହି କାରବାର ଚଳାଇ ଆସୁଥିଲେ। ରବିବାର ସନ୍ଧ୍ୟାରେ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଡିଏସ୍‌ପି ସାଓ୍ୱନ କୁମାର ଭୋଳଙ୍କ ନେତୃତ୍ୱରେ କାମାକ୍ଷାନଗର ଅବକାରୀ ଥାନା ଅଧିକାରୀ ସୌରଭ ମିଶ୍ର, ଏସ୍‌ଆଇ ପୁରୁଷୋତ୍ତମ ମିଶ୍ର, ସୁନିତା କେରକେଟାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଚଢ଼ାଉ କରିଥିଲେ। ସେମାନଙ୍କଠାରୁ ୬୮୦ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହିତ ମା' ଓ ପୁଅଙ୍କୁ ଗିରଫ କରିଥିଲେ। ତେବେ ଏହି ବ୍ରାଉନସୁଗାର କେଉଁଠୁ ଆସୁଥିଲା ଓ କେଉଁଠାକୁ ଚାଲାଣ ହେଉଥିଲା ଏବଂ ଏହି କାରବାରରେ ରାଜ୍ୟ ବାହାର ବେପାରୀମାନଙ୍କ ସମ୍ପର୍କ ରହିଛି କି ନାହିଁ ସେ ନେଇ ଅବକାରୀ ବିଭାଗ ତଦନ୍ତ ଚଳାଇଛି।

# ବ୍ୟାଟ୍‌ରେ ଗଞ୍ଜେଇ ଚାଲାଣ, ୨ ବଙ୍ଗୀୟ ଯୁବକ ଗିରଫ

ବ୍ରହ୍ମପୁର, ୮।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜେଇ ଚାଲାଣକାରୀମାନେ ବିଭିନ୍ନ ଉପାୟରେ ସେମାନଙ୍କ କାରବାର ଚଳାଇଛନ୍ତି। ସୋମବାର ୨ ଯୁବକ କ୍ରିକେଟ ବ୍ୟାଟ ଭିତରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡିଛନ୍ତି।

ଖୋର୍ଦ୍ଧା ଡିଭିଜନ ରେଳ ସୁରକ୍ଷା ବଳ (ଆର୍‌ପିଏଫ)ର ସ୍ପେଶାଲ ଟାସ୍କ ଫୋର୍ସ ଗୋଇନ୍ଦା ସୂଚନା ଆଧାରରେ ବ୍ରହ୍ମପୁର ରେଳ ଷ୍ଟେଶନ ଫୁଟ ଓଭର ବ୍ରିଜରେ ଛିଡା ହୋଇଥିବା ୨ ଯୁବକଙ୍କୁ କାବୁ କରିଥିଲା। ସେମାନେ ଧରିଥିବା ଅଖା ବସ୍ତାଗୁଡିକ ଯାଞ୍ଚ କରିବାରୁ ସେଥିରେ ୧୦ଟି କ୍ରିକେଟ ବ୍ୟାଟ, ୧୩ଟି ଏୟାର ବ୍ୟାଗ ଥିବା ଜଣାପଡିଥିଲା। ବ୍ୟାଟଗୁଡିକ କାଟିବା ବେଳେ ତାହା ଭିତରୁ ଗଞ୍ଜେଇ ମିଳିଥିଲା। ସେହିପରି ବ୍ୟାଗଗୁଡିକରେ ମଧ୍ୟ ଗଞ୍ଜେଇ ରହିଥିଲା। ସେଠାରୁ ମୋଟ ୧୭କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ପରେ ଉକ୍ତ ଟିମ୍ ଜିଆରପିରେ ଗଞ୍ଜେଇ ସହ ୨ ଅଭିଯୁକ୍ତଙ୍କୁ ଜିମା ଦେଇଥିଲା। ଅଭିଯୁକ୍ତ ଯୁବକ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ଅଲ୍ଲୀ ହୁସେନ(୨୨) ଓ ରୋନି ଶେଖ(୨୦)। ପୋଲିସକୁ ଦେଖି ରୋନି ରେଳବାଇ ଫୁଟ ଓଭରବ୍ରିଜ ଉପରୁ ଡେଇଁ ଆହତ ହୋଇଥିବର ସୂଚନା ମିଳିଛି। ସେମାନେ କନ୍ଧମାଳରୁ ଗଞ୍ଜେଇ ଆଣି କେରଳ ଚାଲାଣ କରୁଥିଲେ। ବିବେକ ଏକ୍ସପ୍ରେସ ଟ୍ରେନରେ ବ୍ରହ୍ମପୁରରୁ ଏର୍ନାକୁଲମ ଯିବା ପାଇଁ ସେକଣ୍ଡ କ୍ଲାସ ଏସିରେ ଟିକେଟ କରିଥିଲେ। ମାମଲା ନଂ. ୧୫୩/୨୫ରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## Business

# ନଭେମ୍ବରରେ ଯାନ ବିକ୍ରି ବୃଦ୍ଧି

## ୨ ଚକିଆ ବିକ୍ରି ୩% ହ୍ରାସ

ଭୁବନେଶ୍ୱର,୮।୧୨

୨୦୨୫ ନଭେମ୍ବରରେ ଭାରତର ଅଟୋମୋବାଇଲ ରିଟେଲ ବିକ୍ରୟ ପାର୍ବଣ ଋତୁ ପରେ ମଧ୍ୟ ଭଲ ପ୍ରଦର୍ଶନ କରିଛି। ଯାନ ରେଜିଷ୍ଟ୍ରେଶନ ୨% ବୃଦ୍ଧି ପାଇ ୩୩ ଲକ୍ଷ ୟୁନିଟ୍‌ରେ ପହଞ୍ଚିଛି, ଯେଉଁଥିରେ ପାସେଞ୍ଜର୍ ଯାନ, ବାଣିଜ୍ୟିକ ଯାନ, ତିନି ଚକିଆ ଏବଂ ଟ୍ରାକ୍ଟର ସେଗ୍‌ମେଣ୍ଟରେ ଦୃଢ଼ ଚାହିଦା ଦେଖାଯାଇଛି। ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଫାଡା) ତଥ୍ୟ ଅନୁସାରେ, ୨୦୨୪ ନଭେମ୍ବରରେ ୩୨,୩୧,୫୨୬ ୟୁନିଟ୍ ବିକ୍ରୟ ହୋଇଥିବାବେଳେ ଚଳିତବର୍ଷ ଏହା ୩୩,୦୦,୮୩୨ ୟୁନିଟକୁ ବୃଦ୍ଧି ପାଇଛି। ଫାଡା ଅଧ୍ୟକ୍ଷ ସି.ଏସ.ବିଗ୍ନେଶ୍ୱର କହିଛନ୍ତି, ଜିଏସ୍‌ଟି ହାରରେ ସଂଶୋଧନ ଏବଂ ଅରିଜିନାଲ ଇକ୍ୱିପମେଣ୍ଟ ମାନ୍ୟୁଫ୍ୟାକ୍ଟରର(ଓଇଏମ୍)-ଡିଲର ଅଫରଗୁଡ଼ିକ ଗ୍ରାହକମାନଙ୍କୁ ଗାଡ଼ି କିଣିବାକୁ ଉତ୍ସାହିତ କରିଛି। ପାସେଞ୍ଜର୍ ଯାନ ସେଗମେଣ୍ଟରେ ୨୦% ବୃଦ୍ଧି ହୋଇଛି। ଗତବର୍ଷ ୩,୨୯,୨୫୩ ୟୁନିଟ୍ ବିକ୍ରି ହୋଇଥିବାବେଳେ ଏବର୍ଷ ୩,୯୪,୧୫୨ ୟୁନିଟ୍ ରେଜିଷ୍ଟ୍ରେଶନ ହୋଇଛି। ମାତ୍ର ୨ ଚକିଆ ବିକ୍ରୟ ୩% ହ୍ରାସ ପାଇଛି ଅର୍ଥାତ୍ ୨୫,୪୬,୧୮୪ ୟୁନିଟ୍ ବିକ୍ରି ହୋଇଛି। ବାଣିଜ୍ୟିକ ଯାନ ରେଜିଷ୍ଟ୍ରେଶନ ୨୦% ବୃଦ୍ଧି ପାଇ ୯୪,୯୩୫ ୟୁନିଟ ହୋଇଛି। ୩ ଚକିଆ ରିଟେଲ ୨୪% ବୃଦ୍ଧି ପାଇ ୧,୩୩,୯୫୧ ୟୁନିଟ୍ ଏବଂ ଟ୍ରାକ୍ଟର୍ ୫୭% ବୃଦ୍ଧି ପାଇ ୧,୨୬,୦୩୩ ୟୁନିଟ୍ ହୋଇଛି। ଗ୍ରାମ୍ୟ ଅର୍ଥନୀତିରେ ସୁଧାର ଯୋଗୁ ଆଗାମୀ ମାସର ଆଉଟଲୁକ ସକାରାତ୍ମକ ରହିଛି। ଆଗାମୀ ତିନି ମାସରେ ଜିଏସ୍‌ଟି ୨.୦ର ଟ୍ୟାକ୍ସ ରେସନାଲାଇଜେଶନ, ଦୃଢ଼ ଏନ୍‌କ୍ୱାରି ପାଇପଲାଇନ ଏବଂ ଗ୍ରାମ୍ୟ ଅର୍ଥନୀତିର ସୁଧାର ଯୋଗୁ ଅଟୋ ରିଟେଲ ସେକ୍ଟରରେ ତୀବ୍ରତା ବଜାୟ ରହିବ। ଏଥିରେ ୭୪% ଡିଲର ବୃଦ୍ଧିର ଆଶା କରୁଛନ୍ତି। ଜାନୁଆରୀରେ ଯାନଗୁଡ଼ିକର ମୂଲ୍ୟ ବୃଦ୍ଧିର ଆଶଙ୍କା ଅଛି । ମାତ୍ର ୨୦୨୬ର ନୂଆ ମଡେଲ ଲଞ୍ଚ, ବିବାହ ଋତୁ ଏବଂ ଗ୍ରାମ୍ୟ ବଜାରରେ ଫସଲ ବିକ୍ରୟରୁ ଲିକ୍ୱିଡିଟି ଯୋଗୁ କନଭରସନରେ ଆହୁରି ତୀବ୍ରତା ଆସିବାର ଆଶା କରାଯାଉଛି।

# ରେଳଷ୍ଟେଶନରେ ବନ୍ଦ ହେବ ଅନଧିକୃତ ବ୍ୟବସାୟ

ଭୁବନେଶ୍ୱର,୮।୧୨(ଅନୁରାଧା ମହାରଣା)



ଖୋର୍ଦ୍ଧା ରୋଡ ରେଳମଣ୍ଡଳ ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେଶନ ଏବଂ ଟ୍ରେନ୍‌ରେ ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିବା ଅନଧିକୃତ ବିକ୍ରେତାଙ୍କ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି । ଭାରତୀୟ ରେଳ ଆଇନର ବ୍ୟବସ୍ଥା ଅନୁଯାୟୀ କଡ଼ାକଡ଼ି ଭାବରେ ପାଳନ କରି ଯାତ୍ରୀ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ଅନଧିକୃତ ବିକ୍ରେତାଙ୍କ କାର୍ଯ୍ୟ ଚିହ୍ନଟ କରିବା ପାଇଁ ବାଣିଜ୍ୟିକ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବରେ ନିୟୋଜିତ କରାଯାଇଛି। ସେମାନଙ୍କ ସହିତ ରେଳ ସୁରକ୍ଷା ବଳ (ଆରପିଏଫ୍) ଏବଂ ସରକାରୀ ରେଳ ପୋଲିସ (ଜିଆର୍‌ପି) କର୍ମଚାରୀମାନେ ମଧ୍ୟ ଏହି କାର୍ଯ୍ୟାନୁଷ୍ଠାନ ଅଭିଯାନରେ ଅଂଶଗ୍ରହଣ କରୁଛନ୍ତି । ଅନଧିକୃତ ବିକ୍ରେତା ପରିଚ୍ଛନ୍ନତା ପ୍ରତି ବାଧା ସୃଷ୍ଟି କରିବା ସହ ବିକ୍ରି କରୁଥିବା ଦ୍ରବ୍ୟର ଅଧିକ ମୂଲ୍ୟ ଓ ଗୁଣବତ୍ତା ଏବଂ ସମ୍ଭାବ୍ୟ ସୁରକ୍ଷା ସମସ୍ୟା ସମେତ ଅନେକ ଚିନ୍ତା ସୃଷ୍ଟି କରିଥାନ୍ତି । ରେଳ ଆଇନ ଅନୁଯାୟୀ, ଅପରାଧୀମାନେ ଦଣ୍ଡ ଏବଂ ଜରିମାନା ସହ ଦଣ୍ଡିତ ହୋଇପାରିବେ । ଏହି ଅଭିଯାନକୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ନିଜେ ତଦାରଖ କରୁଛନ୍ତି ।

# ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ଇରେଡ଼ାର ଗୁରୁତ୍ୱ



ଭୁବନେଶ୍ୱର,୮।୧୨

ପୁରୀରେ ଅନୁଷ୍ଠିତ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀ ୨୦୨୫ରେ ଭାରତୀୟ ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ (ଇରେଡା)ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ଦାସ ଯୋଗଦେଇଥିଲେ। 'ଗ୍ରିନ୍ ଆଣ୍ଡ କ୍ଲିନ୍: ବାଲାନ୍ସିଂ ଇକୋଲଜି ଆଣ୍ଡ ଇକୋନମି' ଶୀର୍ଷକ ପ୍ୟାନେଲରେ ପ୍ରଦୀପ କହିଥିଲେ, ସବୁଜ ଶକ୍ତି କ୍ଷେତ୍ରକୁ ଫାଇନାନ୍ସ ପ୍ରଦାନ କରୁଥିବା ଇରେଡା ଦେଶରେ ୨.୭ ଲକ୍ଷ କୋଟି ଟଙ୍କା ମଞ୍ଜୁର ଓ ୧.୭ ଲକ୍ଷ କୋଟି ଟଙ୍କାକୁ ଆବଣ୍ଟନ କରିଛି। ଇସ୍ପାତ ଓ ଆଲୁମିନିୟମର ଏକ ପ୍ରମୁଖ ଉତ୍ପାଦନକାରୀ ଭାବେ ଧାତବ ରିସାଇକ୍ଲିଂ ଓ ଗ୍ରୀନ ହାଇଡ୍ରୋଜେନ ସମନ୍ୱୟ ସହ ସର୍କୁଲାର ବିନିର୍ମାଣ ହାସଲ କରିବାକୁ ଓଡ଼ିଶା ପ୍ରସ୍ତୁତ ଅଛି। ରପ୍ତାନି ପାଇଁ ପ୍ରିମିୟମ ସବୁଜ ଇସ୍ପାତ ଉତ୍ପାଦନକୁ ସକ୍ଷମ କରିବ ଓ ରାଜ୍ୟର ଜିଡିପିକୁ ବଢ଼ାଇବ। ଘୋଷଣା କରାଯାଇଥିବା ୭ ଏମଟିପିଏରୁ ଅଧିକ ଗ୍ରୀନ ଆମୋନିଆ କ୍ଷମତା ଓ ଅନେକ ଶିଳ୍ପ କ୍ଲଷ୍ଟର ସହ ସାରା ଓଡ଼ିଶାରେ ଗ୍ରୀନ ହାଇଡ୍ରୋଜେନକୁ ନେଇ ରହିଥିବା ବ୍ୟାପକ ସମ୍ଭାବନା ଉପରେ ସେ କହିଥିଲେ। ଓଡ଼ିଶାରେ ଏଜେନ୍ସି ପକ୍ଷରୁ ୨୪୦୦ କୋଟି ଟଙ୍କାରୁ ଅଧିକ ଆବଣ୍ଟନ କରାଯାଇଥିବା ବେଳେ ଜଳ, ସୌର, ଇଥାନଲ ଓ ବିନିର୍ମାଣ କ୍ଷେତ୍ରରେ ଏହାର ଲୋନ୍ ବୁକ୍ ୧୮୦୦ କୋଟି ଟଙ୍କା ରହିଛି। ମିଳିତ ହାଇଡ୍ରୋଜେନ ଭିତ୍ତିଭୂମି, ପ୍ଲଗ ଆଣ୍ଡ ପ୍ଲେ ଆର୍‌ଇ ପାର୍କ, ଆବଣ୍ଟିତ ସୋଲାର ପାଇଁ ଫାଇନାନ୍ସ ଓ ବିଦେଶୀ ମୁଦ୍ରା ଋଣକୁ ଏହାର ଗିଫ୍ଟ ସିଟି ସହାୟକ ସଂସ୍ଥା ଜରିଆରେ ପ୍ରଦାନ କରିବାକୁ ଇରେଡା ପ୍ରସ୍ତୁତ ରହିଛି।

# ସ୍ୱଦେଶ ଫ୍ଲାଗଶିପ ଷ୍ଟୋରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## ନୀତା ଅମ୍ବାନୀଙ୍କ ସହ ଓଡ଼ିଶାରୁ ଗୁଞ୍ଜନଙ୍କ ଯୋଗଦାନ

ଭୁବନେଶ୍ୱର,୮।୧୨

ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷା ନୀତା ଅମ୍ବାନୀ ମୁମ୍ବାଇର ଇରୋସରେ ସ୍ୱଦେଶ ଫ୍ଲାଗଶିପ ଷ୍ଟୋରରେ ଭାରତୀୟ କଳାକାର ଏବଂ କାରିଗରମାନଙ୍କୁ ସମ୍ମାନିତ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ନୀତା ଅମ୍ବାନୀ ବହୁପିଢ଼ି ଧରି କଳା ସହିତ ଜଡ଼ିତ ହୋଇ ରହିଥିବା ସଫଳ ଓ ଶ୍ରେଷ୍ଠ ଜାତୀୟ ପୁରସ୍କାର-ବିଜେତା କାରିଗରମାନଙ୍କ ସହିତ ଯୋଗ ଦେଇଥିଲେ। ଏହି ଶ୍ରେଷ୍ଠ କାରିଗରମାନଙ୍କ ମଧ୍ୟରେ ଓଡ଼ିଶା ଇକତ୍ ବସ୍ତ୍ର ଶିଳ୍ପୀ ଓ ୨୦୨୪ରେ ଜାତୀୟ ପୁରସ୍କାର ବିଜୟିନୀ ଗୁଞ୍ଜନ ଜୈନ, ଟାଙ୍ଗାଇଲ ଏବଂ ଜାମଦାନୀ ବୁଣା ପାଇଁ ପ୍ରସିଦ୍ଧ ୨୦୨୧ରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବୀରେନ ବସକ, ୨୦୧୯ରେ ଶିଳ୍ପୀ ଗୁରୁ ପୁରସ୍କାର ଏବଂ ୨୦୧୧ରେ ଜାତୀୟ ପୁରସ୍କାରରେ ସମ୍ମାନିତ ତାଞ୍ଜୋର ଚିତ୍ରଶିଳ୍ପୀ ଭି. ପନ୍ନିରସେଲଭମ, ସପ୍ତମ ପିଢ଼ିର ମିନିଏଚର ଚିତ୍ରଶିଳ୍ପୀ ଏବଂ ୨୦୧୪ରେ ଜାତୀୟ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶମ୍ଭି ବନ୍ନୁ ଶର୍ମା, ପ୍ରସିଦ୍ଧ ପୈଠାନୀ ବସ୍ତ୍ର ଡିଜାଇନର ଓ ହସ୍ତତନ୍ତ ପୁନରୁଦ୍ଧାରକାରୀ ଘନଶ୍ୟାମ ସରୋଡ ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇ ମିଶନକୁ ଆମାଜନର ସମର୍ଥନ

ଭୁବନେଶ୍ୱର,୮।୧୨

ଭାରତ ସରକାରଙ୍କ ଏଆଇ ମିଶନକୁ ସମର୍ଥନ କରି ଆମାଜନ ପକ୍ଷରୁ ୨୦୩୦ ସୁଦ୍ଧା ସବୁ ଭାରତୀୟଙ୍କ ପାଖରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। କମ୍ପାନୀ ସ୍ଥାନୀୟ କ୍ଲାଉଡ୍ ଓ ଏଆଇ ଭିତ୍ତିଭୂମିରେ ୧୨.୭ ବିଲିୟନ ଡଲାର ନିବେଶ କରି ୧୫ ନିୟୁତରୁ ଅଧିକ କ୍ଷୁଦ୍ର ବ୍ୟବସାୟ ପାଖରେ ଏଆଇର ଲାଭ ପହଞ୍ଚିପାରିବ। ୨୦୩୦ ସୁଦ୍ଧା ୪ ନିୟୁତ ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଖରେ ଏଆଇ ସାକ୍ଷରତା ଓ କ୍ୟାରିୟର ସଚେତନତା ପହଞ୍ଚାଇବାକୁ ଯୋଜନା ରହିଛି। ଆମାଜନ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ସମୀର କୁମାର କହିଛନ୍ତି, ଛୋଟ ବ୍ୟବସାୟୀ ଏଆଇକୁ ବ୍ୟବହାର କରି ପ୍ରଫେସନାଲ ଉତ୍ପାଦ ଲିଷ୍ଟିଂ କରିବେ, ସରକାରୀ ସ୍କୁଲର ଛାତ୍ର ନୂଆ କ୍ୟାରିୟର ବାଛିପାରିବେ ଓ ଗ୍ରାହକମାନେ ନିଜ ଭାଷାରେ ସପିଂ କରିପାରିବେ। ସ୍ଥାନୀୟ ଭାରତ ଏଆଇ ମିଶନର ସିଇଓ ଅଭିଷେକ ସିଂହ କହିଛନ୍ତି, ଶ୍ରେଣୀ ଗୃହରେ ଏଆଇକୁ ସମନ୍ୱିତ କରିବା କେବଳ ଏକ ଦକ୍ଷତା ଅଭିଯାନ ନୁହେଁ, ଏହା ରାଷ୍ଟ୍ର ଗଠନର ଉଦ୍ୟମ।


## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ମଧ୍ୟମା ସଂସ୍କୃତ ପରୀକ୍ଷା, ୨୦୨୬ (ରେଗୁଲାର ଓ ଏକ୍ସ-ରେଗୁଲାର) ଦଶମ ଶ୍ରେଣୀର କାର୍ଯ୍ୟସୂଚୀ
ବିଜ୍ଞପ୍ତି ନଂ.2800/ (Exam.Conf.-II)/ ତା.3.12.2025 ରିଖ

No.N-229:ଏତଦ୍ୱାରା ରାଜ୍ୟର ସମସ୍ତ ସଂସ୍କୃତ ବିଦ୍ୟାଳୟ/ଟୋଲ୍‌ର ପ୍ରଧାନଶିକ୍ଷକ/ ପ୍ରଧାନଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୬ ମସିହା ମଧ୍ୟମା ସଂସ୍କୃତ (ରେଗୁଲାର ଓ ଏକ୍ସ-ରେଗୁଲାର) ପରୀକ୍ଷା ତା.୧୯.୦୨.୨୦୨୬ ରିଖଠାରୁ ଆରମ୍ଭ ହୋଇ ତା. ୦୨.୦୩.୨୦୨୬ ରିଖ ପର୍ଯ୍ୟନ୍ତ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ ।

| | |
|---|---|
| 19/02/2026 (Thursday)<br>(09.00 am to 11.30 am)<br>PAPER-IV (MOR/MHN)<br>ମାତୃଭାଷା (ଓଡ଼ିଆ/ହିନ୍ଦୀ)<br>MATRUBHASA (ODIA/HINDI) | 20/02/2026 (Friday)<br>(09.00 am to 11.30 am)<br>PAPER-I (VOD)<br>ସଂସ୍କୃତ ବ୍ୟାକରଣ ଓ ଦର୍ଶନ<br>(SANSKRUTA VYAKARANA 'O' DARSHAN) |
| 21/02/2026 (Saturday)<br>(09.00 am to 11.00 am)<br>PAPER-VIII (ENG)<br>ଇଂରାଜୀ ENGLISH | 23/02/2026 (Monday)<br>(09.00 am to 11.30 am)<br>PAPER-II (SHA)<br>ସଂସ୍କୃତ ସାହିତ୍ୟମ୍ (SANSKRUTA SAHITYAM) |
| 24/02/2026 (Tuesday)<br>(09.00 am to 11.30 am)<br>PAPER-III (KKJ/AVJ)<br>ପ୍ରୟୋଗାତ୍ମକ ସଂସ୍କୃତ<br>(PRAYOGATMAKA SANSKRUTA)<br>(କର୍ମକାଣ୍ଡ ଓ ଜ୍ୟୋତିଷ କିମ୍ବା ଆୟୁର୍ବେଦ ଓ ଯୋଗ) | 25/02/2026 (Wednesday)<br>(09.00 am to 11.00 am)<br>PAPER-VI (GSC)<br>ବିଜ୍ଞାନ (SCIENCE) |
| 27/02/2026 (Friday)<br>(09.00 am to 11.00 am)<br>PAPER-VII (SSC)<br>ସାମାଜିକ ବିଜ୍ଞାନ (SOCIAL SCIENCE) | 02/03/2026 (Monday)<br>(09.00 am to 11.15 am)<br>PAPER-V (MTH)<br>ଗଣିତ (MATHEMATICS) |

✓ VOD, SHA, KKJ/AVJ ଏବଂ MOR/MHN ବିଷୟଗୁଡ଼ିକରେ ୫୦ ମାର୍କର Subjective ପ୍ରଶ୍ନ ଏବଂ ୫୦ ମାର୍କର Objective (MCQ) ପ୍ରଶ୍ନ ଆସିବ ।
✓ MTH, GSC, SSC ଏବଂ ENG ବିଷୟଗୁଡ଼ିକରେ ୩୫ ମାର୍କର Subjective ପ୍ରଶ୍ନ ଏବଂ ୪୦ ମାର୍କର Objective (MCQ) ପ୍ରଶ୍ନ ଆସିବ ।
Objective (MCQ) ପ୍ରଶ୍ନର ଉତ୍ତର OMR Answer Sheetରେ ଏବଂ Subjective ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ ।

OIPR-27004/11/0121/2526
ସ୍ୱା./-ସମ୍ପାଦକ

ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନାଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡ଼ିକୁ ନିରାମୟ କରିପାରିବା ନାହିଁ। ତା' ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। –ଶ୍ରୀମା

# ନେହେରୁ ନୁହେଁ, ଭବିଷ୍ୟତକୁ ଦେଖ

'ବନ୍ଦେ ମାତରମ୍' ଭାରତର ଜାତୀୟ ଗୀତ ଭାବେ ଜଣାଶୁଣା। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ଏହା ରଚିତ ହୋଇଥିଲା। ୧୮୭୫ ନଭେମ୍ବର ୭ରେ ପ୍ରଥମେ 'ବଙ୍ଗଦର୍ଶନ' ସାହିତ୍ୟ ପତ୍ରିକାରେ ଏହା ପ୍ରକାଶ ପାଇଥିଲା। ୨୦୨୫ ନଭେମ୍ବର ୭ରେ ଏହାର ୧୫୦ ବର୍ଷ ପୂର୍ତ୍ତି ହେବା ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଦେଶବ୍ୟାପୀ ବର୍ଷସାରା ଏହା ପାଳନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସ୍ୱାଧୀନତା ସଂଗ୍ରାମକୁ ଏହି ଗୀତ ଶକ୍ତି ଦେଇଥିବାରୁ ସଂସଦରେ ଏହା ଉପରେ ୮ ଡିସେମ୍ବରରେ ବିତର୍କ ଆରମ୍ଭ ହୋଇଛି। ହେଲେ ପ୍ରାରମ୍ଭିକ ପର୍ଯ୍ୟାୟରୁ ଏହାକୁ ନେଇ ରାଜନୀତି ଜୋରଦାର ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ସ୍ୱାଧୀନତା ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ସାମ୍ପ୍ରଦାୟିକ ସମ୍ବେଦନଶୀଳତାକୁ ମାନିନେଇଥିଲେ। ସେ ପୁଣି କହିଛନ୍ତି, ନେହେରୁ ଭାବୁଥିଲେ ଯେ, ବନ୍ଦେ ମାତରମ୍ ମୁସଲମାନଙ୍କୁ କ୍ରୋଧିତ କରିବ। ମହମ୍ମଦ ଅଲ୍ଲୀ ଜିନ୍ନା ବନ୍ଦେ ମାତରମ୍‌କୁ ବିରୋଧ କରୁଥିବାରୁ ନେହେରୁ ତାଙ୍କ ସହ ଏକମତ ହୋଇଥିଲେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ବନ୍ଦେ ମାତରମ୍‌ର ମୂଳ 'ଆନନ୍ଦମଠ' ହୋଇଥିବାରୁ ମୁସଲମାନ ସମ୍ପ୍ରଦାୟକୁ ଏହା ଅପମାନିତ କରିବ ବୋଲି ଜିନ୍ନା ଆଶଙ୍କା ବ୍ୟକ୍ତ କରିବାରୁ ନେହେରୁ ତାଙ୍କ ସହ ସାଲିସ କରିଯାଇଥିଲେ ବୋଲି ମୋଦି କହିବା ପରେ ସଂସଦରେ ରାଜନୈତିକ ବାକ୍‌ବିତଣ୍ଡା ହୋଇଛି।

ଅନ୍ୟପଟେ ଆଜି ଏକବିଂଶ ଶତାବ୍ଦୀର ୨୫ ବର୍ଷ ପୂରିବାକୁ ଯାଉଛି। କେତେଦିନ ପର୍ଯ୍ୟନ୍ତ ଇତିହାସକୁ ଗାଳିଦେଇ କେବଳ ପଛକୁ ଦେଖିବା ତାହା ସାଧାରଣ ନାଗରିକଙ୍କୁ ମଧ୍ୟ ବ୍ୟସ୍ତ କଲାଣି । ନିଃସନ୍ଦେହରେ କୁହାଯାଇପାରେ ଯେ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଅନେକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେଇଥିବେ। ଆଜିର ପ୍ରତ୍ୟେକ ଯୁବତୀଯୁବକ ତାଙ୍କର ନିଜର ମାତାପିତାଙ୍କୁ ଅମାନ୍ୟ କରିବା ସହିତ ସେମାନଙ୍କର ତ୍ରୁଟିକୁ ଧରି ପାରିବାରିକ ଅଶାନ୍ତି ସୃଷ୍ଟି କରୁଛନ୍ତି। ଏହା ହେଉଛି ମଣିଷ ଜାତିର ଏକ କ୍ଷୁଦ୍ର ଚରିତ୍ରର ପରିଚୟ। ଆଗୁଆ ଧାଡ଼ିର ନେତା, ଲେଖକ, ବୈଜ୍ଞାନିକ, କଳାକାର ଏବଂ ସାଧାରଣ ନାଗରିକ ଭାବେ ସେହିମାନେ ପରିଚିତ ହୁଅନ୍ତି, ଯେଉଁମାନେ ବିଗତ ଦିନଗୁଡ଼ିକର ଅନ୍ଧକାର, ଦୋଷତ୍ରୁଟିକୁ ପଛରେ ପକାଇ ନିଜ କାର୍ଯ୍ୟରେ ଭବିଷ୍ୟତକୁ ଗଢ଼ନ୍ତି। ଆଇନଷ୍ଟାଇନଙ୍କ ପୂର୍ବରୁ ତାଙ୍କ 'ଥିଓରି ଅଫ୍ ରିଲେଟିଭିଟି' ସମ୍ପର୍କରେ ଅନେକ ବୈଜ୍ଞାନିକ ଗବେଷଣା କରିଥିଲେ ମଧ୍ୟ କେହି ସ୍ୱଷ୍ଟ ଆକାର ଦେଇ ତାହାର ଉଦ୍ଭାବନ କରିପାରି ନ ଥିଲେ। ତେବେ ଆଇନଷ୍ଟାଇନ କେବେ ହେଲେ ପୂର୍ବ ପଦାର୍ଥବିଜ୍ଞାନୀଙ୍କୁ ହୀନ ଭାବେ ଦର୍ଶାଇ ନ ଥିଲେ। ସେହିଭଳି ଭାରତୀୟ ବୈଜ୍ଞାନିକ ସି.ଭି. ରମଣ ଯେତେବେଳେ 'ରମଣ ଇଫେକ୍ଟ' ଅବିଷ୍କାର କଲେ ସେହି କ୍ଷେତ୍ରରେ ପୂର୍ବରୁ କାର୍ଯ୍ୟ କରୁଥିବା ବୈଜ୍ଞାନିକମାନଙ୍କୁ କୌଣସି ଜାଗାରେ ସମାଲୋଚନା କରିଥିବାର ପ୍ରମାଣ ନାହିଁ। ଭାରତର ଚଳଚ୍ଚିତ୍ର ଜଗତରେ ଏମ୍. ଜି. ରାମଚନ୍ଦ୍ରନ, ଦେବ ଆନନ୍ଦ, ଦିଲୀପ କୁମାର କିମ୍ବା ରାଜ କପୁର ତାଙ୍କର ନିଜସ୍ୱ ଶୈଳୀରେ ପରିଚିତ ହେବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ପୂର୍ବରୁ ସେମାନଙ୍କ ମୁହଁରୁ ପୃଥ୍ୱୀରାଜ କପୁର କିମ୍ବା ଅନ୍ୟ କୌଣସି ପୁରୁଣା କଳାକାରଙ୍କ ବିରୋଧରେ ପଦୁଟିଏ ମଧ୍ୟ ଉଲ୍ଲେଖ କରିଥିବାର ପ୍ରମାଣ ମିଳେ ନାହିଁ। ଏହାପଛରେ ଗୋଟିଏ ମୁଖ୍ୟ କାରଣ ରହିଛି। ଉଦାହରଣ ସ୍ୱରୂପ, ନେହେରୁଙ୍କ ସମୟରେ ସ୍ୱାଧୀନତା ପାଇଥିବା ଭାରତରେ ଷ୍ଟିଲରୁ ଛୁଞ୍ଚିଟିଏ ତିଆରି ହେଉ ନ ଥିଲା। ୭୦ ବର୍ଷରୁ ଊର୍ଦ୍ଧ୍ୱ ସ୍ୱାଧୀନତା ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାରତ ଏହି ଦେଶର ନାଗରିକଙ୍କ ଶ୍ରମ ଓ ରକ୍ତରେ ଗଢ଼ିଉଠିଛି। ଆମ ଧାରଣାରେ କୌଣସି ଦେଶକୁ ରାଜନୈତିକ ନେତୃବୃନ୍ଦ ସୃଷ୍ଟି କରନ୍ତି ନାହିଁ। ଦେଶ ଗଠନର ପରିଶ୍ରମ ଚାଷୀ, ମଲିମୁଣ୍ଡିଆ, କାରଖାନା ଶ୍ରମିକ, ସୈନିକ, ବ୍ୟବସାୟୀ ଓ ଶିଳ୍ପପତିଙ୍କ ଭଳି ସାଧାରଣ ନାଗରିକ ତିଆରି କରନ୍ତି। ରାଜନେତାମାନଙ୍କ ମୁଖ୍ୟ କର୍ତ୍ତବ୍ୟ ହେଉଛି ଉଚ୍ଚକୋଟୀର ନୀତି ସୃଷ୍ଟି କରିବା ସହିତ ନିଜେ ନିଜ ଜୀବନକୁ ଅନୁକରଣ କଲାଭଳି ମଣିଷ ଭାବେ ସାବ୍ୟସ୍ତ କରିବା ଦରକାର। ଇତିହାସରୁ ଶିକ୍ଷା ନେବା ଉଚିତ। କିନ୍ତୁ ସବୁବେଳେ ଇତିହାସକୁ ସମାଲୋଚନା କରିବା ପରିବର୍ତ୍ତେ ଭବିଷ୍ୟତର ଦେଶ ଓ ଦେଶବାସୀଙ୍କ ଚରିତ୍ର ସୁଧାରିବା ହେବା କଥା ମୂଳ ଆହ୍ୱାନ।

ସଂସଦରେ ବନ୍ଦେ ମାତରମ୍‌ର ମାହାତ୍ମ୍ୟ ଉପରେ ଆଲୋଚନା କରାଯିବାର ସମୟ ସ୍ଥିର ହୋଇଥିବା ବେଳେ ତାହାକୁ ରାଜନୀତିକରଣ କରାଯିବା ଆଜିର ସ୍ଥିତିରେ ଏକ ଘୃଣ୍ୟ ପରମ୍ପରା ସୃଷ୍ଟି ହୋଇଛି ବୋଲି କୁହାଯାଇପାରେ। ନେହେରୁଙ୍କୁ ଭାଜପା ରାଷ୍ଟ୍ରନୀତିଜ୍ଞ ଭାବେ ମାନିବାକୁ ନାରାଜ। ଅବଶ୍ୟ ଏହା ଏକ ରାଜନୈତିକ ଦଳର ଆଦର୍ଶଗତ ଚିନ୍ତାଧାରା ହୋଇପାରେ। କିନ୍ତୁ ମୃତ୍ୟୁର ୬ ଦଶନ୍ଧି ପରେ ତାଙ୍କୁ ଏବର ରାଜନୈତିକ ଗୋଳିଆପାଣି ଭିତରକୁ ବାରମ୍ବାର ଟାଣି ଆଣିବା ଅସୁନ୍ଦର ଲାଗୁଛି। ଉଦାହରଣ ଦେଇ କୁହାଯାଇପାରେ ଏମ୍ସ, ଆଇଆଇଟି, ଆଇଆଇଏମ୍, ଓଡ଼ିଶାର ରାଉରକେଲା ଷ୍ଟିଲ ପ୍ଲାଣ୍ଟ କିମ୍ବା ହୀରାକୁଦ ନଦୀବନ୍ଧ ଭଳି ସ୍ଥାପନାକୁ ଅନେକେ ତ୍ରୁଟିପୂର୍ଣ୍ଣ ଦେଖୁଥାଇ ପାରନ୍ତି। କିନ୍ତୁ ଆଜି ସେଭଳି କେଉଁ ନୂଆ କାର୍ଯ୍ୟ ହେଉଛି ତାହା ଅର୍ଦ୍ଧଶତାବ୍ଦୀ ପରେ ସେ ସମୟର ଯୁବପିଢ଼ି ଚିନ୍ତା କରିବେ। ନେହେରୁଙ୍କ ସବୁ ନିଷ୍ପତ୍ତି ନିଖୁଣ ହୋଇ ନ ଥାଇପାରେ। କିନ୍ତୁ ସେ ଭିନ୍ନ ମତକୁ ସମ୍ମାନ ଦେଉଥିଲେ ବୋଲି ପଢ଼ିବାକୁ ମିଳେ। ହେଲେ ଏବର ସରକାର ସେହି ପରମ୍ପରାକୁ ବଜାୟ ରଖିବା ପରିବର୍ତ୍ତେ ବିରୋଧୀଙ୍କ ସ୍ୱରକୁ ସର୍ବଦା ଚାପିଦେବାକୁ ଚେଷ୍ଟା କରୁଛି।

ଆଜିର ଡିଜିଟାଲ ଯୁଗରେ ପ୍ରତି ମୁହୂର୍ତ୍ତର କଥା ଓ କାର୍ଯ୍ୟ ଲିପିବଦ୍ଧ ବା ସାଇତା ହୋଇ ରହିଯାଉଛି। ନେହେରୁଙ୍କ ସମୟରେ କ'ଣ ଘଟିଥିଲା ତାହା ଇତିହାସ ବହିରୁ ପଢ଼ିବାକୁ ମିଳୁଛି। ସେଥିରେ ସତ୍ୟତା ଓ ତଥ୍ୟରେ ହୁଏତ କେତେକ ସ୍ଥାନରେ ଫରକ୍ ଆସିପାରେ। ହେଲେ ଏବେ ନେତାମାନେ ଯାହା କହୁଛନ୍ତି ଓ କରୁଛନ୍ତି, ତାହା ସମ୍ପୂର୍ଣ୍ଣ ଭାବେ ଭବିଷ୍ୟତ ପିଢ଼ି ପାଇଁ ଦଲିଲ ଭାବେ ପ୍ରତୀୟମାନ ହେବ। ଏବେ ସାଇତା ଯାଇପାରୁଥିବା ଛବି ଓ ସ୍ୱରର ପ୍ରମାଣକୁ ଭବିଷ୍ୟତରେ କେହି ଅସ୍ୱୀକାର କରିପାରିବେ ନାହିଁ। ଏଭଳି ପ୍ରଚ୍ଛଦପଟରେ କୁହାଯାଇପାରେ ଯେ, ଅତୀତର ନେତାଙ୍କ କଥା ଓ କାର୍ଯ୍ୟକୁ ନେଇ ଆଜିର ନେତୃତ୍ୱ ଯେଉଁଭଳି ଢଙ୍ଗରେ ସେମାନଙ୍କୁ ନିନ୍ଦା କରୁଛନ୍ତି, ଏବେ ସେମାନେ କରୁଥିବା କର୍ମମାନ ଓ ଉଚ୍ଚାଟ କରୁଥିବା ସ୍ୱର ମଧ୍ୟ ସମୟକ୍ରମେ ପରଖାଯିବ। ବର୍ତ୍ତମାନ ଅନେକ ଭାରତବାସୀ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସମ୍ମାନ ଓ ଶ୍ରଦ୍ଧା କରୁଛନ୍ତି। ଆଗାମୀ ଦିନଗୁଡ଼ିକରେ ପରବର୍ତ୍ତୀ ପିଢ଼ି ଯଦି ଆଜିର କାର୍ଯ୍ୟ ଓ ମତକୁ ନକାରାତ୍ମକ ଦୃଷ୍ଟିରେ ଦେଖନ୍ତି, ତେବେ ସେତେବେଳେ ଜୀବିତ ଭାରତୀୟଙ୍କୁ ବାଧିପାରେ। ସେଥିପାଇଁ ନିଜ କର୍ତ୍ତବ୍ୟକୁ ଉଚିତ ଭାବେ କରିବା ହେଉଛି ଉଚ୍ଚକୋଟୀ ନେତୃତ୍ୱର ପରିଚାୟକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | 1 | | 6 | | 3 |
| | | | | 9 | 2 | | | 1 |
| | 4 | | 5 | | | | | |
| 4 | 2 | | | | | | 3 | |
| | | | | | | 9 | | |
| | | | | | | 7 | | 2 |
| | 9 | 3 | 6 | | 8 | | | |
| | 8 | | 9 | 7 | | | | |
| | | | | | | 3 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 5 | 7 | 2 | 4 | 3 | 9 | 1 |
| 7 | 9 | 4 | 3 | 1 | 5 | 6 | 8 | 2 |
| 3 | 2 | 1 | 6 | 8 | 9 | 4 | 5 | 7 |
| 1 | 4 | 3 | 9 | 6 | 2 | 5 | 7 | 8 |
| 2 | 6 | 8 | 5 | 3 | 7 | 9 | 1 | 4 |
| 9 | 5 | 7 | 1 | 4 | 8 | 2 | 3 | 6 |
| 8 | 7 | 9 | 2 | 5 | 6 | 1 | 4 | 3 |
| 5 | 3 | 2 | 4 | 7 | 1 | 8 | 6 | 9 |
| 4 | 1 | 6 | 8 | 9 | 3 | 7 | 2 | 5 |

ଗତକାଲିର ଉତ୍ତର

# ଶିଶୁ ଅନୁକୂଳ ପାଠାଗାର



ଲୋକନାଥ ପଣ୍ଡା

ଜାତୀୟ ଶିକ୍ଷାନୀତି ୨୦୨୦ରେ ଏବଂ ଜାତୀୟ ପାଠ୍ୟ ଖସଡ଼ା ୨୦୨୨ରେ ପ୍ରାକ୍-ପ୍ରାଥମିକ ଶିକ୍ଷାରେ ଇମରଜେଣ୍ଟ ଲିଟେରାସି ବା ଅଙ୍କୁରିତ ସାକ୍ଷରତା, ଇମରଜେଣ୍ଟ ରିଡିଂ ବା ଅଙ୍କୁରିତ ପଠନ ବା ପ୍ରାକ୍-ପଠନ, ପ୍ରାକ୍-ଲିଖନ ଆଦି ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଜାତୀୟ ଶିକ୍ଷାନୀତିରେ ଶିଶୁଟି ୩+ ବେଳକୁ ପୁସ୍ତକ କିପରି ଖୋଲିବ, ପୁସ୍ତକ କିପରି ଓଲଟାଇବ, ବାଆଁରୁ ଡାହାଣକୁ ପଠନ ଆଦି ସମ୍ପର୍କରେ ଶିଶୁଟି ୩+ ବେଳକୁ ଜାଣିବ ଏବଂ ପୁସ୍ତକ ଦେଖି ପ୍ରି-ଟେଣ୍ଡ ରିଡିଂ ବା ଅନୁଭୂତି ଆଧାରିତ ପଠନ କରିବ, ପ୍ରାକ୍ ଲିଖନ କରିବ ସେ ସମ୍ପର୍କରେ ବର୍ଣ୍ଣନା ରହିଛି । ଏ ସବୁ ମୂଳରେ ରହିଛି ଶିଶୁବାଟିକାରେ କିମ୍ବା ଶିଶୁଙ୍କ ଅଙ୍ଗନୱାଡି ହେଉ କିମ୍ବା ପ୍ରାଥମିକ ବିଦ୍ୟାଳୟରେ କେତେଦୂର ପୁସ୍ତକ ହାତପାଆନ୍ତାରେ ମିଳୁଛି ଏବଂ ଶିକ୍ଷକ ବା ଅଙ୍ଗନୱାଡି ଦିଦି କେତେଦୂର ଶିଶୁଙ୍କୁ ପୁସ୍ତକ ସହ ପରିଚିତ କରାଉଛନ୍ତି!

ବିଦ୍ୟାଳୟର ପାଠାଗାର କିମ୍ବା ଗାଁ ପାଠାଗାର ହେଉ, ଯଦି ଏହା ସକ୍ରିୟ ଥାଏ ତେବେ ନିଶ୍ଚିତ ଭାବରେ ପିଲାଟି ଦିନରୁ ବହି ପ୍ରତି ଆକୃଷ୍ଟ କରିବା ତଥା ବହି ମାଧ୍ୟମରେ ଭାଷାର ବିକାଶ ହୋଇଥାଏ ।ପୁସ୍ତକଗୁଡ଼ିକ ଯଦି ସୁନ୍ଦର ପରିପାଟୀ ହୋଇଥାଏ, ତେବେ ତାହା ପିଲାମାନଙ୍କୁ ଆକର୍ଷିତ କରିଥାଏ ।ନିକଟରେ ମୁଁ ବିଷମକଟକ ବ୍ଲକ୍‌ର କିଛି ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖୁଥିଲି, ଯେଉଁଠି ଶିଶୁଙ୍କ ପାଇଁ ପୁସ୍ତକ ଥିଲା, ପୁସ୍ତକଗୁଡ଼ିକ ମୁଖ୍ୟତଃ ଚିତ୍ରମୟ ଏବଂ କେତୋଟି ପୁସ୍ତକରେ କିଛି କିଛି ଲେଖା ଥିଲା । ଅବସର ସମୟରେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀର ଶିଶୁମାନେ ପୁସ୍ତକରୁ ଚିତ୍ର ଦେଖୁଥିଲେ ଏବଂ ଚିତ୍ର ଦେଖି ନିଜେ ଚିତ୍ରକୁ ଆଧାରକରି ବାକ୍ୟ କିଏ ଶବ୍ଦ କିଏ କହୁଥିଲେ। ବେଳେ ବେଳେ ପୁସ୍ତକକୁ ଆଧାରକରି ଚିତ୍ର ମଧ୍ୟ କରୁଥିଲେ।

ବିଷମକଟକ ବ୍ଲକ୍‌ର କିଛିକିଛି ପ୍ରାଥମିକ ବିଦ୍ୟାଳୟକୁ ଦେଖୁଥିଲି ।ସରକାରଙ୍କ ତରଫରୁ ବିଦ୍ୟାଳୟଗୁଡ଼ିକରେ କବିତା ପୋଷ୍ଟର ଆଦି ଦିଆଯାଇଛି, ଯାହାକି ଶିଶୁଙ୍କୁ ପାଠ୍ୟପୁସ୍ତକ ସହ ଚିତ୍ର ସାଙ୍ଗକୁ କାହାଣୀ ପୁସ୍ତକ ବ୍ୟବହାର ସମ୍ପର୍କରେ ଆଗ୍ରହ ସୃଷ୍ଟି ହୋଇପାରିବ ।ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ କର୍ଣ୍ଣର ତିଆରି ହୋଇଛି। ସେଥିମଧ୍ୟରେ ଲାଇବ୍ରେରି କର୍ନର ରହିଛି। ବିଦ୍ୟାଳୟରେ ପୁସ୍ତକଗୁଡ଼ିକ ଏକ ଝୋଟ ବ୍ୟାଗ୍‌ରେ ରଖାଯାଇଥିଲା, ଶିଶୁମାନେ ଯେତେବେଳେ ଚାହିଁବେ ବା ଶିକ୍ଷାଦାନ ଚାଲି ନ ଥିବା ବେଳେ ପୁସ୍ତକ ନେଇ ପଢ଼ିପାରିବେ ବା ବ୍ୟବହାର କରିପାରିବେ। ସେଠାକାର ପିଲାଙ୍କ ସହ କଥାବାର୍ତ୍ତା ହେଉଥିଲି, ଶିଶୁମାନେ ପୁସ୍ତକ ନେଇ ପଢୁଛନ୍ତି ବୋଲି କହୁଥିଲେ, ପୁସ୍ତକଗୁଡ଼ିକର ନାମ ମଧ୍ୟ କହିପାରୁଥିଲେ ।ବିଦ୍ୟାଳୟ ତରଫରୁ ପାଠାଗାରରୁ ପ୍ରତି ମାସରେ ଅଧିକ ପୁସ୍ତକ ପଢୁଥିବା ଶିଶୁଙ୍କୁ ପ୍ରାର୍ଥନା ସଭାରେ ସମ୍ମାନିତ କରାଯିବା ବିଷୟ ମଧ୍ୟ ସୂଚନା ଦେଉଥିଲେ ।ବିଦ୍ୟାଳୟର ଶିଶୁମାନଙ୍କର ଶିକ୍ଷଣ ସ୍ତର ମଧ୍ୟ ଅଧିକ ଥିଲା। ବଡ଼କଥା ହେଲା ଶିଶୁମାନେ ବେଶ୍ ସକ୍ରିୟ ଓ ଖୁସି ପରିବେଶରେ ଥିଲେ ।ବିଦ୍ୟାଳୟର ଶିକ୍ଷକମାନଙ୍କ ନିଷ୍ଠାପର ଉଦ୍ୟମକୁ ପ୍ରଶଂସାକରି ରହିପାରୁ ନ



ଥିଲି। କଥା ହେଉଛି ବିଦ୍ୟାଳୟକୁ ଯୋଗାଉଥିବା ପୁସ୍ତକଗୁଡ଼ିକ ଶିଶୁଙ୍କୁ ଅନୁକୂଳ ହେବା ଭଳି ଓ ପିଲାଙ୍କୁ ଆକର୍ଷଣ ହେବା ଭଳି ଥିଲା। ସିନି-ଟାଟା ଟ୍ରଷ୍ଟ ତରଫରୁ ବିଷମକଟକ ବ୍ଲକ୍‌ର ହାଟ ମୁନିଗୁଡ଼ା, ବଡ଼ଧାଣ୍ଡରା, ଚାଟିକଣା, ଜୋଡ଼, କାଙ୍କୁବାଡ଼ି ଆଦି ପ୍ରାଥମିକ ବିଦ୍ୟାଳୟରେ ଲାଇବ୍ରେରିର ପଠନ ନିମନ୍ତେ ଏକ ଶିଶୁ କୈନ୍ଦ୍ରିକ ପାଠାଗାରର ବ୍ୟବସ୍ଥା ହୋଇଛି ଏବଂ ଶିଶୁମାନେ ଏହାକୁ ଉପଯୋଗ କରୁଛନ୍ତି। ପ୍ରତି ମାସରେ ଯିଏ ପାଠାଗାରରୁ ପୁସ୍ତକ ନେଇ ଅଧିକ ବହି ପଢ଼ିଛି, ତାକୁ ସମ୍ମାନିତ କରିବା ଆଦି ବିଷୟରେ ଆଲୋଚନା ପ୍ରସଙ୍ଗରେ ଜାଣିବାକୁ ପାଉଥିଲି। କିଛି ବିଦ୍ୟାଳୟରେ ଦେଖୁଥିଲି, ଶିଶୁମାନେ ମଧ୍ୟ ଲାଇବ୍ରେରି ପୁସ୍ତକ ପରିଚାଳନା କରୁଛନ୍ତି, କିଏ ବହି ନେଉଛନ୍ତି, କିଏ କେଉଁ ବହି ରଖିଛନ୍ତି, ତାହାର ଏକ ତାଲିକା ରଖୁଛନ୍ତି। ବହି ସମ୍ପର୍କରେ ଆଲୋଚନା ମଧ୍ୟ କରୁଛନ୍ତି।

ପାଠାଗାର ହେଉଛି ଶିଶୁଙ୍କ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବାରେ ପ୍ରକୃଷ୍ଟ ମାଧ୍ୟମ। ବିଦ୍ୟାଳୟଗୁଡ଼ିକରେ ଯଦି ଅଙ୍ଗନୱାଡି ସମୟରୁ ଶିଶୁଙ୍କୁ ବହି ପ୍ରତି ଆଗ୍ରହ ସୃଷ୍ଟି ହେବା ଭଳି କିଛି ଗତିବିଧି କରାଯାଏ, ଶିଶୁର ହାତପାଆନ୍ତାରେ ବହି ରହେ, ତେବେ ନିଶ୍ଚିତ ଭାବରେ ଶିଶୁମାନଙ୍କର ଶିକ୍ଷା ପ୍ରତି ଆଗ୍ରହ ବଢ଼ିଥାଏ ଓ ପରବର୍ତ୍ତୀ ସମୟରେ ମାଆବାପାଙ୍କୁ ଅବା ଶିକ୍ଷକଙ୍କୁ ଶିଶୁଟିର ପାଠପଢ଼ା ପ୍ରତି ବିଶେଷ ଚିନ୍ତା କରିବାକୁ ପଡ଼ି ନ ଥାଏ। ଅନେକ ସମୟରେ ଅଭିଭାବକଙ୍କ ଧାରଣା ଥାଏ ଯେ, ଲାଇବ୍ରେରି ପୁସ୍ତକ କିମ୍ବା ପାଠ୍ୟପୁସ୍ତକ ଛଡ଼ା ଅନ୍ୟ ପୁସ୍ତକ ବାଟବଣା କରିଦେଇଥାଏ। ଏହିଭଳି ଭ୍ରାନ୍ତ ଧାରଣାରୁ ଅଭିଭାବକ ବାହାରକୁ ଆସିବା ଦରକାର। ଏପରିକି ଅନେକ ସମୟରେ ଶିକ୍ଷକ ମଧ୍ୟ ଲାଇବ୍ରେରି ପୁସ୍ତକ ପ୍ରତି ବିଶେଷ ଗୁରୁତ୍ୱ ଦେଇ ନ ଥାନ୍ତି।

ବିଦ୍ୟାଳୟକୁ ସରକାରଙ୍କ ତରଫରୁ ହେଉ କିମ୍ବା ବିଭିନ୍ନ ଅନୁଷ୍ଠାନ ତରଫରୁ ଶିଶୁ ଉପଯୋଗୀ ପୁସ୍ତକ ନିରନ୍ତର ଭାବରେ ଯୋଗାଇ ଦିଆଯାଉଛି ।ବିଦ୍ୟାଳୟର ପାଠାଗାରକୁ ଶିଶୁ ଉପଯୋଗୀ କରିବା ସମସ୍ତଙ୍କର ଦାୟିତ୍ୱ। କେବଳ ଶିକ୍ଷକ ନୁହନ୍ତି, ଗୋଷ୍ଠୀ ଅଭିଭାବକ ମଧ୍ୟ ବିଦ୍ୟାଳୟରେ ହେଉ ଘରେ ଛୋଟ ଛୋଟ ପାଠାଗାରଟିଏ ବିକାଶ କରିବା ଦରକାର। ଯଦି ଘରେ କିମ୍ବା ଗାଁରେ ପାଠାଗାରଟିଏ ଥାଏ, ତେବେ ଶିଶୁମାନଙ୍କର ପାଠପଢ଼ାରେ କେବଳ ନୁହେଁ, ଗ୍ରାମବାସୀଙ୍କ ଉପରେ ମଧ୍ୟ ଏହାର ପଭାବ ପଡ଼ିବ। ଗ୍ରାମବାସୀଙ୍କର ପଠନ ଦିଗ ପ୍ରତି ଆଗ୍ରହ ବଢ଼ିବ ।ଅନେକ ସମୟରେ ଦେଖାଯାଏ, ଚା' ଦୋକାନୀ, ଜଳଖିଆ ଦୋକାନୀ, ପାନଦୋକାନୀ, ସେଲୁନ ଆଦିରେ ଖବରକାଗଜଟିଏ ରଖାଯାଇଥାଏ। ଏହାର ପ୍ରଭାବ ମଧ୍ୟ ସେମାନଙ୍କର ବ୍ୟବସାୟରେ ଅନେକ ମାତ୍ରାରେ ପଡ଼ିଥାଏ। ପଠନ ପ୍ରତି ଲୋକଙ୍କର ଆଗ୍ରହ ଏଥିରୁ ଅନୁମାନ କରିହୁଏ।

ଗାଁ ଗହଳିରେ ହେଉ, ସହରରେ ହେଉ ପୂର୍ବରୁ ପାଠାଗାରଟିଏ ଥିଲା। ପାଠାଗାରରେ ପୁସ୍ତକ ରହୁଥିବା ସହ ଅନେକ ପତ୍ରିକା (ବିଭିନ୍ନ ଭାଷାଭାଷୀ) ସହିତ ଖବରକାଗଜ ଆସୁଥିଲା ।ବାପା, ମାଆ ଖବରକାଗଜ ପଠନକୁ ଆଧାରକରି ପିଲାଏ ମଧ୍ୟ ଖବରକାଗଜ ପଠନର ଅଭ୍ୟାସରେ ପଡ଼ିଯାଉଥିଲେ। ଅନେକ ବ୍ୟକ୍ତିବିଶେଷ ନିଜର ବ୍ୟକ୍ତିଗତ ପାଠାଗାର କରିଥିଲେ, ତାହାର ପ୍ରଭାବ ମଧ୍ୟ ନିଜ ଉପରେ ଏବଂ ଅନ୍ୟ ଉପରେ ପଡୁଥିଲା । ପୂର୍ବରୁ ସରକାରଙ୍କର ଜନ ସାକ୍ଷରତା ଓ ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଚାଲୁଥିଲା ।ପଞ୍ଚାୟତ ସ୍ତରରେ ଲାଇବ୍ରେରି ଘର, ଗୋଷ୍ଠୀ ଘରରେ ଲାଇବ୍ରେରି ପୁସ୍ତକ ରଖିବା ପାଇଁ ଉତ୍ସାହିତ କରାଯାଉଥିଲା। ଗାଁରେ ଗୋଷ୍ଠୀ ଲାଇବ୍ରେରିଟିଏ ଥିଲା। କିନ୍ତୁ ବର୍ତ୍ତମାନ ତାହା ବନ୍ଦ ହୋଇଗଲାଣି କହିଲେ ଚଳେ!

ନିକଟରେ ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର ଫୋନ୍ ମାଧ୍ୟମରେ ପ୍ରାୟ ଅଧାଘଣ୍ଟାରୁ ଅଧିକ ପାଠାଗାର ସମ୍ବନ୍ଧରେ ଆଲୋଚନା କରିଥିଲେ। ସେ ତାଙ୍କର ଅନୁଭୂତିରୁ କହିଲେ, ସେ ଆଜି ଯାହା ହୋଇଛନ୍ତି କେବଳ ପିଲାଟି ଦିନରୁ ପାଠାଗାରର ସୁଯୋଗ ପାଇଥିବାରୁ ଏବଂ ପିଲାଟି ଦିନରୁ ପାଠାଗାରର ବ୍ୟବହାର କରିଥିବାରୁ। ସେ ନିଜର ଅନୁଭୂତିରୁ କହିଥିଲେ, ନିଜର ଲାଇବ୍ରେରିଟିଏ କରିଛନ୍ତି। ଲାଇବ୍ରେରି ଯୋଗୁ ତାଙ୍କର ଜୀବନରେ ଅନେକ ପରିବର୍ତ୍ତନ ଆସିଛି।ବ୍ୟକ୍ତି ଜଣକ ୮୬ ବୟସରେ ବେଶ୍ କର୍ମଚଞ୍ଚଳ ଅଛନ୍ତି। ବେଦ, ଉପନିଷଦ ତଥା ଅନେକ ପୁସ୍ତକ ସମ୍ପର୍କରେ ଅନର୍ଗଳ କହିପାରୁଛନ୍ତି ଏବଂ ବର୍ତ୍ତମାନ ଅନେକ ଅନୁଷ୍ଠାନର କର୍ମକର୍ତ୍ତା ମଧ୍ୟ ଅଛନ୍ତି।

ବିଦ୍ୟାଳୟକୁ କେବଳ ପୁସ୍ତକ ଦେଇଦେଲେ କିମ୍ବା କିଣିଦେଲେ ହେବନାହିଁ, ଏଥିପାଇଁ ଯଦି ଶିଶୁ ଅନୁକୂଳ ପାଠାଗାରଟିଏ ବିକାଶହେବ, ଶିଶୁ ମନଲାଖି ପୁସ୍ତକ ରହିବ,ଶିଶୁମାନେ ଯଦି ପ୍ରାଥମିକସ୍ତରରେ ପୁସ୍ତକକୁ ନେଇ ଅନେକ ସୁଯୋଗ ପାଇବେ, ତେବେ ନିଶ୍ଚିତଭାବରେ ଶିକ୍ଷଣସ୍ତର, ସେମାନଙ୍କର କଳ୍ପନାର ବିକାଶ, ସୃଜନଶକ୍ତିର ବିକାଶ ଘଟିବ ।ପୁସ୍ତକକୁ ନେଇ ବିଭିନ୍ନ ଗତିବିଧି ମଧ୍ୟ ହେବ। ଆମେ ଯଦି ଶିଶୁ ଉପଯୋଗୀ ଏବଂ ସେମାନଙ୍କର ଆଗ୍ରହ ହେବାଭଳି ସଚିତ୍ର ପୁସ୍ତକ ଯୋଗାଇଦେବା, ପୁସ୍ତକ ସମ୍ପର୍କରେ ନିୟମିତ ଅନ୍ତରରେ ଶିଶୁଙ୍କ ସହ ଆଲୋଚନାକରିବା, ପୁସ୍ତକକୁ ନେଇ ଶିଶୁଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟିକରିବା, ତେବେ ନିଶ୍ଚିତଭାବରେ ଶିଶୁର ଶିକ୍ଷଣସ୍ତର ବଢ଼ିବା ସହ ଶିଶୁଟି ମଧ୍ୟ ବିଦ୍ୟାଳୟକୁ ଭଲପାଇବ। ବିଦ୍ୟାଳୟରେ ଯେପରି ଭଲ ବଗିଚାଟିଏ ଥିଲେ ଶିଶୁଙ୍କୁ ଆକର୍ଷିତ କରିଥାଏ, ସେହିଭଳି ଶିଶୁଙ୍କ ଅନୁକୂଳ ପାଠାଗାର ମଧ୍ୟ ଶିଶୁଙ୍କୁ ପାଠପଢ଼ିବା ପାଇଁ ଉତ୍ସାହିତକରିବାରେ ସହାୟକ ହେବ।

ରାଣୀଗୁଡ଼ା, ରାୟଗଡ଼ା
ମୋ:୯୪୩୮୦୮୧୪୩୦

# ଜୀବନ୍ତ ଗ୍ରହର ଜୀବନ ରହସ୍ୟ




ଡ. କମଳାକାନ୍ତ ଜେନା

ପୃଥିବୀକୁ ମିଶେଇ ଆଠଟା ଗ୍ରହ, ପ୍ଲୁଟୋକୁ ମିଶେଇ ୫ଟା ବାମନଗ୍ରହ, ଚନ୍ଦ୍ରକୁ ମିଶେଇ ଶହ ଶହ ଉପଗ୍ରହ, ଗ୍ରହାଣୁପୁଞ୍ଜ, ଅଗଣିତ ଛୋଟବଡ଼ ପିଣ୍ଡ ଏବଂ ବିଶାଳକାୟ ସୂର୍ଯ୍ୟକୁ ନେଇ ଆମର ସୌରଜଗତ ତିଆରି ହୋଇଛି। ସମସ୍ତେ ସୂର୍ଯ୍ୟ ଚାରିପଟେ ବୁଲନ୍ତି। ସମସ୍ତଙ୍କ ଭିତରେ ଆମ ପୃଥିବୀ କଥା ନିଆରା। କାରଣ ଏତେ ଗ୍ରହ-ଉପଗ୍ରହ ରହିଥିଲେ ବି କେବଳ ପୃଥିବୀ ଗ୍ରହରେ ଜୀବଜନ୍ତୁ ଅଛନ୍ତି। ତେଣୁ ପୃଥିବୀକୁ ଆମ ସୌରଜଗତର 'ଜୀବଗ୍ରହ' ବୋଲି କୁହାଯାଉଛି। ଆମ ସୂର୍ଯ୍ୟ ଗୋଟିଏ ନକ୍ଷତ୍ର, ଯାହାର ସୌରଜଗତ ଅଛି। ଆମେ ରାତିରେ ହଜାର ହଜାର ତାରା ଦେଖୁ। କେଇଟା ତାରାକୁ ଛାଡ଼ିଦେଲେ ବାକି ତାରା ବି ନକ୍ଷତ୍ର। ସେମାନେ ଆମ ସୌରଜଗତ ବାହାରେ ଅଛନ୍ତି। ଆମ ସୂର୍ଯ୍ୟ ପରି ଅନେକ ନକ୍ଷତ୍ରର ସୌରଜଗତ ଅଛି ଓ ଗ୍ରହ-ଉପଗ୍ରହ ଅଛନ୍ତି। ସେମାନେ ନିଜର ନକ୍ଷତ୍ର ଚାରିପଟେ ବୁଲୁଛନ୍ତି। ସେଗୁଡ଼ିକୁ 'ବାହ୍ୟଗ୍ରହ' କହୁ। ଅନେକ ବାହ୍ୟଗ୍ରହକୁ ଚିହ୍ନଟ କରାଯାଇଛି, କିନ୍ତୁ ସେଠାରେ ଜୀବଜନ୍ତୁ ଥିବାର ପ୍ରମାଣ ମିଳିନାହିଁ।

ପୃଥିବୀରେ ଜୀବନ୍ତ ପ୍ରାଣୀ ରହିପାରିବାର ଅନେକ କାରଣ ଆମକୁ ଜଣା। ବଡ଼ କାରଣ ହେଉଛି ଜଳର ଉପସ୍ଥିତି। ପୃଥିବୀ ବାହାରେ କୌଣସି 'ବାହ୍ୟଗ୍ରହ'ରେ ମଧ୍ୟ ପାଣି ଥିଲେ ସେଠାରେ ଜୀବଜନ୍ତୁ ଥିବାର ସମ୍ଭାବନାକୁ ଏଡ଼େଇ ପାରିବା ନାହିଁ। ଆଜିକୁ ୪୫୦ କୋଟି ବର୍ଷ ତଳେ ପୃଥିବୀ ସୃଷ୍ଟି ହେଲା। ସେତେବେଳେ ପୃଥିବୀ ପୃଷ୍ଠରେ କୌଣସି ଜୀବ ନଥିଲେ। ପୃଥିବୀରେ ସମୁଦ୍ର ସୃଷ୍ଟି ହେଲା। ପ୍ରାୟ ୧୦୦ କୋଟି ବର୍ଷ ବିତିଲା ପରେ ସମୁଦ୍ର ଭିତରେ ହିଁ ପ୍ରଥମ ଜୀବ ସୃଷ୍ଟି ହୋଇଥିଲା। ତେଣୁ ଜୀବନ ସହିତ ଜଳର ନିବିଡ଼ ସମ୍ପର୍କ ରହିଛି।

ପାଣିକୁ ତିନିଟା ରୂପରେ ଦେଖୁ। ଆମେ ପିଉଥିବା ପାଣି ତରଳ ଅବସ୍ଥାରେ ଥାଏ। ତରଳ ପାଣିକୁ ଫ୍ରିଜ୍ ଭିତରେ ରଖିଲେ ତାହା ବରଫରେ ପରିଣତ ହୁଏ, ଯାହାକି ପାଣିର କଠିନ ଅବସ୍ଥା। ପାଣିକୁ ଗରମ କଲେ ବାଷ୍ପ ବାହାରେ, ଯାହାକି ପାଣିର ଗ୍ୟାସୀୟ ଅବସ୍ଥା। ତେଣୁ ପାଣି ତିନିଟା ରୂପରେ ରହିପାରେ। ଯେଉଁ ଗ୍ରହରେ ପାଣି ତିନିଟା ଅବସ୍ଥାରେ ରହିପାରିବ, ସେଠାରେ ଜୀବନ ସମ୍ଭବ। ପୃଥିବୀ ଏହାର ଉଦାହରଣ। ଆହୁରି ୭ଟି ଗ୍ରହ ଓ ଅନେକ ଛୋଟବଡ଼ ପିଣ୍ଡ ସୂର୍ଯ୍ୟ ଚାରିପଟେ ବିଭିନ୍ନ ଦୂରତାରେ ବୁଲୁଛନ୍ତି। ଯେଉଁ ପିଣ୍ଡଗୁଡ଼ିକ ସୂର୍ଯ୍ୟର ଅତି ନିକଟରେ ରହି ବୁଲୁଛନ୍ତି, ସେଗୁଡ଼ିକ ଅତି ଉତ୍ତପ୍ତ ଅବସ୍ଥାରେ ଅଛନ୍ତି। ସେଠାରେ ନିଆଁ ବର୍ଷିଲା ପରି ଖରା ହୁଏ। ବୁଧ ଓ ଶୁକ୍ର ସେମିତିକା ଦୁଇଟା ଗ୍ରହ।



ସେଠାରେ ଜୀବଜନ୍ତୁ ବଞ୍ଚିପାରିବେ ନାହିଁ। ପିଣ୍ଡଗୁଡ଼ିକ ସୂର୍ଯ୍ୟଠାରୁ ଅତି ଦୂରରେ ରହିଲେ ସେଠାରେ ଜୀବଜନ୍ତୁ ତିଷ୍ଠିପାରିବେ ନାହିଁ। ଆମ ବଞ୍ଚିବା ପାଇଁ ପୃଥିବୀ ଠିକ୍ ଜାଗାରେ ରହିଛି। ସୂର୍ଯ୍ୟଠାରୁ ଯେଉଁ ଦୂରତାରେ ପୃଥିବୀ ରହିଛି, ସେହି ଅଞ୍ଚଳକୁ ଗୋଲଡିଲକ୍‌ସ ଅଞ୍ଚଳ ବୋଲି କୁହାଯାଏ। ଏହି ଦୂରତାରେ ବେଶି ଗରମ ନାହିଁ କିମ୍ବା ବେଶି ଥଣ୍ଡା ନାହିଁ। ଏହି ଅଞ୍ଚଳରେ ପାଣି କଠିନ-ତରଳ-ଗ୍ୟାସୀୟ ତିନିଟା ଅବସ୍ଥାରେ ରହିପାରିବ। ତେଣୁ ଜୀବଜନ୍ତୁ ବଞ୍ଚିପାରିବେ।

ଯଦି ଆମ ସୌରଜଗତ ବାହାରେ କୌଣସି ଜୀବନ୍ତ ଗ୍ରହ ଥିବେ, ସେଗୁଡ଼ିକ ନିଜର ନକ୍ଷତ୍ରଠାରୁ ଗୋଲଡିଲକ୍‌ସ ଦୂରତାରେ ରହିଥିବେ। ତେଣୁ ବାହ୍ୟଗ୍ରହ ଖୋଜିବା ସମୟରେ ନିଜର ନକ୍ଷତ୍ରଠାରୁ ସେହି ଗ୍ରହଟି କେତେ ଦୂରରେ ଅଛି, ସେକଥା ପ୍ରଥମେ ଚିନ୍ତା କରୁ। କାରଣ ଗୋଲଡିଲକ୍‌ସ ଅଞ୍ଚଳରେ ରହିଲେ ସେଠାରେ ଜୀବନର ସମ୍ଭାବନା ରହିବ। ବ୍ରହ୍ମାଣ୍ଡରେ ଅନେକ ଛାୟାପଥ ଅଛନ୍ତି। କେବଳ ଆମ ଛାୟାପଥ ଆକାଶଗଙ୍ଗାରେ ପ୍ରାୟ ୧୬,୦୦୦ କୋଟି ବାହ୍ୟଗ୍ରହ ଥିବାର ଅନୁମାନ କରାଯାଉଛି। ୨୦୨୦ ଗବେଷଣା ଅନୁସାରେ ସେଥିମଧ୍ୟରୁ ୬,୦୦୦ କୋଟି ବାହ୍ୟଗ୍ରହ ଅଛନ୍ତି, ଯାହାର ଆକାର ପୃଥିବୀ ଭଳି। କିନ୍ତୁ ଦୁଃଖର କଥା, ନକ୍ଷତ୍ରର ଗୋଲଡିଲକ୍‌ସ ଅଞ୍ଚଳରେ ଅନେକ ଗ୍ରହ ମିଳିଥିଲେ ବି କୌଣସି ଗ୍ରହରେ ଜୀବଜଗତ ଥିବାର ଠୋସ୍ ପ୍ରମାଣ ଆମକୁ ମିଳିନାହିଁ। କିନ୍ତୁ ସେହି ଗ୍ରହଗୁଡ଼ିକରେ ଜୀବଜଗତ ନାହିଁ ବୋଲି ଆମେ ଦୃଢ଼ ଭାବରେ କହିପାରିବା ନାହିଁ।

ଗୋଲଡିଲକ୍‌ସ ଅଞ୍ଚଳରେ ଗ୍ରହଟିଏ ରହିଲେ ହଠାତ୍ ଜୀବନ ଆରମ୍ଭ ହୁଏ ନାହିଁ। ସେଥିପାଇଁ ସମୟ ଦରକାର। ଯେମିତି ଗୋଲଡିଲକ୍‌ସ ଅଞ୍ଚଳରେ ଅବସ୍ଥାନ କରୁଥିବା ପୃଥିବୀ ସୃଷ୍ଟି ହେବା ସମୟରେ ଜୀବଜନ୍ତୁ ନଥିଲେ କି ମଣିଷ ନ ଥିଲା। ସେତେବେଳେ ତାହା ଉତ୍ତପ୍ତ ବାଷ୍ପର ବିରାଟ ପିଣ୍ଡଟିଏ ଥିଲା। ଧୀରେ ଧୀରେ ଥଣ୍ଡା ହେଲା। ଏହାର ପୃଷ୍ଠତଳ ଟାଣ ହେଲା। ପୃଥିବୀପୃଷ୍ଠରେ ସମୁଦ୍ର ସୃଷ୍ଟି ହେଲା। ବିନା ଜୀବରେ ବିତିଗଲା ୧୦୦ କୋଟି ବର୍ଷ। ତା'ପରେ ଜଳ ଭିତରେ ଏକକୋଷୀ ଜୀବନର ଆରମ୍ଭ ହେଲା। ଏକକୋଷୀରୁ ବହୁକୋଷୀ ଜୀବନ ସମ୍ଭବ ହେଲା। ନାନା ଜାତିର ପ୍ରାଣୀ ସୃଷ୍ଟି ହେଲେ। ଯାହା ପ୍ରମାଣ ମିଳିଛି, ପୃଥିବୀ ପୃଷ୍ଠରେ ମଣିଷର ଆବିର୍ଭାବ ହେଲା ଏଇ ମାତ୍ର ୫୫ ଲକ୍ଷ ବର୍ଷ ତଳେ। ଅର୍ଥାତ୍ ପୃଥିବୀର ବୟସ ୧ ଦିନ ହେଲେ ମଣିଷର ଜନ୍ମ ମାତ୍ର ୨ ମିନିଟ ତଳେ ହୋଇଛି। ତେଣୁ ଆମେ ସେମିତିକା ବାହ୍ୟଗ୍ରହକୁ ଖୋଜିଚାଲିଛୁ, ଯିଏକି ଗୋଲଡିଲକ୍‌ସ ଅଞ୍ଚଳରେ ଅତି କମ୍‌ରେ ୧୦୦ କୋଟି ବର୍ଷ ରହିଥିବ। କେବେ ସେମିତିକା ଗ୍ରହର ସନ୍ଧାନ ମିଳିବ, ସେହି ଖବର ଶୁଣିବା ପାଇଁ ଆମେ ଅପେକ୍ଷା କରି ରହିଛୁ। ସେଠାରେ ଥିବା ଜୀବମାନଙ୍କୁ ଦେଖିବା ପାଇଁ ଅନେଇ ବସିଛୁ।

ପ୍ରାଧ୍ୟାପକ (ଫିଜିକ୍ସ),
ଭଦ୍ରକ ଅଟୋନମସ୍ କଲେଜ, ଭଦ୍ରକ
ମୋ: ୯୪୩୯୫୦୧୬୫୧

## ଏଇ ଭାରତରେ

ଉତ୍ତରପ୍ରଦେଶର ଧୀରଜ ବର୍ମା ଟିଭି ଶୋ' ଦେଖି ଷ୍ଟ୍ରବେରି ଚାଷ ଆରମ୍ଭକରି ଜଣେ ସଫଳ ଚାଷୀ ହୋଇପାରିଛନ୍ତି। ସେ ବିନା ମାଟି ଅର୍ଥାତ୍ କେବଳ ପାଣି (ହାଇଡ୍ରୋପୋନିକ୍ସ ପଦ୍ଧତି)ରେ ଚାଷକରି ପ୍ରଥମ ପର୍ଯ୍ୟାୟରେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନ କରିବା ସହ ଲକ୍ଷାଧିକ ଟଙ୍କା ଲାଭ ପାଇଛନ୍ତି। ଧୀରଜ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲକରିବା ପରେ ୧୩ ବର୍ଷ ଧରି ୧୦ ଏକର ପୈତୃକ ଜମିରେ ବିଭିନ୍ନ ପ୍ରକାର ଶସ୍ୟ ଓ ପନିପରିବା ଚାଷ କରୁଥିଲେ। କିନ୍ତୁ ତାହା ଲାଭଜନକ ନ ହେବାରୁ ଟିଭିରେ ଇସ୍ରାଏଲରେ ହେଉଥିବା ଷ୍ଟ୍ରବେରି ଚାଷ ପଦ୍ଧତିକୁ ଦେଖି ତାହା କରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ମଧ୍ୟପ୍ରଦେଶରୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ତାଙ୍କ ଗାଁ ବାରାବାଙ୍କିର ମୀନାପୁରରେ ୩,୫୦୦ ବର୍ଗଫୁଟ ଜାଗାରେ ହାଇଡ୍ରୋପୋନିକ୍ସ ଚାଷ ପାଇଁ ଆବଶ୍ୟକ ଉପକରଣ ଲଗାଇଛନ୍ତି। ସମୁଦାୟ ପଦ୍ଧତି ଶେଷକରିବା ଲାଗି ଦେଢ଼ବର୍ଷରେ ସେ ୧୨ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ସେ ଏଥିରେ ୯,୦୦୦ ଷ୍ଟ୍ରବେରି ଚାରାଗଛ ଲଗାଇଛନ୍ତି। ଏଥିରୁ ଗତ ୨ ମାସରେ ସେ ୫ ଟନ୍ ଷ୍ଟ୍ରବେରି ଉତ୍ପାଦନକରି ୩ ଲକ୍ଷ ଟଙ୍କା ଲାଭ ପାଇଛନ୍ତି। ଆସନ୍ତା ବର୍ଷ ଏହି ଚାଷରୁ ୧୦ ଲକ୍ଷ ଟଙ୍କା ଲାଭ କରିବେ ବୋଲି ଆଶାବାଦୀ ଅଛନ୍ତି ଧୀରଜ।

## ୫୦ ବର୍ଷ ତଳର ଧରିତ୍ରୀ

୯ ଡିସେମ୍ବର ୧୯୭୬

- ଜାତିସଂଘର ସଚିବ ପ୍ରଧାନ ପଦରେ ୫୮ ବର୍ଷ ବୟସ୍କ ଡଃ ୱାଲ୍‌ଡ଼ ହେଇନ୍ ୨ୟ ଥର ପାଇଁ ପୁନଃ ନିର୍ବାଚିତ।
- ମେକ୍ସିକୋର ପରମାଣୁ ପଦାର୍ଥ ବିଜ୍ଞାନୀ ଡଃ ଲୁଇସ୍ ଏଷ୍ଟ୍ରାଡାଙ୍କୁ ଆନ୍ତର୍ଜାତିକ କଳିଙ୍ଗ ପୁରସ୍କାର ଅର୍ପଣ।

## ଚିରନ୍ତନୀ

କେତେ ପରଶର ପରାସ ଲାଗି ଏ ପ୍ରାଣ
ପାଷାଣରୁ ବଳି ହୋଇଛି ତ ବଡ଼ ଟାଣ
ରୂପର ଝଲକେ ନିଭିଛି ଆଖିରୁ ଜ୍ୟୋତି
ଶିଶୁ ଖେଳ ପରା ଲାଗେ ପ୍ରୀତି ଅଭିମାନ ।
-(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପାନୀୟ ଜଳର ବ୍ୟବସ୍ଥା କରୁନାହାନ୍ତି

ମହାଶୟ,

ଓଡ଼ିଶାର ସବୁ ସହରରେ ଥିବା ହୋଟେଲ ଏବଂ ଲଜ୍‌ଗୁଡ଼ିକରେ ୨୪ ଘଣ୍ଟା ରହିବା ପାଇଁ ରୁମ୍ ପିଛା ଟଙ୍କା ନେଉଛନ୍ତି। ନିଜର କାମ ପାଇଁ ଲୋକମାନେ ବାହାରୁ ଆସି ରହୁଛନ୍ତି। ହେଲେ ପରିତାପର ବିଷୟ, ଅଧିକାଂଶ ହୋଟେଲ କିମ୍ବା ଲଜ୍‌ରେ ସାମାନ୍ୟତମ ପାନୀୟ ଜଳର ବ୍ୟବସ୍ଥା ରଖୁନାହାନ୍ତି। ପାନୀୟ ଜଳର ମାନ ମଧ୍ୟ ରହୁନାହିଁ। ପଚାରିଲେ ଉତ୍ତର ମିଳେ ଫିଲ୍‌ଟରର ବ୍ୟବସ୍ଥା ନାହିଁ। ବାଧ୍ୟହୋଇ ହୋଟେଲ ଫ୍ରିଜ୍‌ରେ ଥିବା ପାଣି ବୋତଲ ୨୦ଟଙ୍କା ଦେଇ କିଣିବାକୁ ପଡୁଛି। ଏ ବାଟରେ ମଧ୍ୟ ହୋଟେଲ ଓ ଲଜ୍ ମାଲିକମାନେ ଲୋକମାନଙ୍କୁ ଶୋଷଣ କରୁଛନ୍ତି। ଏ ଦିଗରେ ସରକାର ଦୃଷ୍ଟିଦେଇ ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ନେବା ଦରକାର।

–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନିମ୍ନମାନର ଛତୁଆକୁ ନେଇ ବଢୁଛି ଅସନ୍ତୋଷ

## ୨ ଯୋଗାଣକାରୀ ସଂସ୍ଥା କଳାତାଲିକାଭୁକ୍ତ

ବାରିପଦା,୮।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାବ୍ୟାପି ଅଙ୍ଗନୱାଡି କେନ୍ଦ୍ରକୁ ଯୋଗାଣ ହେଉଥିବା ଛତୁଆର ମାନ ଓ ଗୁଣବତ୍ତାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଛତୁଆର ନମୁନା ପରୀକ୍ଷାକୁ ନେଇ ବିଧାୟକ ଅମର କୁମାର ନାୟକଙ୍କ ଅଣତାରକା ପ୍ରଶ୍ନର ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜିଲାର ୨ଟି ସ୍ୱୟଂ ସହାୟିକା ଗୋଷ୍ଠୀ ବଡ଼ସାହି ବ୍ଲକ୍ ଖାନୁଆ ଅଞ୍ଚଳର ବାଣଶ୍ରୀ ଏସ୍ଏଚ୍‌ଜି ଓ ତିରିଂ ବ୍ଲକ୍ ଅଞ୍ଚଳର ମା' ମନସା ଏସ୍ଏଚ୍‌ଜିକୁ କଳା ତାଲିକାଭୁକ୍ତ କରାଯାଇଛି ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ, ନିମ୍ନମାନର ଛତୁଆ ଯୋଗାଣକୁ ନେଇ ୨୦୨୫ ଅକ୍ଟୋବର ୨୨ରେ ଅନୁଷ୍ଠିତ ଜିଲାପରିଷଦ ବୈଠକରେ ସଦସ୍ୟମାନେ ପ୍ରଶ୍ନ ଉଠାଇଥିଲେ ।

ମୟୂରଭଞ୍ଜ ଜିଲାରେ ଶିଶୁ ବାଟିକା ପାଇଁ ପ୍ରଚଳିତ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଉପଯୁକ୍ତ ଶିକ୍ଷା ଓ ପୋଷଣକୁ ଗୁରୁତ୍ୱ ଦିଆଯାଉଛି। ଜିଲାର ୨୬ଟି ବ୍ଲକ୍, ୪ଟି ବିଜ୍ଞାପିତ ଅଞ୍ଚଳ ପରିଷଦରେ ମୋଟ ୫୧୫୩ଟି ଅଙ୍ଗନୱାଡି କେନ୍ଦ୍ର ଚାଲୁ ରହିଛି। ଏହାରି ମାଧ୍ୟମରେ ଶିଶୁ, ଗର୍ଭବତୀ, ପ୍ରସୂତି ଓ କିଶୋରୀମାନଙ୍କୁ ପୋଷଣ ସାମଗ୍ରୀ ଓ ଛତୁଆ ଯୋଗାଣ କରାଯାଉଛି । ଜିଲାରେ ୧୮୦୩୧ ଗର୍ଭବତୀ, ୧୨୪୫୫ ପ୍ରସୂତି, ୩ବର୍ଷରୁ ୬ବର୍ଷ ମଧ୍ୟରେ ୮୨୫୧୮ ଶିଶୁଙ୍କୁ ମିଶାଇ ମୋଟ ୧ଲକ୍ଷ ୧୩ହଜାର ୪ଜଣଙ୍କୁ ପୁଷ୍ଟିକର ଖାଦ୍ୟ ଛତୁଆ ଦିଆଯାଉଛି। ଏ ବାବଦରେ ପ୍ରତି ମାସରେ ସରକାରୀ ତହବିଲରୁ ୨ଲକ୍ଷ ୯୧ହଜାର ୭୦୧ଟଙ୍କା ପ୍ରଦାନ କରାଯାଉଛି। ମାତ୍ର ଛତୁଆର ମାନ ଅତ୍ୟନ୍ତ ଖରାପ ରହୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଅପରିଷ୍କାର, ଫିମ୍ପିଲଗା, ପୋକ ସାଲୁବାଲୁ ବାଦାମ ମିଠେଇ, ଏକ୍ସପାଏରି ଛତୁଆ ପ୍ରଦାନ କରାଯାଉଥିବାରୁ ତାହାକୁ ଅନେକ ଖାଇ ଅସୁସ୍ଥ ହେଉଥିବା ବେଳେ କେହିକେହି ଏହାକୁ ବ୍ୟବହାର ନ କରି ଗାଈଗୋରୁଙ୍କୁ ଖାଇବାକୁ ଦେଉଥିବା ନେଇ ଅଭିଯୋଗ ହୋଇଥିଲା।

ତେବେ ବିଧାନସଭା ପ୍ରଶ୍ନକାଳରେ ବିଧାୟକଙ୍କ ଅଣତାରକା ପ୍ରଶ୍ନ ନଂ. ୨୪୦୭ ଅନୁଯାୟୀ ଜିଲାର ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ୫ବର୍ଷ ମଧ୍ୟରେ ନିମ୍ନମାନର ଛତୁଆ ଯୋଗାଣକୁ ନେଇ ମହିଳା ଓ ଶିଶୁ ବିଭାଗ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉତ୍ତରରେ ସ୍ପଷ୍ଟ କରିଛନ୍ତି। ମୟୂରଭଞ୍ଜ ଜିଲାରେ ଯୋଗାଣକାରୀ ୨ ସ୍ୱୟଂ ସହାୟିକା ଗୋଷ୍ଠୀକୁ ୫ଥର ଚେତାବନୀ ଦେବା ପରେ କଳାତାଲିକାଭୁକ୍ତ କରାଯାଇଛି ବୋଲି ଉତ୍ତରରେ ଜଣାଇଛନ୍ତି। ଏପରିକି ପ୍ରତି ମାସର ୨୩ତାରିଖକୁ ଛତୁଆ ମିଶ୍ରଣ ଦିବସ ଓ ୧ତାରିଖକୁ ଛତୁଆ ବିତରଣ ଦିବସ ରୂପେ ସ୍ଥିର କରାଯାଇଛି। ଛତୁଆର ମାନ ସୁନିଶ୍ଚିତ କରିବା ପାଇଁ ଛତୁଆ ପ୍ରସ୍ତୁତି ବେଳେ ସୁପରଭାଇଜରଙ୍କ ବ୍ୟତୀତ ଜିଲା ଓ ବ୍ଲକ୍‌ସ୍ତରର ବିଭିନ୍ନ ଅଧିକାରୀମାନେ ପ୍ରସ୍ତୁତି କେନ୍ଦ୍ରରେ ଉପସ୍ଥିତ ରହି ନୀରିକ୍ଷଣ କରିବାର ବ୍ୟବସ୍ଥା ରହିଛି। ଏହା ବ୍ୟତିତ ଖାଦ୍ୟର ମାନ ବଜାୟ ରଖିବା ପାଇଁ ଗ୍ରାମସ୍ତରରେ ଯାଞ୍ଚ କମିଟି ଓ ମାତୃ କମିଟି ମଧ୍ୟ ତଦାରଖ କରିବାର ବ୍ୟବସ୍ଥା ରହିଛି। ଛତୁଆର ମାନ ଓ ଗୁଣବତ୍ତା ପରୀକ୍ଷା କରିବା ପାଇଁ ପ୍ରତିମାସରେ ପ୍ରୋଜେକ୍ଟସ୍ତରରୁ ଛତୁଆ ନମୁନାକୁ ଖାଦ୍ୟ ପରୀକ୍ଷଣ ସଂସ୍ଥାନ ଭୁବନେଶ୍ୱରକୁ ପଠାଯାଉଛି। ତେବେ ଜିଲାରେ ଛତୁଆର ମାନକୁ ନେଇ ଏକ ବର୍ଷ ମଧ୍ୟରେ ପରୀକ୍ଷଣ କେନ୍ଦ୍ରରୁ କୌଣସି ଅଭିଯୋଗ ଆସିନାହିଁ ବୋଲି ମହିଳା ଓ ଶିଶୁ ବିକାଶ ଯୋଜନାର ଜିଲା ସମାଜ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତି ପ୍ରକାଶ କରିଛନ୍ତି। ଜିଲାର କୌଣସି କେନ୍ଦ୍ରରେ ଛତୁଆକୁ ନେଇ ଅଭିଯୋଗ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ତେବେ ଧାର୍ଯ୍ୟ ତାରିଖରେ ଛତୁଆ ପ୍ରଦାନ କରାଯାଉଥିବା ବେଳେ କେନ୍ଦ୍ର ପକ୍ଷରୁ ବଣ୍ଟନରେ ବିଳମ୍ବ ଯୋଗୁ ଏଭଳି ପରିସ୍ଥିତି ଉପୁଜିବାରେ ଲାଗିଥିବା ଓ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଷ୍ଟକ ସମ୍ପର୍କିତ ତଦନ୍ତ କଲେ ଏହାର ପୁନରାବୃତ୍ତି ହେବ ନାହିଁ ବୋଲି ଏକ ଯୋଗାଣକାରୀ ସଂସ୍ଥା କହିଛି।

# ଆତ୍ମରକ୍ଷା ତାଲିମ ଶିବିର



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନେ।

ବୈଶିଙ୍ଗା,୮।୧୨(ରତନ ଦାଶ)

ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ସୋମବାର ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରଘୁନାଥ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଲ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଁଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାର୍ଗବୀ ମହାନ୍ତ ଏବଂ ଦୀପାଞ୍ଜଳି ଦାସ ପ୍ରଶିକ୍ଷିକା ଭାବେ ଯୋଗଦାନ କରି ଉପସ୍ଥିତ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ଆବଶ୍ୟକତା ସମ୍ପର୍କରେ ଜଣାଇଥିଲେ।

# ରାଇରଙ୍ଗପୁରରେ ପଶ୍ଚିମବଙ୍ଗ ରାଜ୍ୟପାଳ

ରାଇରଙ୍ଗପୁର,୮।୧୨(ମାନସ ମହାନ୍ତି)– ପଶ୍ଚିମବଙ୍ଗ ରାଜ୍ୟପାଳ ଡ. ସି.ଭି.ଆନନ୍ଦ ବୋଷ ୩ ଦିନିଆ ରାଇରଙ୍ଗପୁର ଗସ୍ତରେ ଆସିଛନ୍ତି। ସୋମବାର ସେ ରାଇରଙ୍ଗପୁରରେ ପହଞ୍ଚି ଥିଲେ। ତାଙ୍କ ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପରାମର୍ଶଦାତା ଡ. ବିଜୟଲକ୍ଷ୍ମୀ ମହାନ୍ତି ସାମିଲ ଅଛନ୍ତି। ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି। ରାଜ୍ୟପାଳ ଆନନ୍ଦ ବୋଷ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଶାଶୁଘର କୁସୁମୀ ବ୍ଲକ ଅନ୍ତର୍ଗତ ପାହାଡ଼ପୁର ଗସ୍ତ କରିଛନ୍ତି ।

# ବିଦ୍ୟାଳୟର ବାର୍ଷିକୋତ୍ସବ





ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ବେତନଟୀ,୮।୧୨(ଧରଣୀଧର ମହାନ୍ତି)

ବେତନଟୀସ୍ଥିତ ସେଣ୍ଟ ଜାଭିଅର ହାଇସ୍କୁଲର ପଞ୍ଚମ ବାର୍ଷିକ ଉତ୍ସବ 'ଦୃଷ୍ଟାନ୍ତ' ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଳବ କର, ସମ୍ମାନୀୟ ଅତିଥି ଭାବେ ବାରିପଦା ସେଣ୍ଟ ଜାଭିଅର ବିଦ୍ୟାଳୟର ଅଧ୍ୟକ୍ଷ ସନ୍ୟାସୀ ପ୍ରଧାନ, ପରିଚାଳନା କମିଟି ସମ୍ପାଦକ ଅମିତାଭ ପଟ୍ଟନାୟକ, ବିଦ୍ୟାଳୟର ଅଧ୍ୟକ୍ଷ ଜନମନ ବେହେରା ଯୋଗ ଦେଇଥିଲେ। ଅଧ୍ୟକ୍ଷ ବେହେରା ଅତିଥି ପରିଚୟ ପ୍ରଦାନ ସହିତ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କୁନି କୁନି ପିଲାମାନଙ୍କର ଦ୍ୱାରା ଓଡ଼ିଶୀ, ଝୁମର, ସମ୍ବଲପୁରୀ, ସାନ୍ତାଳୀ ଓ ଡାଣ୍ଡିଆ ନୃତ୍ୟ ବେଶ ଉପଭୋଗ୍ୟ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ରିତୁ ମିସ୍, ଯୋଗିତା ମିସ୍, ନିଶିପଦ୍ମା ମିସ୍, ଉଷା ମିସ୍, ଲେଙ୍କା ମିସ୍, କାଶ୍ମୀର ମିଶ, ସୁଶ୍ରୀ ମିସ, ନୀଳାଦ୍ରି ମିଶ, ଅମ୍ରିତା ମିଶ, ଭାଗ୍ୟଶ୍ରୀ ମିସ, ଶ୍ରାବଣୀ ମିସ୍, ଆମେରି ମିସ୍, ଜିତେନ୍ଦ୍ର ସାର, ଧରଣୀ ସାର, ବାସନ୍ତୀ, ଅଞ୍ଜଳି, କ୍ଲର୍କ ଶିକ୍ଷକ ଶଶାଙ୍କ ଶେଖର ପଣ୍ଡା, ଶିକ୍ଷୟିତ୍ରୀ ସାତ୍ତିମା ଶର୍ମା, ରିତୁ ଶର୍ମା ପରିଚାଳନାରେ ସହଯୋଗ କରିଥିଲେ।

# ସେକ୍ସ ର୍‍ୟାକେଟ୍ ଚାଲିଥିବା ସନ୍ଦେହରେ ଚଢ଼ାଉ

ମୋରଡ଼ା/ ରାସଗୋବିନ୍ଦପୁର,୮/୧୨
(ସ୍ମାରକ ମାଝୀ/ ସତ୍ୟବାଦୀ ପରିଡା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ତଥା ଅମର୍ଦା ଫାଣ୍ଡି ଅନ୍ତର୍ଗତ ତମ୍ବାଖୁରୀରେ ସେକ୍ସ ର୍‍ୟାକେଟ ଚାଲିଥିବା ସନ୍ଦେହରେ ପୋଲିସ ଚଢ଼ାଉ କରିଛି। ସୂଚନାଯୋଗ୍ୟ ଯେ, ଦୀର୍ଘ ବର୍ଷ ଧରି ଏକ ନିଛାଟିଆ ସ୍ଥାନରେ ଦେହ ବେପାର ଚାଲିଥିବା ଅଭିଯୋଗ ହୋଇ ଆସୁଥିଲା। ସୋମବାର ସନ୍ଧ୍ୟା ସମୟରେ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ରାଣୀ ମହୁମାଛି, ଦୁଇ ଯୁବକଙ୍କ ସହିତ ୨ ଜଣ ମହିଳା ଥିବା ପୋଲିସ ଦେଖିବାକୁ ପାଇଥିଲା। ତେବେ ଦୁଇ ମହିଳା ଘଟଣାସ୍ଥଳରୁ ଖସି ପଳାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ରାଣୀ ମହୁମାଛି ଓ ଦୁଇ ଯୁବକଙ୍କୁ ଅଟକ ରଖି ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଛି।

# ବାଲି ବୋଝେଇ ଗାଡ଼ି ଜବତ

ମୋରଡ଼ା,୮।୧୨(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଞ୍ଚଳରେ ବେଆଇନ ବାଲି ଚୋରା ଚାଲାଣ ବଢ଼ି ଚାଲିଛି। ବାଲି ଚାଲାଣରେ ରୋକ୍ ଲଗାଇବାକୁ ପୋଲିସ ପ୍ରଶାସନ ତତ୍ପର ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଥାନା ଅଧିକାରୀ ସତ୍ୟନାରାୟଣ ବଳଙ୍କ ସୂଚନା ମୁତାବକ, ସୋମବାର ଏକ ଟିପ୍ପରରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ବେଳେ କୋଷ୍ଠା ନିକଟରେ ପୋଲିସ ତାହାକୁ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ. ୧୯୦/୨୫) ରୁଜୁ ହୋଇଛି। ଟିପ୍ପର ଡ୍ରାଇଭର ବିଶନାଥ ମହାକୁଡ଼ଙ୍କୁ ପୋଲିସ ଗିରଫ କରିଛି।

# ୩୦୦ରୁ ଅଧିକ ଲୋକଙ୍କୁ କମ୍ବଳ ବଣ୍ଟନ



ଅସହାୟମାନଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

ମୋରଡ଼ା,୮।୧୨(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳର ସାମାଜିକ କର୍ମୀ ଉତ୍ତମ ମହାନ୍ତିଙ୍କ ନେତୃତ୍ୱରେ ୩୦୦ରୁ ଅଧିକ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ରବିବାର ସନ୍ଧ୍ୟାରେ ଉକ୍ତ ବ୍ଲକ ଅଧୀନ ପାରୁଳିଆ ଗ୍ରାମର ୨୩୦ ଏବଂ ସୋମବାର ମଡମ ଗ୍ରାମର ୮୦ ଜଣ ଗରିବ,ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କମ୍ବଳ ବଣ୍ଟନ ସମୟରେ ସାରୁମୂଳା ସରପଞ୍ଚ ମନୋରଞ୍ଜନ ସିଂ, ସମିତି ସଭ୍ୟା ମମତା ମହାନ୍ତି, ୪୮ନଂ. ଜୋନ ଜିଲାପରିଷଦ ସଦସ୍ୟ ଶ୍ୟାମ ସୁନ୍ଦର ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ପେନସନରୁ ବଞ୍ଚିତ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା

ବାରିପଦା, ୮।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)– ଅବସର ପରେ ନିଜର ସମ୍ପୂର୍ଣ୍ଣ ପେନଶନ ପାଇବାରୁ ବଞ୍ଚିତ ଜଣେ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ସୋମବାର ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନ୍ୟାୟ ପାଇଁ ଧାରଣାରେ ବସିଛନ୍ତି। ସ୍ୱାସ୍ଥକର୍ମୀ ଜଣଙ୍କ ହେଲେ ସୁଭାଷ ଚନ୍ଦ୍ର ମହାନ୍ତ। ତାଙ୍କର ଧାରଣାକୁ ସମର୍ଥନ ଜଣାଇ ସହଯୋଗୀ ତଥା ଓଏମପିଏଚଏସ(ଏମ) ସଂଘର ମୁଖ୍ୟ ଉପଦେଷ୍ଟା ଚନ୍ଦ୍ର ମୋହନ ରାଉତ, ସଭାପତି ଅମରେଶ ଚନ୍ଦ୍ର ପୁହାଣ ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ଓ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପତି ଉପସ୍ଥିତ ରହିଥିଲେ। ସିଡିଏମଓ ଡା, କିଶୋର ଆଚାର୍ଯ୍ୟ ଧାରଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ। ଏକ ସପ୍ତାହ ସମୟ ମଧ୍ୟରେ ତାଙ୍କର ସମସ୍ୟାକୁ ସମାଧାନ କରିବେ ବୋଲି ଆବଶ୍ୟକ କାଗଜପତ୍ର ନେଇ ସମାଧାନର ପ୍ରତିଶ୍ରୁତି ଦେବାରୁ ଶ୍ରୀ ମହାନ୍ତ ଅନଶନରୁ ଓହରିଲେ।

# ଦଶମ ଶ୍ରେଣୀ ଛାତ୍ରୀ ଅନ୍ତଃସତ୍ତ୍ୱା

ବାରିପଦା,୮।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଉପକଣ୍ଠ ସଦର ଥାନା ଅଞ୍ଚଳରେ ଜଣେ ୧୦ମ ଶ୍ରେଣୀର ନାବାଳିକା ଛାତ୍ରୀ ଅନ୍ତଃସତ୍ତ୍ୱା ହୋଇଛନ୍ତି। ୭ମାସର ଗର୍ଭବତୀ ଥିବା ଉକ୍ତ ଛାତ୍ରୀଙ୍କୁ ଗର୍ଭପାତ ଅବା ଅନ୍ୟତ୍ର ପ୍ରସବ କରିବାକୁ ପରିବାରବର୍ଗ ଯୋଜନା କରୁଥିବା ଚର୍ଚ୍ଚା ହେଉଛି। ଦଶମ ପରୀକ୍ଷା ଦେବା ପାଇଁ ଛାତ୍ରୀ ଜଣକ ଇଚ୍ଛା ପ୍ରକାଶ କରିଥିବା ବେଳେ ଲୋକ ଲଜ୍ଜାକୁ ନେଇ ପରିବାର ଲୋକେ ଚନ୍ତାରେ ପଡିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୨୪୯/୨୫)ରୁଜୁ କରି ପୋଲିସ ଚୁପ ବସିଛି। ଘଟଣାରେ ଛାତ୍ରୀଙ୍କ ସମ୍ପର୍କୀୟ ଭାଇ ଜଡ଼ିତ ଥିବାରୁ ତାହାକୁ ଲୁଚାଇବା ପାଇଁ ପ୍ରୟାସ କରାଯାଉଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ନାବାଳିକା ଜଣକ ମୋରଡା ବ୍ଲକ୍ ଅଞ୍ଚଳର ଏକ ବିଦ୍ୟାଳୟରେ ପାଠ ପଢୁଥିଲେ । ଶିକ୍ଷା ବର୍ଷ ଆରମ୍ଭ ହେବା ପରେ ସେ ସ୍କୁଲକୁ ଯିବା ଆସିବା କରୁଥିଲେ। ଘରକୁ ନେବା ଆଣିବା କରୁଥିବା ସମ୍ପର୍କୀୟ ଭାଇ ସହିତ ଛାତ୍ରୀଙ୍କ ସମ୍ପର୍କ ବଢ଼ିଥିଲା । ନାବାଳିକାର ଅନିଚ୍ଛା ସତ୍ତ୍ୱେ ସମ୍ପର୍କୀୟ ଭାଇ ବାରମ୍ବାର ବଳାତ୍କାର କରିବାରୁ ସେ ଅନ୍ତଃସତ୍ତ୍ୱା ହୋଇଥିଲେ। ଏହି ଘଟଣା ଗତ ମେ ମାସରୁ ଜଣାପଡ଼ିବା ପରେ ପରିବାର ଲୋକେ ସ୍କୁଲରେ ଲିଖିତ ଦେଇ ଛାତ୍ରୀଙ୍କୁ ଆଣି ଘରେ ରଖିଛନ୍ତି। ଘଟଣା ପ୍ରଘଟ ହେବା ପରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପହଞ୍ଚି ଉକ୍ତ ନାବାଳିକାଙ୍କୁ କାଉନସେଲିଂ କରିଥିଲା । ମାତ୍ର ପରିବାର ଲୋକେ ଏହାକୁ ଲୁଚାଇବା ପାଇଁ ପ୍ରୟାସ କରି ସ୍ୱେଚ୍ଛାସେବୀଙ୍କୁ ଗାଳିଗୁଲଜ କରି ଘରୁ ବାହାର କରି ଦେଇଥିଲେ। ତେବେ ୭ମାସର ଅନ୍ତଃସତ୍ତ୍ୱା ହେବା ପରେ ପରିବାର ଲୋକେ ଘଟଣାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋକସୋ ଆକ୍ଟରେ ମାମଲା ରୁଜୁ ହେବା ପରେ ପୋଲିସ ନାବାଳିକାଙ୍କ ବୟାନ ରେକର୍ଡ କରିବା ସହିତ ରବିବାର ଡାକ୍ତରୀ ମାଇନା କରିଛି। ଏହା ସହିତ ଅଭିଯୁକ୍ତ ଜଣକ ଫେରାର ଥିବାରୁ ତାଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କୁ ପଚାରିବାରୁ ଉକ୍ତ ଛାତ୍ରୀଙ୍କୁ ଉଦ୍ଧାର ପରେ ୱାନ ଷ୍ଟପ ସେଣ୍ଟରରେ ରଖାଯାଇଥିବା କହିଛନ୍ତି।

# ପୃଥକ ଦୁର୍ଘଟଣାରେ ଜଣେ ମୃତ, ୩ ଆହତ

ଠାକୁରମୁଣ୍ଡା,୮।୧୨
(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଅଞ୍ଚଳରେ ସୋମବାର ପୃଥକ ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ କେନ୍ଦୁଝର ଜିଲା ଘଷିପୁରା ଅଞ୍ଚଳର ସନୁ ବେହେରା। ସୂଚନା ଅନୁଯାୟୀ, ସାତକୋଶିଆ ଗ୍ରାମର ମଟାଇ କାଣ୍ଡିୟାଙ୍ଗ ଓ ତାଙ୍କ ଭଉଣୀ କୌଣସି କାମରେ ନଦା ଗ୍ରାମକୁ ଯାଇ ଅପରାହ୍ନ ୪ଟା୩୦ ସମୟରେ ସାତକୋଶିଆ–ନଦା ପ୍ରଧାନମନ୍ତ୍ରୀ ସଡ଼କରେ ଏକ ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ଦ୍ୱାରଶୁଣି ନିକଟରେ ଭାରସାମ୍ୟ ହରାଇ କଡ଼ରେ ଥିବା ମାଇଲ ଖୁଣ୍ଟରେ ପିଟି ହୋଇଯାଇଥିଲେ। ଫଳରେ ଉଭୟେ ଆହତ ହୋଇଥିଲେ। ସେହିପରି ଘଷିପୁରା ଅଞ୍ଚଳର ସନୁ ବେହେରା ଓ ହିମାଂଶୁ ଖିଲାଡି ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ସାପ୍ତାହିକ ହାଟକୁ ଆସି ଅପରାହ୍ନ ୫ଟା ବେଳେ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଠାକୁରମୁଣ୍ଡା –ଆନନ୍ଦପୁର ରାସ୍ତାର ଘୁଲୁଘୁଲିଆ ନିକଟ ଏକ ବାଙ୍କରେ ଭାରସାମ୍ୟ ହରାଇ ଏକ ଲୁହା ଖୁଣ୍ଟରେ ପିଟି ହୋଇ ଯାଇଥିଲେ। ସେଠାରେ ବାଇକ ଚାଳକ ସନୁ ବେହେରାଙ୍କ ମୃତ୍ୟୁ ଘଟିଥିବା ବେଳେ ହିମାଂଶୁ ଆହତ ହୋଇଥିଲେ।

# ୧୦ରୁ ସର୍ବଭାରତୀୟ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ





ଖବରଦାତା ସମ୍ମିଳନୀରେ ଉପସ୍ଥିତ ଟୁର୍ନାମେଣ୍ଟ ଆୟୋଜନ କମିଟିର କାର୍ଯ୍ୟକର୍ତ୍ତାମାନେ।

ବାରିପଦା,୮।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ କନ୍‌ଭେଣ୍ଟ ସ୍କୁଲ ଛକ ନିକଟ ଲେଟ୍‌କଟ୍ କ୍ଲବ୍ ଆନୁକୂଲ୍ୟରେ ୩୧ତମ ସର୍ବଭାରତୀୟ ଟି–ଟ୍ୱେଣ୍ଟି କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୧୦ ତାରିଖରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜନ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ସାଧାରଣ ସମ୍ପାଦକ ଦୀପକ କୁମାର ଦାଶ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ଲକ୍ଷ୍ମୀଧର ନାୟକ, ବରିଷ୍ଠ ସଦସ୍ୟ ବିଜୟ କୁମାର ରାୟ, ନରୋତ୍ତମ ମହାନ୍ତ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଲବିନ୍ଦର ସିଂହ, ଅଜୟ ସିଂହ, ବିନୟ ଷଡ଼ଙ୍ଗୀ, ଦିବ୍ୟ ଲୋଚନ ଦାସ, ଗୌରବ ମହାନ୍ତି, ସୁବ୍ରତ ଲେଙ୍କା, ସମରଜିତ ଗୋସ୍ୱାମୀ, ମାନସ ମହାନ୍ତ, ରୋହିତ ଜେନା, ଦିପାନ ମାଇତି ଓ ଶାନ୍ତନୁ କର ପ୍ରମୁଖ ଉପସ୍ଥିତ ଥିଲେ। ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଖଡ଼ଗପୁରର ସେର୍ସା, କୋଲକାତାର ଏଲ୍ଆର୍ଏସ୍ ଏକାଡେମୀ, ଆନ୍ଧ୍ରପ୍ରଦେଶର ଇଷ୍ଟ କୋଷ୍ଟ ରେଲୱେ, ରାଞ୍ଚିର ସେର୍ସା, ଝାଡ଼ଖଣ୍ଡର ଟାଟାଲିଓ, ଆନ୍ଧ୍ରପ୍ରଦେଶର ରାଜମୁନ୍ଦ୍ରି ୱରିୟର୍ସ, ସମ୍ବଲପୁରର ଏମ୍ଏମ୍‌ସିସି, ଭୁବନେଶ୍ୱରର ଟିସିସି, ରାଉରକେଲାର ଆର୍‌ସିଏ ଓ ବାରିପଦାର ଡିଆର୍‌କେ ସମେତ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦିନ ସକାଳ ୯ଟାରୁ ଖେଳ ଆରମ୍ଭ ହେବା ସହ ୨ଟି ମ୍ୟାଚ ଖେଳାଯିବ। ୧୪ ତାରିଖ ମଧ୍ୟାହ୍ନ ୧୨ଟା ବେଳେ ଫାଇନାଲ ମ୍ୟାଚ ଖେଳାଯିବ। ପ୍ରଥମ ଦିନ ୧ମ ମ୍ୟାଚ ଡିଆରକେ ଓ ଟାଟାଲିଓ ଏବଂ ୨ୟ ମ୍ୟାଚ ରାଞ୍ଚି ଓ ରାଉରକେଲା ମଧ୍ୟରେ ଖେଳାଯିବ। ପୁରସ୍କାର ସ୍ୱରୂପ ଚାମ୍ପିୟନ ଦଳକୁ ୧ ଲକ୍ଷ ଓ ଟ୍ରଫି ଏବଂ ରନର ଅପ ଦଳକୁ ୭୦ ହଜାର ଓ ଟ୍ରଫି ପ୍ରଦାନ କରାଯିବ। ଦର୍ଶକମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବାକୁ ଟୁର୍ନାମେଣ୍ଟ ଆୟୋଜନ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ ଅନୁରୋଧ କରିଛନ୍ତି ।

**QUOTATION CALL NOTICE**

Sealed Quotations are invited from registered firms having valid GSTN for supply of various items related to the IT infrastructure as per the specification given by the Govt. of Odisha (Govt. of Odisha Higher Education No.202469785168/Dt.5.3.25 Non-Govt. aided colleges having students strength less than 750). The sealed Quotations should reach the office of the undersigned within 10 days from the date of publication of the notice. The undersigned reserves the right to cancel any quotation without assigning any reason thereof.

Sd./- Principal
Anchalika Degree Mahavidyalaya,
Pragyanvihar, Siminai, Dhenkanal-759025

**OFFICE OF THE ASKA CO-OPERATIVE SUGAR INDUSTRIES LTD., NUAGAM (ASKA)**
P.O.NUAGAM (ASKA)-761111, GANJAM DISTRICT, ODISHA
Phones:06822-273464, email:askasugar@yahoo.co.in, website:askasugar.com
Letter No.(Engg.) 1991, Dt.06.12.2025

Sealed Tenders are invited from competent farm/agency for undertaking **"AMC of Global make electronic weigh bridges 40 MT (01 No.), 10 MT (02 Nos.) & Eurotech make electronic weigh bridge 80 MT (01 No.)"** for the crushing season 2025-2026 at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our **website: www.askasugar.com.** Filled tender forms can be sent by Speed Post/ Registered Post only, which should reach the office latest by dated. 18.12.2025 by 05.00 P.M.

**Sd./- Managing Director**

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LTD.
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Limited)
गोन्दवाना प्लेस, काँक रोड राँची - 834008, झारखंण्ड, भारत
सीएमपीडीआई मिनी रत्न cmpdi Mini Ratna

**सूचना/NOTICE**

"सामग्री, कार्यो एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इण्डिया लिमिटेड की वेबसाइट **www.coalindia.in**/सम्बंधित अनुषंगी कम्पनी (सीएमपीडीआई, **www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेन्ट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है । इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है ।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in.**"

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, LOHARDAGA**

**e-Procurement Notice**
Tender Reference No. WRD /MID/LOHARDAGA/F2-26/2025-26
Date – 06/12/2025

| | | |
|---|---|---|
| 1. | Name of Work | Construction of Series Checkdam on Paras Nala at vill – Heswe , Block – Senha, Distt.- Lohardaga. |
| 2. | Estimated Cost (Rs. In Lakh) | Rs. 122.811 Lakh |
| 3. | Time of Completion | 11 Months |
| 4. | Date of Publication of e-Tender on website | 24/12/2025 at 05:00 PM |
| 5. | Last date/Time for Submission of e-Tender BID's | 01/01/2026 up to 05:00 PM |
| 6. | Last date for online Submission of Tender Fee and EMD | e-Procurement Portal (jharkhandtenders.gov.in) 01/01/2026 up to 05:00 PM |
| 7. | Date of opening Tender | 03/01/2026 at 02:00 PM |
| 8 | Name & address of office inviting tender | Executive Engineer, Minor Irrigation Division, Lohardaga. |
| 9. | (a) Contact No. of e-Procurement officer (b) E-Mail of e-Procurement officer | 9801286765 Midloh632@gmail.com |
| 10. | Helpline Number of e-Procurement cell | 7488537740 |

Note: - (1) Only e-Tender will be accepted
(2) Published Estimated Cost may be Increase or Decrease.
Further details can be seen on website http://jharkhandtenders.gov.in
Executive Engineer
Minor Irrigation Division, Lohardaga.
PR 367989 (Lohardaga) 25-26 (D)

**GOVERNMENT OF JHARKHAND**
**OFFICE OF THE EXECUTIVE ENGINEER**
**R.C.D. , ROAD DIVISION, SAHIBGANJ**

**e- Procurement Notice**
(2nd Call)
(SHORT TENDER)
e-Tender Reference no.- **RCD/SAHIBGANJ/1047/2025-26**
**Dated : 06.12.2025**

| | | |
|---|---|---|
| 1 | Name of Work | **IRQP/Strengthening work of Shobhanpur Bhatta to Rajgaon via Kishan Prasad from K.M. 0.00 to 19.625 under Road Division, Sahibganj for the Year 2025-26** |
| 2 (a) | Estimated Cost (Rs) | **Rs. 12,57,13,074.00** (Rupees Twelve Crore Fifty Seven Lakh Thirteen Thousand Seventy Four) Only. |
| (b) | Bid Security (Rs) | **12,58,000.00** (Rupees Twelve Lakh and Fifty Eight Thousand) Only. |
| 3 | Time of Completion | 06 (Six) Months |
| 4 | Last date / Time for receipt of bids | 23.12.2025 upto 12.00 Noon |
| 5 | Date of Publication of Tender on website | 10.12.2025 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website *http://jharkhandtenders.gov.in*
EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ
PR 367995 (Road) 25-26 (D)

# କୁଳଡ଼ିହାରୁ ପୁଣି ୨ ଶିକାରୀ ଗିରଫ

**ନୀଳଗିରି, ୮।୧୨(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଳଡ଼ିହା ଅଭୟାରଣ୍ୟରୁ ପୁଣି ୨ ଶିକାରୀଙ୍କୁ ଧରାଇଦେଇଛି ଏଆଇ କ୍ୟାମେରା। କିଛି ଦିନ ପୂର୍ବରୁ ଯୋଡ଼ାଚୁଆ ବିଟ୍ ଅଞ୍ଚଳରେ ବନବିଭାଗ ଦ୍ୱାରା ଖଞ୍ଜାଯାଇଥିବା ଏଆଇ କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ କେସିପୁର ପଞ୍ଚାୟତ ଟୁଲୁକଡ଼ାବ ଅଞ୍ଚଳର ସୁକାନ୍ତ ଖଣ୍ଡେଇ ଓ ନିରଞ୍ଜନ ମଡ଼େଇ ଜଙ୍ଗଲକୁ ଅବାଧ ଶିକାର କରିବା ପାଇଁ ପ୍ରବେଶ କରିଥିଲେ। ବନବିଭାଗ ଦ୍ୱାରା ଖଞ୍ଜାଯାଇଥିବା ଦୁଇଟି ଟ୍ରାପ କ୍ୟାମେରାରେ କଏଦ ହୋଇଥିବା ଏମାନଙ୍କ ଫଟୋ ବନବିଭାଗର ରୁଟିନ୍ ଚେକ୍ ସମୟରେ ଘଟଣା ଜଣାପଡ଼ିବା ପରେ ସେମାନଙ୍କ ସନ୍ଧାନରେ ଥିଲା। ଗତ ରବିବାର ରାତ୍ରିରେ କୁଳଡ଼ିହା ବନବିଭାଗ ଉଭୟ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଫାସ, ଧନୁତୀର ଜବତ କରାଯାଇଛି। ଅଧିକ ତଦନ୍ତ ଚାଲିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ।

# ବର୍ଷେ ପରେ ମିଳିଲା ନିଯୁକ୍ତିପତ୍ର

**ସିମୁଳିଆ, ୮।୧୨(ସନ୍ତୋଷ ନାୟକ)**

## ବର୍ଷେ ହେଲା ଦରମା ପାଇନାହାନ୍ତି ପାଚିକା

ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ବିଦ୍ୟାଳୟରେ ବର୍ଷେ ହେଲା ରୋଷେଇ କରି ଦରମା ପାଇନାହାନ୍ତି ପାଚିକା ପଦ୍ମାବତୀ ସାହୁ। ବିଭାଗୀୟ କର୍ତ୍ତୃପକ୍ଷ ପରସ୍ପରକୁ ଦୋଷାରୋପ କରି ଖସିଯିବା ପାଇଁ ଉଦ୍ୟମ କରୁଥିବା ବେଳେ ପଦ୍ମାବତୀ ମୁଖ୍ୟମନ୍ତ୍ରୀ, ଜିଲାପାଳ, ଶିକ୍ଷା ଅଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତାଙ୍କୁ ତରବରିଆ ଭାବେ ନିଯୁକ୍ତିର ୧ ବର୍ଷ ପରେ ନିଯୁକ୍ତିପତ୍ର ପ୍ରଦାନ କରି ଖସିଯିବା ପାଇଁ ଉଦ୍ୟମ କରୁଥିବା ବେଳେ ପଦ୍ମାବତୀ ଏହାକୁ ପ୍ରତ୍ୟାଖାନ କରିଛନ୍ତି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକରେ।

ଏହି ବ୍ଲକର ବାଙ୍ଗରଖଡ଼ିଗଡ଼ିଆ ପଞ୍ଚାୟତ ଅଧୀନ ବଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟାହ୍ନଭୋଜନ ପାଇଁ ପାଚିକା ଆବଶ୍ୟକ ସମ୍ପର୍କରେ ଗତ ଡିସେମ୍ବର ୨୦୨୪ରେ ବିଜ୍ଞାପନ ପ୍ରକାଶ ପାଇଥିଲା। ପରେ ବିଦ୍ୟାଳୟ ପରିଚାଳନା କମିଟି ଅଧିବେଶନ ସଂଖ୍ୟା ୫୭ ଅନୁଯାୟୀ ଗତ୧୩।୧୨।୨୪ରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଅଞ୍ଚଳର ପଦ୍ମାବତୀ ସାହୁଙ୍କୁ ଚୟନ କରାଯିବା ସହିତ ୧୬।୧୨।୨୪ରୁ ତାଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଦାଶରଥି ଟୁଡୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସୂଚନା ଦେଇଥିଲେ ହେଁ ପଦ୍ମାବତୀଙ୍କୁ ନିଯୁକ୍ତିପତ୍ର କିମ୍ବା ଦରମା ମିଳୁ ନ ଥିଲା। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଏବିଇଓ ବିଦ୍ୟାଧର ମହାଲିକଙ୍କୁ ପଚାରିବାରୁ ଜିଲାପାଳଙ୍କ ଅନୁମୋଦନକ୍ରମେ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରୁ ନିଯୁକ୍ତିପତ୍ର ଆସିବା ପରେ ତାଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଆମେ ବାଧ କରିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି । କେବଳ ବଣା ବିଦ୍ୟାଳୟ ନୁହେଁ ସିମୁଳିଆ ବ୍ଲକର ବିଭିନ୍ନ ୫ଟି ବିଦ୍ୟାଳୟରେ ୭ଟି ପାଚିକା



ପଦ୍ମାବତୀ ସାହୁ।

ପଦବୀ ପାଇଁ ନିଯୁକ୍ତି ପତ୍ର ପ୍ରଦାନରେ ବିଳମ୍ବ କରାଯାଇଥିବାର ଜଣାଯାଇଛି।

ଏ ସମ୍ପର୍କରେ ସ୍କୁଲ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଲିପାଞ୍ଜଳୀ ପରିଡ଼ାଙ୍କୁ ପଚାରିବାରୁ ବିଭିନ୍ନ ବିଦ୍ୟାଳୟର ପାଚିକା ନିଯୁକ୍ତି ସମ୍ପର୍କରେ ଆମେ ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟକୁ ସୂଚନା ଦେଉଥିଲେ ହେଁ ସେଠାକାର ଅବହେଳା ପାଇଁ ବିଳମ୍ବ ଘଟିଥିବା ସେ କହିଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଦାଶରଥି ଟୁଡୁ କହନ୍ତି, ପୂର୍ବତନ ପାଚିକା ବାସନ୍ତୀ ମହାପାତ୍ରଙ୍କ ବୟସ ଅନୁସାରେ ସେ ଅବସର ନେବା ପରେ ସରକାରଙ୍କ ନିୟମ ଅନୁସାରେ ପଦ୍ମାବତୀଙ୍କୁ ପାଚିକା ରୂପେ ନିଯୁକ୍ତି ଦିଆଯାଇଛି। ତେବେ ୧୬।୧୨।୨୪ରୁ ପାଚିକା କାର୍ଯ୍ୟ କରିଆସିଥିଲେ ହେଁ ବିଭାଗ ତାଙ୍କୁ ୧।୧୧।୨୫ରେ ନିଯୁକ୍ତି ପତ୍ର ପ୍ରଦାନ କରିଛି। ତେବେ ବର୍ଷକର ଦରମା ପାଇ ନ ଥିବାରୁ ସେ ନିଯୁକ୍ତି ପତ୍ର ଗ୍ରହଣ କରୁ ନ ଥିବା ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଦରମା ପାଇଁ ନିବେଦନ କରି ଦରମା ବଦଳରେ ନିଯୁକ୍ତି ପତ୍ର ନେବା ପାଇଁ ବାଧ କରାଯାଉଥିବା ପଦ୍ମାବତୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସିମୁଳିଆ ବ୍ଲକରେ ୧୪୭ଟି ସରକାରୀ ବିଦ୍ୟାଳୟ ରହିଛି। ଛାତ୍ରୀଛାତ୍ରମାନଙ୍କ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ୩୧୭ଜଣ ପାଚିକା ଅଛନ୍ତି।

# ବଜାରରେ ବାଛୁରି କଟା ମୁଣ୍ଡ ପଡ଼ିବା ନେଇ ଧାରଣା

**ବାହାନଗା, ୮।୧୨(ଅରୂପ୍ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ବଜାରରେ ଏକ ବାଛୁରୀର କଟାମୁଣ୍ଡ ପଡିବାକୁ ନେଇ ବାହାନଗା ବଜରଙ୍ଗ ଦଳ ପକ୍ଷରୁ ଧାରଣାରେ ବସିଥିଲେ। ଖବରପାଇ ଗୋପାଳପୁର ଥାନା ପୋଲିସ୍ ଓ ଖନ୍ତାପଡା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ବଜରଙ୍ଗ ଦଳର କର୍ମୀମାନଙ୍କ ଦାବି ଅନୁଯାୟୀ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା କଟା ମୁଣ୍ଡର ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା। ଏନେଇ ଗୋପାଳପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। କେହି ବ୍ୟକ୍ତି ଗୋହତ୍ୟା କରି ମାଂସ ସହିତ ମୁଣ୍ଡ ଧରିଯାଉଥିବା ବେଳେ ମୁଣ୍ଡ ଏହିଠାରେ ଖସିପଡିଥିବା ଅନୁମାନ କରାଯାଉଛି। ଏହି ଖବର ପ୍ରଚାର ହେବା ମାତ୍ରେ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ପହଞ୍ଚି ଗୋଚାଲାଣ , ଗୋହତ୍ୟାକୁ ପୋଲିସ ପ୍ରଶାସନ ସହାୟତା କରୁଥିବା ନେଇ ସ୍ଲୋଗାନ ଦେଇଥିଲେ।

# ମାନସିକ ପୂରଣ ପାଇଁ ଅସହାୟଙ୍କୁ କମ୍ବଳ ବାଣ୍ଟୁଛନ୍ତି ଶିଶିର



ଟ୍ରଷ୍ଟ ପକ୍ଷରୁ ଅସହାୟଙ୍କୁ କମ୍ବଳ ବଣ୍ଟାଯାଉଛି।

**ଖଇରା, ୮।୧୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ଗ୍ରାମର ଶିଶିର କୁମାର ଜେନା ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ୬ଶହ ବୃଦ୍ଧା, ବୃଦ୍ଧ ଓ ଦିବ୍ୟାଙ୍ଗଙ୍କୁ କମ୍ବଳ ବାଣ୍ଟି ମାନସିକ ପୂରଣ କରିଛନ୍ତି। ନିଜ ପୁଅ ଆୟଷ ୪ବର୍ଷ ଧରି ମୌନ ରହିବା ଏବଂ ଈଶ୍ୱରଙ୍କୁ ପ୍ରାର୍ଥନା ପରେ କଥା କହିବା ପରେ ମାନବ ସେବା ହିଁ ମାଧବ ସେବା ଲକ୍ଷ୍ୟରେ ସେ ୧୩ବର୍ଷ ହେଲା କମ୍ବଳ ବାଣ୍ଟି ଚାଲିଛନ୍ତି । ବାଉଁଶଗଡିଆ ପଞ୍ଚାୟତ ହନୁମାନ ମନ୍ଦିର ପଡିଆରେ ରବିବାର ଶିଶିର ଜେନାଙ୍କ ଦ୍ୱାରା ଗଠିତ କ୍ରିଏଟିଭ ଇଣ୍ଡିଆ ଏଜୁକେଶନାଲ ଆଣ୍ଡ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଅସହାୟମାନଙ୍କୁ ଏହି କମ୍ବଳ ବଣ୍ଟାଯାଇଥିଲା। ସମୀର ବଳବନ୍ତରାୟ, ଅନୁକମ୍ପା ବେହେରା, ତପନ ଦାସ, ରମେଶ ଜେନା, ଦୈତାରୀ ପଣ୍ଡା, ନକୁଳ ପାତ୍ର, ଲୋକନାଥ ସାମଲ, ଅଶେଷ ବେହେରା, ଉଷାରାଣୀ ମହାରଣା, ଭାରତୀ ନାୟକ, ଗୀତାଞ୍ଜଳି ନାୟକ, ଚଞ୍ଚଳା ବେହେରା, ପିତାମ୍ବର ସେଠୀ, ସୁଶାନ୍ତ ପାତ୍ର, ଉତ୍ତମ ପାତ୍ର ଓ ବୃନ୍ଦାବନ ଦେଉରୀ ପ୍ରମୁଖ କମ୍ବଳ ବଣ୍ଟନରେ ସହଯୋଗ କରିଥିଲେ।

# ତାରିଣୀ ମନ୍ଦିରରୁ ଗହଣା, ଦାନବାକ୍ସ ଚୋରି

**ସୋର, ୮।୧୨(ଜନ୍ମେଜୟ ମିଶ୍ର)**

ସୋର ଥାନା ତଳନଗର ପଞ୍ଚାୟତ ପଦନପଡା ଗ୍ରାମରେ ତାରିଣୀ ମନ୍ଦିରରୁ ରବିବାର ରାତିରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ପ୍ରତିଦିନ ଭଳି ପୂଜକ ପୂଜା ସାରି ମନ୍ଦିର ତାଲା ପକାଇ ଯାଇଥିଲେ। ସୋମବାର ସକାଳେ ପୂଜା କରିବାକୁ ଆସିବା ବେଳେ ମନ୍ଦିରର ତାଲା ଭଙ୍ଗା ଯାଇ ଲକ୍ଷାଧିକ ଟଙ୍କାର ମା'ଙ୍କ ଦୁଇଟି ମୁକୁଟ, ଗହଣା , ଦାନ ବାକ୍ସ, ପିତ୍ତଳ ଘଣ୍ଟା ଓ ଅନ୍ୟାନ୍ୟ ଦାମୀ ଆସବାବପତ୍ର ଚୋରି ହୋଇଥିବା ଦେଖିବାକୁପାଇଥିଲେ। ଏନେଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏନେଇ ସୋର ଥାନାରେ ଅଭିଯୋଗ କରିବାରୁ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଔପଦା, ୮।୧୨(ଧରିତ୍ରୀ ପଣ୍ଡା)**

ଔପଦା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ବିଦ୍ୟାଳୟ ସମ୍ମୁଖ ପଡିଆରେ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ଶିକ୍ଷକ ଚନ୍ଦ୍ରକାନ୍ତ ଘଡେଇ, ସମ୍ମାନିତ ଅତିଥି ଏବିଓ ରତ୍ନାକର ଦାସ, ତଳକିଆ ସରପଞ୍ଚ ଦିପ୍ତୀରାଣୀ ନାୟକ, କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ଅତିଥିମାନେ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଥିଲେ। ଏହି ବିଦ୍ୟାଳୟର ଶିକ୍ଷକ ସୁଶାନ୍ତ କୁମାର ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରି ମଞ୍ଚକୁ ଆହ୍ୱାନ କରିଥିବା ବେଳେ ସହକାରୀ ଶିକ୍ଷକ ଜଗଦୀଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିବସର ଏହି କ୍ରୀଡା ଉତ୍ସବକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଉଦ୍‌ଘାଟନୀ ସଭା ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା କରଯାଇ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ଚୟନ କରାଯାଇଛି।

# ଜାନୁଆରୀ ୭ରୁ ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ

**ଜଳେଶ୍ୱର, ୮।୧୨(ନବୀନ ସାହୁ)**

ଜଳେଶ୍ୱର ବ୍ଲକ ପଶ୍ଚିମବାର୍ଡ଼ ସମେତ ଆଖପାଖ ୫ରୁ ଉର୍ଦ୍ଧ୍ୱ ପଞ୍ଚାୟତବାସୀଙ୍କ ପାଇଁ ଏକଦା ଭାଇଚାରାର ଉତ୍ସବ କୁହାଯାଉଥିବା ପଶ୍ଚିମବାର୍ଡ ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଆସନ୍ତା ଜାନୁଆରୀ ୭ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ଉଦ୍‌ଯାପିତ ହେବ ବୋଲି ମହୋତ୍ସବ କମିଟି ପକ୍ଷରୁ ଘୋଷଣା କରାଯାଇଛି।

କମିଟି ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ ପଶ୍ଚିମବାର୍ଡସ୍ଥିତ ଦେବକୁମାର ଗୋଠଣାହାଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମବାର୍ଡ ସମବାୟ ସମିତିର ପ୍ରାକ୍ତନ ସଭାପତି ରମେଶ ଚନ୍ଦ୍ର ପାତ୍ର ଅଧକ୍ଷତା କରିଥିଲେ। ଭାଜପା ନେତା ତଥା ପ୍ରାକ୍ତନ ବ୍ଲକ ଉପାଧକ୍ଷ ବ୍ରଜମୋହନ ପ୍ରଧାନ, ପ୍ରାକ୍ତନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଓଷ୍ଟାର ଜଳେଶ୍ୱର ମଣ୍ଡଳ ସଭାପତି ସୁକୁମାର ମିଶ୍ର, ପ୍ରାକ୍ତନ ସରପଞ୍ଚ ରବୀନ୍ଦ୍ର ରାୟ, ଚନ୍ଦନ କୁମାର ଜେନା, ଅନନ୍ତ ଜେନା, କରାମତ୍ ଅଲ୍ଲୀ ସାହା, ହରେନ୍ଦ୍ର ଜେନା, ମଦନମୋହନ ପାତ୍ର, ରବୀନ୍ଦ୍ର ପ୍ରଧାନ, ମହମ୍ମଦ ହୋସେନ, ବାପୁଜୀ ଦାସ, ଶମ୍ଭୁନାଥ ଜେନା, ହରିଶ୍ଚନ୍ଦ୍ର ମହାଳିକ, ରାଜେନ୍ଦ୍ର କର, ପ୍ରଦୀପ ମହାନ୍ତି, ସୂର୍ଯ୍ୟକୁମାର ମିଶ୍ର, ସେକ ହଜିବୁଲ, ରବୀନ୍ଦ୍ର ପାଳ, ସେକ ରାଜୁଦ୍ଦିନ ଉପସ୍ଥିତ ହୋଇ କରୋନାଠାରୁ ବନ୍ଦ ରହିଥିବା ଏହି ମହୋତ୍ସବକୁ ଚଳିତବର୍ଷ ପୁଣି ଜାକଜମକରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲେ।

# ଆଦିବାସୀ ମହୋତ୍ସବ 'ଆଞ୍ଚଳିକ ସମ୍ବାଦ'




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ)/ ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୮।୧୨**

ଆଦିବାସୀ ପରମ୍ପରା, ସଂସ୍କୃତି ଓ ଐତିହ୍ୟକୁ ଆହୁରି ସୁଦୃଢ଼ କରିବା ତଥା ଏହାର ପ୍ରଚାର ପ୍ରସାର ଲକ୍ଷ୍ୟରେ ଟାଟା ଷ୍ଟିଲ ଫାଉଣ୍ଡେଶନ ତରଫରୁ ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତଠାରେ ଆଦିବାସୀ ମହୋତ୍ସବ 'ଆଞ୍ଚଳିକ ସମ୍ବାଦ' ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାୟ ୧୬୦ଜଣ ଆଦିବାସୀ ନେତୃବୃନ୍ଦ ଯୋଗଦେବା ସହ ଏଥିରେ ଦକ୍ଷତା ବିକାଶ, ଜୀବିକା, ସ୍ୱାସ୍ଥ୍ୟ, ଶିକ୍ଷା, ତମାଖୁସେବନ ଓ ମଦ୍ୟପାନର ହାନିକାରକ ପ୍ରଭାବ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସଧାରଣ ଜନତା ଓ ପ୍ରଶାସନ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ତଥା ବିଭିନ୍ନ ସରକାରୀ ଯୋଜନାର ସହଜ ଉପଲବ୍ଧ ଉପରେ ମଧ୍ୟ ଏଠାରେ ଆଲୋଚନା କରାଯାଇଥିଲା। ଏଥିରେ ଆଦିବାସୀ ଭାଷା 'ଅଲିଚିକି' ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଆଦିବାସୀ ସଂସ୍କୃତି ଉପରେ ଆଧାରିତ ଏକ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦେଉଳା ସରପଞ୍ଚ ସରୋଜ ପିଲା ଯୋଗଦେଇ ଏହାର ପ୍ରଶଂସା କରିଥିଲେ। କାର୍ଯକ୍ରମରେ ଟାଟା ଷ୍ଟିଲ ଫାଉଣ୍ଡେଶନ ବାଲିଆପାଳ ୟୁନିଟ୍ ମୁଖ୍ୟ ପ୍ରମୋଦ ପାତ୍ର ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିରେ ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପ ପ୍ରଶାସନିକ ମୁଖ୍ୟ ବିରଜା ଦାସ ଓ ଭୂଅର୍ଜନ ଅଧିକାରୀ ଧର୍ମେନ୍ଦ୍ର ଶତପଥୀ ଯୋଗଦେଇଥିଲେ।

# ନିଆଁ ଲାଗି ଜଳିଗଲା ୨ ବଖରା

**ବସ୍ତା, ୮।୧୨(ହରିଶଙ୍କର ପାଢ଼ି)**

ବାଲେଶ୍ୱର ଜିଲା ବସ୍ତା ଥାନା ଥେଙ୍ଗଡ଼ିଆ ଗ୍ରାମର ସସ୍ମିତା ଖଣ୍ଡାଙ୍କ ଘରେ ରବିବାର ବିଳମ୍ବିତ ରାତିରେ ହଠାତ୍ ଘରେ ନିଆଁ ଲାଗିଯାଇଥିଲା। ତେବେ ଘରେ କେହି ନ ଥିବା ବେଳେ ପଡ଼ୋଶୀମାନେ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହିତ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘରେ ଥିବା ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡିପାଉଁଶ ହୋଇଯାଇଛି। ତେବେ ନିଆଁ କେଉଁ କାରଣରୁ ଲାଗିଛି ତାହା ଜଣାପଡ଼ିନାହିଁ। ଗରିବ ପରିବାରର ହୋଇଥିବାରୁ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି ପରିବାର ଲୋକେ।

# ଏଲମାଇଟି କ୍ରିକେଟ ଟୁର୍ନାମେଣ୍ଟ: ଏରେଣ୍ଡେଇ ଚାମ୍ପିୟନ

**ଖଇରା, ୮।୧୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତାଳମହୁରୀ ଯଜ୍ଞ ପଡିଆରେ ଚାଲିଥିବା ଏଲମାଇଟି ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଏଭି, ଖଇରା, ଫତେପୁର, ବର୍ତ୍ତନା, କଲରାପାଳ, ଅଘିରାପଦା,ଏରେଣ୍ଡେଇ, ମିଟୁଆଣି ଅଂଶଗ୍ରହଣ କରିଥିବା ବେଳେ ମିଟୁଆଣି ଏକାଦଶ ଓ ଏରେଣ୍ଡେଇ ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଏରେଣ୍ଡେଇ ୮ ଓଭରରେ ୮୨ ରନ ସଂଗ୍ରହ କରିଥିଲା। ଜବାବରେ ମିଟୁଆଣି ଏକାଦଶ ସମସ୍ତ ଉଇକେଟ ହରାଇ ମାତ୍ର ୭୦ ରନ କରି ପରାଜୟ ସ୍ୱୀକାର କରିଥିଲା। ଆକାଶ ମହଲା, ଦିପୁ କୁଅଁର ମ୍ୟାଚ ପରିଚାଳନା କରିଥିଲେ। ପଳସା ସରପଞ୍ଚ ମନୋରଞ୍ଜନ ସାହୁ ଖେଳକୁ ଉଦ୍‌ଘାଟନ କରିଥିବା ବେଳେ ଏଲମାଇଟି ଶିକ୍ଷାକେନ୍ଦ୍ରର ସଂସ୍ଥାପକ ମାନସ ଶଙ୍ଖୁଆ ଚାମ୍ପିୟନକୁ ୫ହଜାର ଓ ରନର୍ସଅପ ଟିମ୍‌କୁ ୩ହଜାର ଟଙ୍କା ପୁରସ୍କୃତ କରିଥିଲେ। ସେହିଭଳି ମିହିର ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ପ୍ରକାଶ ପଣ୍ଡାଙ୍କୁ ମ୍ୟାନ ଅଫ ଦି ସିରିଜ ଏବଂ ଶୁଭମ ପୃଷ୍ଟିଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା।

# ଗୋପାଳପୁର କଲେଜ ଛାତ୍ରଙ୍କ ଠାରୁ ନକଲି ବନ୍ଧୁକ ଜବତ

**ବାହାନଗା, ୮।୧୨(ଅରୂପ୍ କୁମାର ଦାସ)**

ବାହାନଗା ବ୍ଲକ ଗୋପାଳପୁର କଲେଜରେ ଜଣେ ଛାତ୍ରଙ୍କଠାରୁ ନକଲି ବନ୍ଧୁକ ଗୋପାଳପୁର ଥାନା ପୋଲିସ୍ ଜବତ କରିଛି। ଏନେଇ ୨ଜଣ ଛାତ୍ରଙ୍କୁ କଲେଜ ଅଧକ୍ଷ ଚାମ୍ବରକୁ ଡାକି ପଚରାଉଚୁରା କରି ଛାଡିଦେଇଛନ୍ତି। ସମ୍ପୃକ୍ତ ଛାତ୍ର ଏଭଳି କାର୍ଯ୍ୟ ଆଉ କେବେ କରିବେ ନାହିଁ ବୋଲି ଲିଖିତ ଭାବେ ଜଣାଇବା ପରେ ଉଭୟଙ୍କୁ ଛାଡି ଦିଆଯାଇଛି। ୨ ଛାତ୍ରଙ୍କ ମୋବାଇଲକୁ ଜବତ କରାଯିବା ସହିତ ସେମାନଙ୍କ ବାପାଙ୍କୁ ଥାନାକୁ ଆସିବା ପାଇଁ ଖବର ଦିଆଯାଇଛି।

ସୋମବାର ଗୋପାଳପୁର କଲେଜରେ ଜଣେ ଯୁକ୍ତ ୨ ଦ୍ୱିତୀୟ ବର୍ଷର କଳା ଛାତ୍ର ଆଉ ଜଣେ ଦଶମ ଶ୍ରେଣୀର ଛାତ୍ର ଉଭୟ ଦୁଇ ସାଙ୍ଗ। ଦଶମ ଶ୍ରେଣୀ ଛାତ୍ରଙ୍କ ଘର ଗୋପାଳପୁର ପଞ୍ଚାୟତ ଅଧୀନ ଏକ ଗ୍ରାମରେ ହୋଇଥିବା ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରଙ୍କ ଘର ବରିପଦା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ। ଉଭୟେ ଇନଷ୍ଟାଗ୍ରାମ ଦ୍ୱାରା ପରିଚିତ ହୋଇ ସାଙ୍ଗ ହୋଇଥିଲେ। ତେବେ ୧୦ମ ଶ୍ରେଣୀ ଛାତ୍ର ଏହି ନକଲି ବନ୍ଧୁକ କିଣିଥିବା ବେଳେ ତାଙ୍କଠାରୁ ମାଗିକି ଯୁକ୍ତ ଦୁଇ ଛାତ୍ର କଲେଜକୁ ଆଣିଥିଲେ। ତେବେ କଲେଜର ଛାତ୍ରଙ୍କ ସହପାଠୀମାନେ ଦେଖିବା ପରେ ପ୍ରଥମେ କଲେଜ ଅଧକ୍ଷଙ୍କୁ ଜଣାଇଥିଲେ। ପରେ ଗୋପାଳପୁର ଥାନାକୁ ମଧ୍ୟ ଜଣାଇଥିଲେ। ପୋଲିସ୍ ଖବରପାଇ କଲେଜରେ ପହଞ୍ଚି ଅଧକ୍ଷଙ୍କ ଚାମ୍ବରକୁ ଯାଇ କଲେଜରେ ପଢୁଥିବା ସମ୍ପୃକ୍ତ ଛାତ୍ରଙ୍କୁ ପଚରାଉଚୁରା କରିବା ପରେ ଗୋପାଳପୁର ପଞ୍ଚାୟତ ଝଳଝଳିଆ ଗ୍ରାମର ୧୦ମ ଶ୍ରେଣୀର ଛାତ୍ରଙ୍କ ପାଖରୁ ସେହି ନକଲି ବନ୍ଧୁକ ଆଣିଥିବା କହିଥିଲେ। ଉଭୟଙ୍କୁ ପଚରାଉଚରା ପରେ ତାଗିଦ୍ କରି ଛାଡି ଦିଆଯାଇଛି। ସେମାନେ ନାବାଳକ ହୋଇଥିବା ସହିତ ନକଲି ବନ୍ଧୁକ ହୋଇଥିବାରୁ ଏନେଇ କୌଣସି ମାମଲା ରୁଜୁ କରାଯାଇନାହିଁ। ଗୋପାଳପୁର କଲେଜ ଅଧକ୍ଷ ନିହାର ରଞ୍ଜନ କର କହିଛନ୍ତି, ଫାଟକରେ ଚେକିଂ ପରେ ସେହି ଛାତ୍ର ବନ୍ଧୁକ ଆଣିଥିବା ଜଣାପଡିଥିଲା।

# 'ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହେଉ'

## ଆମ୍ବୁଲାନ୍ସରେ ଅକ୍ସିଜେନ ସରିଯିବାରୁ ଶିଶୁ ମୃତ୍ୟୁ ଘଟଣା

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୮।୧୨**




ଖବରଦାତା ସମ୍ମିଳନୀରେ ବାଲିଆପାଳ ସୂଚନା ଅଧିକାର ଅଭିଯାନ ଶାଖାର କର୍ମକର୍ତ୍ତା।

ଆମ୍ବୁଲାନ୍ସରେ ଅକ୍ସିଜେନ ସରିଯିବାରୁ ୧୦ ମାସର ଶିଶୁ ପୁତ୍ର ମୃତ୍ୟୁ ଘଟଣାର ନ୍ୟାୟିକ ତଦନ୍ତ କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ଓ ଶିଶୁ ପୁତ୍ର ହରାଇଥିବା ମା'ଙ୍କୁ ୧ କୋଟି ଟଙ୍କାର କ୍ଷତିପୂରଣ ଦେବାକୁ ବାଲେଶ୍ୱର ଜିଲା ବାଲିଆପାଳ ସୂଚନା ଅଧିକାର ଅଭିଯାନ ଶାଖା ପକ୍ଷରୁ ଦାବି କରାଯାଇଛି। ସୋମବାର ସଂଘ ପକ୍ଷରୁ ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଶିଶୁ ପୁତ୍ରଙ୍କ ମାମୁ ରଜନୀକାନ୍ତ ପାତ୍ର କହିଛନ୍ତି। ତେବେ ଏନେଇ ବାଲିଆପାଳ ଥାନାରେ ମାମଲା(ନଂ. ୩୫୭/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ନଭେମ୍ବର ୧୮ତାରିଖ ରାତିରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜକୁ ୧୦ ମାସର ଶିଶୁପୁତ୍ରକୁ ସ୍ଥାନାନ୍ତର ବେଳେ ୧୦୮ ଆମ୍ବୁଲାନ୍ସରେ ଅକ୍ସିଜେନ ସରିଯିବାରୁ ଶିଶୁପୁତ୍ରର ମୃତ୍ୟୁ ହୋଇଥିଲା। ଏହି ଘଟଣା ବିଷୟରେ ବାଲେଶ୍ୱର ସିଡିଏମଓ, ବାଲେଶ୍ୱର ଏମ୍‌ପି, ବସ୍ତା ବିଧାୟକଙ୍କ ସହିତ ବିଭାଗୀୟ ଅଧିକାରୀମାନେ ଅବଗତ ଥିବା ଏବଂ ଉକ୍ତ ବିଷୟରେ ବିଧାନ ସଭାରେ ପ୍ରଶ୍ନ ଉଠିଥିଲେ ମଧ୍ୟ ସରକାର ନୀରବ ରହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସୂଚନା ଅଧିକାର ଆଇନ ବାଲିଆପାଳ ଶାଖାର ଆବାହକ ଅନୁଜ ମହାପାତ୍ର, ସଂଘର ଉପଦେଷ୍ଟା କୁଶଧ୍ୱଜ ଜେନା, ଶରତ କୁମାର ପାତ୍ର, ଅକ୍ଷୟ ଦାସଙ୍କ ସହିତ ଅନ୍ୟ ସଦସ୍ୟମାନେ ଉଚିତ ନ୍ୟାୟ ପାଇଁ ଉକ୍ତ ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି। ତେବେ ଶିଶୁ ପୁତ୍ର ହରାଇଥିବା ମା' ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଇଥିବାରୁ ସେ ନିଜକୁ ଅସହାୟ ମନେ କରୁଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ମୃତ ଶିଶୁପୁତ୍ରଙ୍କ ମାମୁ ଓ ପିତା ପ୍ରକାଶ କରିଛନ୍ତି।

# ସରିଲା ରାଜ୍ୟସ୍ତରୀୟ ଆଖଡ଼ା ପ୍ରତିଯୋଗିତା

**ବାଲେଶ୍ୱର, ୮।୧୨(ବାଞ୍ଛାନିଧି ଦେ)**

## ମହାବୀର ଆଖଡ଼ା ସଂଘର ଶତବାର୍ଷିକୀ ଉତ୍ସବ

ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ଦ୍ୱାରା ୧୯୨୫ ମସିହାରେ ପ୍ରତିଷ୍ଠିତ ବାଲେଶ୍ୱର ଜିଲା ମହାବୀର ଆଖଡ଼ା ସଂଘର ଶତବାର୍ଷିକୀ ପୂର୍ତ୍ତି ଅବସରରେ ରବିବାର ବାର୍ଷିକ ଉତ୍ସବ, ରାଜ୍ୟସ୍ତରୀୟ ଆଖଡ଼ା ଓ ସମର କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁଧାକର ନାଏକ ଏହି ଉତ୍ସବକୁ ଉଦ୍‌ଘାଟନ କରି ପାଇକ ଆଖଡ଼ା ଆମ ରାଜ୍ୟର ଐତିହ୍ୟ ବହନ କରିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ବାଲେଶ୍ୱର ସମେତ ବିଭିନ୍ନ ଜିଲାରୁ ୪ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରି କଳା, ନୈପୁଣ୍ୟ ପ୍ରଦର୍ଶନ କରିଥିଲେ।

ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ ଦତ୍ତ ଯୋଗଦେଇ ପୁରାତନ ସମର କଳା ଅତୀତର ଗାଥାକୁ ସ୍ମରଣ କରୁଛି। ଏହି ସର୍ବପୁରାତନ ସଂଘ ଏହାକୁ ବଞ୍ଚାଇରଖିଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଦାନ ରାଶି ପ୍ରଦାନ କରାଯାଇଥିବାରୁ ସେ ମୁଖ୍ୟମନ୍ତ୍ରୀ ଓ ସଂସ୍କୃତି ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସଂଘ ସଭାପତି ଗୋପୀନାଥ ଶତପଥି ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମ୍ପାଦକ ମନୋଜ ଦାସ ମଞ୍ଚ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସ୍ୱରୂପ ଦାସ, ବ୍ରିଟ୍‌ର ପୂର୍ବତନ ଚେୟାରମ୍ୟାନ ଆଲୋକ ସାହୁ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ବରିଷ୍ଠ କର୍ମକର୍ତ୍ତା ପଦ୍ମଲୋଚନ ଲେଙ୍କା, ରାମେଶ୍ୱର ବେହେରା, ମନୋଜ ରାଉତ, ଭାରତ ଦାସ, କୋଷାଧକ୍ଷ ରାଜେନ୍ଦ୍ର ଚାଟାର୍ଜି ଓ ଆଶ୍ରିତା ତରାଇ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଜୁନିୟର, ସିନିୟର, ବରିଷ୍ଠ ଓ ବାଳିକା ବର୍ଗର ସଫଳ ପ୍ରତିଯୋଗୀ ଓ ଆଖଡ଼ା ସଂଘର ସର୍ଦ୍ଦାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେତା ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।



ବିଜେତା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ବୁଲୁଙ୍କୁ କଡ଼ା ଜବାବ ଦେଲେ ଲୁଲୁ

## ଭାଜପା ରାଜ୍ୟ ସଭାପତିଙ୍କୁ ସମାଲୋଚନା କରିବା ହାସ୍ୟାସ୍ପଦ

ଭଦ୍ରକ, ୮।୧୨ (ସନାତନ ରାଉତ)

ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କ ୨ ପୁଅ ଓ ଭଦ୍ରକ ଜିଲାର ୪ ବ୍ଲକ୍ ଅଧ୍ୟକ୍ଷା ଅଧ୍ୟକ୍ଷଙ୍କ ଭାଜପାରେ ମିଶ୍ରଣ ନେଇ ରାଜନୈତିକ ଚର୍ଚ୍ଚା ଥମି ନ ଥିବାବେଳେ କଂଗ୍ରେସ ନେତା ଅସିତ୍ ପଟ୍ଟନାୟକ(ବୁଲୁ) ରବିବାର ଭୁବନେଶ୍ୱରଠାରେ ଖବରଦାତା ସମ୍ମିଳନୀରେ ଏହି ପ୍ରସଙ୍ଗ ଉଠାଇଥିଲେ। ପ୍ରୟାସକାନ୍ତି ସାମଲ(ଲୁଲୁ)ଙ୍କୁ ଭାଜପାରେ ମିଶାଇ ଥିବାରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସେ କଡ଼ା ଭାଷାରେ ସମାଲୋଚନା କରିବା ସହ ଭଦ୍ରକ ପାଇଁ ଏହା କଳା ଦିବସ ବୋଲି ମନ୍ତବ୍ୟ ଦେଇଥିଲେ। ସୋମବାର ଅପରାହ୍ନ ୫ଟାରେ ଭଦ୍ରକରେ ଏକ ଖବରଦାତା ସମ୍ମିଳନୀରେ ଲୁଲୁ ଏହାର କଡ଼ା ଜବାବ ଦେଇଛନ୍ତି।

ହୋଟେଲ କଲ୍ୟାଣୀ ସମ୍ମିଳନୀ କକ୍ଷରେ


ଖବରଦାତା ସମ୍ମିଳନୀରେ ଭାଜପା ନେତା ପ୍ରୟାସକାନ୍ତି ସାମଲ ଓ ପ୍ରକାଶଜ୍ୟୋତି ମହାକୁଡ଼।

### ଦୀର୍ଘବର୍ଷ ପରେ ପୁଣି ଉଠିଲା ରଙ୍ଗଲତା ପ୍ରସଙ୍ଗ

ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଆମ ମିଶ୍ରଣକୁ ନେଇ ଭଦ୍ରକରେ କଳା ଦିବସ ପାଳିବା ପାଇଁ ବୁଲୁ ପଟ୍ଟନାୟକ ଖବରଦାତା ସମ୍ମିଳନୀରେ କହିଛନ୍ତି। ତେବେ ଭଦ୍ରକରେ ବିଗତ ଦିନରେ ହୋଇଥିବା ଦଙ୍ଗା ଓ ରଙ୍ଗଲତା ଗଣବଳାତ୍କାର ଘଟଣାକୁ ଭଦ୍ରକବାସୀ କେଉଁ ଦିବସ ପାଳନ କରିବେ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି। ଦଙ୍ଗାକାରୀ, ବଳାତ୍କାରୀ ଭଳି ଶବ୍ଦ ଲାଗିଥିବା ବ୍ୟକ୍ତି ଭାଜପା ରାଜ୍ୟ ସଭାପତି ସାମଲଙ୍କ ଭଳି ବ୍ୟକ୍ତିତ୍ୱଙ୍କୁ ସମାଲୋଚନା କରିବା ହାସ୍ୟାସ୍ପଦ। ଏହାକୁ ସେ ଦୃଢ଼ ଭାବେ ନିନ୍ଦା କରୁଛନ୍ତି ବୋଲି ଲୁଲୁ କହିଛନ୍ତି। ଆମ ପରିବାର ବିଷୟରେ ସେ ସମାଲୋଚନା କରୁଛନ୍ତି। ତାଙ୍କ ବାପା ଏବେ ମଧ୍ୟ ବିଜେଡିରେ ଥିବାବେଳେ ସେ କିପରି କଂଗ୍ରେସରେ ଅଛନ୍ତି ବୋଲି ଲୁଲୁ ପ୍ରଶ୍ନ କରିଛନ୍ତି। ଇଞ୍ଜିନିୟରିଂ କଲେଜ ପ୍ରସଙ୍ଗ ଉଠାଇ ସେ କହିଥିଲେ, ତାଙ୍କ ବାପା ଭଦ୍ରକର ବିଧାୟକ ଥିବା ସମୟରେ ସେ ଟଙ୍କା ନେଇଥିଲେ କି। ସେ ବାରମ୍ବାର ଇଡି ଶବ୍ଦ ବ୍ୟବହାର କରୁଛନ୍ତି। ଇଡି ପକ୍ଷରୁ ଯେଉଁ ମାମଲା କରାଯାଇଥିଲା, ତାହାର ମୂଳ ମାମଲା ଏବେ କୋର୍ଟରେ ଖାରଜ ହୋଇସାରିଛି। ସେ ବିଷୟରେ ନ ଜାଣି ସେ ଏପରି ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ହେରାଲ୍ଡ ମାମଲାରେ ତାଙ୍କ କଂଗ୍ରେସ ଦଳର ମୁଖିଆ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ଇଡି ପକ୍ଷରୁ ଚାର୍ଜଶିଟ୍ ଦାଖଲ ହୋଇସାରିଛି। ଆମ ବିରୋଧରେ କେବଳ ଅଭିଯୋଗ ହୋଇଥିଲା। ତାଙ୍କର ନ୍ୟାୟାଳୟ ଉପରେ ଭରସା ଅଛି। ଆଗାମୀ ଦିନରେ ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତାଙ୍କୁ ଦଳରୁ ବହିଷ୍କାର କରିଦେବାକୁ ସେ ରାଜ୍ୟ ସଭାପତିଙ୍କୁ ଅନୁରୋଧ କରିବେ। ଏଥିସହ ସମ୍ମିଳନୀରେ ଭଣ୍ଡାରିପୋଖରୀ ବିଧାୟକଙ୍କୁ ମଧ୍ୟ ସେ ଆକ୍ଷେପ କରି କହିଛନ୍ତି, ତାଙ୍କ ନାମରେ ଇଡିରେ ଅଭିଯୋଗ ପରେ ତଦନ୍ତ ପାଇଁ ନିର୍ଦ୍ଦେଶ ହୋଇଥିବା ସୋସିଆଲ ମିଡିଆରେ ଘୂରି ବୁଲୁଛି। କିନ୍ତୁ ସେ ମଧ୍ୟ ବାରମ୍ବାର ଇଡି ମାମଲା କଥା ଉଠାଉଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପାରେ ଯୋଗ ଦେଇଥିବା ପ୍ରକାଶଜ୍ୟୋତି ମହାକୁଡ଼ ମଧ୍ୟ ବୁଲୁଙ୍କ ମନ୍ତବ୍ୟକୁ ଦୃଢ଼ ଭାବେ ନିନ୍ଦା କରିଛନ୍ତି।

## ଲଘୁ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ

ଭଦ୍ରକ, ୮।୧୨(ରବିନାରାୟଣ ଖିଲାର)

ଭଦ୍ରକ ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଲଘୁ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସ୍ପି ଅଂଶୁମାନ ଦ୍ୱିବେଦୀ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍କୁଲର ଅଧ୍ୟକ୍ଷା ପଦ୍ମାବତୀ ଦ୍ୱିବେଦୀଙ୍କ ଦ୍ୱାରା ଅତିଥି ପରିଚୟ ଏବଂ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୃତ୍ୟ, ଗୀତ, ଇଂଲିଶ କାହାଣୀ କଥନ ଓ କବିତା ଆବୃତ୍ତି, ହିନ୍ଦୀ କାହାଣୀ କଥନ ଓ କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କେ.ଭି. ଆନନ୍ଦପୁର, କେ.ଭି. ବାଲେଶ୍ୱର ୧, କେ.ଭି. ବାଲେଶ୍ୱର ୨, କେ.ଭି. ଭଦ୍ରକ, କେ.ଭି. ଯାଜପୁର, କେ.ଭି. ବ୍ୟାସନଗର, କେ.ଭି. କେନ୍ଦୁଝର, କେ.ଭି. ରାଇରଙ୍ଗପୁର, କେ.ଭି. ଚମ୍ପୁଆ, କେ.ଭି. ବାରିପଦା ଓ କେ.ଭି. ପୂର୍ଣ୍ଣାକୋଟର ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗନେଇ ପ୍ରତିଭା ପ୍ରଦର୍ଶନ କରିଥିଲେ। ଶେଷରେ ଅଧ୍ୟକ୍ଷା ଦ୍ୱିବେଦୀ, ପ୍ରଧାନଶିକ୍ଷକ ବିଜୟଶ୍ରୀ ସାହୁ, ସୁରେନ୍ଦ୍ର କୁମାର ରାଉତ ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁକାନ୍ତି ମିଶ୍ରଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ୭୩ ବର୍ଷରେ ଚଳଚଞ୍ଚଳ ଭ୍ରମରବର


କଦଳୀ ଓ ସାରୁ ବାଡ଼ିରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଭ୍ରମରବର ବିଶ୍ୱାଳ।

### ଚାକିରିରୁ ଅବସର ପରେ କରୁଛନ୍ତି ଚାଷକାମ

ଭଦ୍ରକ,୮।୧୨(ସନାତନ ରାଉତ)

ବୟସର ଅପରାହ୍ନରେ ଥକି ନାହାନ୍ତି। ଚାକିରିରୁ ଅବସର ପରେ ଚାଷ କାମରେ ନିଜକୁ ନିୟୋଜିତ କରି ପାଉଛନ୍ତି ଆତ୍ମସନ୍ତୋଷ। ୭୩ ବର୍ଷ ବୟସରେ ବି ଚଳଚଞ୍ଚଳ ଅଛନ୍ତି ଭଦ୍ରକ ପୌରପାଳିକା ଅପର୍ତ୍ତିବିନ୍ଧାର ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଭ୍ରମରବର ବିଶ୍ୱାଳ। ନିଜ ଜମିରେ ବିଭିନ୍ନ ପ୍ରକାର ପରିବା, ଫୁଲ ଓ ଫଳ ଚାଷ କରି ପରିବେଶକୁ ସବୁଜିମା କରି ରଖିଛନ୍ତି। ଶିକ୍ଷିତ ଯୁବକମାନେ ଚାଷ ପ୍ରତି ଘୃଣା ଭାବ ନ ରଖି ଆଧୁନିକ ଜ୍ଞାନକୌଶଳରେ ଚାଷ କଲେ ନିଜର ବିକାଶ ସହ ଦେଶର ବିକାଶ କରିପାରିବେ। ଏଣୁ ଯୁବପିଢ଼ି ସରକାରୀ ଯୋଜନାରୁ ଲାଭ ଉଠାଇବାକୁ ସେ ପରାମର୍ଶ ଦେଉଛନ୍ତି।

ସେ କହନ୍ତି, ପିଲା ବେଳୁ ତାଙ୍କର ଚାଷ କାମ ପ୍ରତି ଅହେତୁକ ଆଗ୍ରହ ଥିଲା। ବ୍ୟାଙ୍କରେ ଅଡିଟ୍ ମ୍ୟାନେଜର ଭାବେ ୨୦୧୪ରେ ଅବସର ନେବା ପରେ ଘରଠାରୁ ଅନତିଦୂରରେ ତାଙ୍କ ନିଜ ଜମିରେ ପନିପରିବାଠାରୁ ଆରମ୍ଭ କରି ବିଭିନ୍ନ ଫୁଲ, ଫଳ ଚାଷ କରିଛନ୍ତି। ତାଙ୍କ ବଗିଚାରେ ଆମ୍ବ, କଦଳୀ, ପିଜୁଳି, ଲେମ୍ବୁ, ପଣସ, ସେଓ, ନଡ଼ିଆ, ଗୁଆଠାରୁ ଆରମ୍ଭ କରି କୋବି, ବାଇଗଣ, ପୋଟଳ, କାକୁଡ଼ି, ଲାଉ, କଖାରୁ, ଜହ୍ନି, ଭେଣ୍ଡି, ସାରୁ, ଓଲ, ଆଦି ବିଭିନ୍ନ କିସମର ପରିବା ଚାଷ ସହ ଫୁଲ ଓ ଫଳ ଗଛ ଲଗାଇଛନ୍ତି। ବାରିପଦା ଆଗ୍ରୋ କୋର୍ଟ, ଭୁବନେଶ୍ୱରର ଆଇଗିଣିଆ ସେଣ୍ଟ୍ରାଲ ହର୍ଟିକଲ୍ଚର ସହ ରାଜ୍ୟ ବାହାରୁ ବିଭିନ୍ନ କୃଷି ବିଜ୍ଞାନ କେନ୍ଦ୍ରରୁ ଚାରା ଆଣି ନିଜ ବାଡ଼ିରେ ଲଗାଇଛନ୍ତି। ଜଳେଶ୍ୱରରୁ ଏକ ପ୍ରଜାତିର କଦଳୀ ଗଛ ଲଗାଇଥିଲେ, ଯେଉଁଥିରେ ୫ ଫୁଟ୍ ଲମ୍ବର କଦଳୀ କାନ୍ଦି ହୋଇଛି। ଜଣେ ସଫଳ ଚାଷୀ ଭାବେ ଅନେକ ସଙ୍ଗଠନ ଓ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ଚାଷ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ଥିବାରୁ ବ୍ୟାଙ୍କ ମ୍ୟାନେଜର ଥିବା ସମୟରେ ଚାଷୀମାନଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ସେ ଋଣ ପ୍ରଦାନ କରିବାକୁ ଅଧିକ ଗୁରୁତ୍ୱ ଦେଉଥିଲେ ଏବଂ ତାଙ୍କ ଚାଷଜମିକୁ ନିଜେ ଯାଇ ପରିଦର୍ଶନ କରୁଥିଲେ ବୋଲି ସେ କହିଛନ୍ତି। ଦେଶ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଥମେ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ଆବଶ୍ୟକ। ବ୍ୟାଙ୍କରେ ଯେତେ ଋଣ ଦିଆଯାଉଛି, ତାହାର ୪୦ ପ୍ରତିଶତ କେବଳ ଚାଷ ପାଇଁ ଦିଆଯାଉଛି। ଯୁବପିଢ଼ି ଏହାର ସଦୁପଯୋଗ କରି ନିଜ ଜମିବାଡ଼ିରେ ଚାଷ କରି ଆତ୍ମନିର୍ଭରଶୀଳ ଓ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିପାରିବେ ବୋଲି ଭ୍ରମରବର କହନ୍ତି। ସହରରେ କିଛି ଲୋକ ନିଜ ଘର ଛାତ ଉପରେ ଫୁଲ, ଫଳ ସହ ପରିବା ଚାଷ କରୁଛନ୍ତି। ମନରେ ବିଷାଦ ଥିଲେ ଘର ଛାତ ଉପରେ ଚିର ବସନ୍ତର ପରିବେଶ ଦେଖିଲେ ଦୁଃଖ ଲାଘବ ହୋଇଯାଏ ବୋଲି ସେ କହିଛନ୍ତି।

# ଜିଲାପାଳଙ୍କ ଜନଶୁଣାଣି: ଆସିଲା ୧୨୩ ଅଭିଯୋଗ


ଶିବିରରେ ଲୋକେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

ବନ୍ତ, ୮।୧୨(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଶିବିରକୁ ଆସିଥିବା ୧୨୩ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ତହସିଲ ସମ୍ପର୍କିତ ୨୪ଟି ଅଭିଯୋଗ ଥିବାବେଳେ ଭତ୍ତା ୧୬, ରାଶନ କାର୍ଡ ୧୦, ବିଦ୍ୟୁତ୍ ବିଭାଗ ସମ୍ପର୍କିତ ୫, ସରକାରୀ ଆର୍ଥିକ ସହାୟତା ୪, ପ୍ରଧାନମନ୍ତ୍ରୀ ଆବାସ ୩, ପିଡିଏସ୍ ୩, ବିବାହ ସହାୟତା ୨, ବେଆଇନ ମଦ କାରବାର ୨, ପୂର୍ତ୍ତ ବିଭାଗ ବିରୋଧରେ ୨ଟି ଅଭିଯୋଗ ରହିଥିଲା। ସେହିପରି ବସୁନ୍ଧରା ଯୋଜନା, ମାଇନର କେନାଲ, ପିଏମ୍ କିଷାନ, ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର, ନୂତନ ପଞ୍ଚାୟତ ଗଠନ, ଅନ୍ତ୍ୟୋଦୟ ଯୋଜନା, ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର, ଅନ୍ୟ ଜାତିର ବିବାହ, ପ୍ରାଣୀମିତ୍ର ନିଯୁକ୍ତି, ଶିକ୍ଷକ ନିଯୁକ୍ତି, ସୁଭଦ୍ରା ଯୋଜନା, ଯାତ୍ରୀ ବିଶ୍ରାମାଗାର ନିର୍ମାଣ, ଧାନମଣ୍ଡି ସମ୍ପ୍ରସାରଣ, ୫ ସ୍କୁଲରେ ଜଗାରଖା ପାଇଁ ନିଯୁକ୍ତି, ବେଆଇନ ମାଟି ଓ ବାଲି ଖନନ, ପୋଖରୀ ସଫେଇ ଆଦି ନେଇ ଅଭିଯୋଗ ଆସିଥିଲା। ବନ୍ତ ପିଏଚ୍ସିକୁ ସିଏଚ୍ସି କରିବା, ଟିଲୋ ପଞ୍ଚାୟତର କେତୋଟି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବାରେ ବିଳମ୍ବ ନେଇ ଅଭିଯୋଗ ହୋଇଥିଲା। ସେହିପରି ବ୍ଲକ୍ ଅଧ୍ୟକ୍ଷଙ୍କ ବିରୋଧରେ ଲକ୍ଷ୍ମୀକାନ୍ତ ମହାନ୍ତିଙ୍କ ସମେତ ଅନ୍ୟମାନେ ଏବଂ ବିଭିନ୍ନ ପଞ୍ଚାୟତକୁ ଅଣଦେଖା କରାଯାଉଥିବା ନେଇ ପ୍ରଗତିବାଳା ସ୍ୱାଇଁଙ୍କ ସମେତ ଅନ୍ୟମାନେ ଅଭିଯୋଗ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧୀର ରଞ୍ଜନ ନାୟକ, ବିଡିଓ ସୀତାକାନ୍ତ ରାଉତ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ତହସିଲଦାର ସାରା ହେମ୍ବ୍ରମ, ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଶିବିରରେ ଯୋଗ ଦେଇଥିଲେ।

# ବରପଦା ଇଞ୍ଜିନିୟରିଂ କଲେଜ ବିରୋଧରେ ଅପପ୍ରଚାର: ନିର୍ଦ୍ଦେଶକ

ଭଦ୍ରକ,୮।୧୨(ସନାତନ ରାଉତ)

ଭଦ୍ରକ ଜିଲାର ବରପଦା ଇଞ୍ଜିନିୟରିଂ କଲେଜ ବିରୋଧରେ ଅପପ୍ରଚାର କରାଯାଉଛି ବୋଲି କଲେଜର ନିର୍ଦ୍ଦେଶକ ମୋହନ ଚରଣ ପଣ୍ଡା କହିଛନ୍ତି। ଏହି କଲେଜ ଦୀର୍ଘଦିନ ଧରି ବିବାଦ ଘେରରେ ରହିଥିବା ବେଳେ ଏନେଇ କଲେଜର ସମସ୍ତ ଅଧ୍ୟକ୍ଷଙ୍କ ପକ୍ଷରୁ ରବିବାର ସନ୍ଧ୍ୟାରେ ଭଦ୍ରକ ସହରସ୍ଥିତ ହୋଟେଲ କଲ୍ୟାଣୀ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶକ ପଣ୍ଡା କହିଛନ୍ତି, କଲେଜ ବିରୋଧରେ ବିଭିନ୍ନ ସମୟରେ ସୋସିଆଲ ମିଡିଆ ଓ ଗଣମାଧ୍ୟମରେ ଅପପ୍ରଚାର କରାଯାଉଛି। କର୍ମଚାରୀଙ୍କୁ ଦରମା ଦିଆଯାଉ ନାହିଁ ବୋଲି କରାଯାଉଥିବା ଅଭିଯୋଗ ମିଛ। ପ୍ରକୃତରେ କାର୍ଯ୍ୟରେ ଯୋଗ ଦେଉଥିବା କର୍ମଚାରୀଙ୍କୁ ୨୦୨୫ ଏପ୍ରିଲ ୧୫ଠାରୁ ନିୟମିତ ଦରମା ଦିଆଯାଉଛି। ୨୦୨୪ ସେପ୍ଟେମ୍ବର


ଖବରଦାତା ସମ୍ମିଳନୀରେ ବରପଦା ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ଓ ଅଧ୍ୟକ୍ଷମାନେ।

୨୨ଠାରୁ ଯେଉଁ ଆନ୍ଦୋଳନ କରାଯାଇଥିଲା, ସେହି ସମୟରେ ୭ ମାସର ଦରମା ଦିଆଯାଇ ନାହିଁ। ଆନ୍ଦୋଳନ ସମୟରେ ଯେଉଁମାନେ କାର୍ଯ୍ୟ କରିଥିଲେ, ସେମାନଙ୍କୁ ଦରମା ଦିଆଯିବାକୁ ବ୍ୟବସ୍ଥା କରାଯାଉଛି। ସେତେବେଳେ ଭଦ୍ରକ ଏମ୍ପି, ବିଧାୟକ ଓ ଜିଲାପାଳଙ୍କ ସମେତ ପରିଚାଳନା କମିଟି ବସି ବୈଠକ କରାଯାଇଥିଲା। ଏକ ବାଇଲ ପ୍ରସ୍ତୁତ କରାଯାଇଥିଲା। ତା'ପରେ ଧାରଣା ଜାରି ରହିବାରୁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ଏବେ ଯେଉଁମାନେ କାର୍ଯ୍ୟରେ ଯୋଗ ଦେଉଛନ୍ତି, ବାୟୋମେଟ୍ରିକ୍ ଓ ଆଟେନାନ୍ସ ଦେଉଛନ୍ତି, ସେମାନଙ୍କୁ ଦରମା ପ୍ରଦାନ କରାଯାଉଛି ବୋଲି ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। ବିଟେକ୍ର ପ୍ରିନ୍ସିପାଲ ଡ. ଦିଲୀପ ସାହୁ, ଡିପ୍ଲୋମା ପ୍ରିନ୍ସିପାଲ ଡ. ଗଙ୍ଗାଧର ଧଳ, ଏମ୍ବିଏ ପ୍ରିନ୍ସିପାଲ ପ୍ରଜ୍ଞାପରମିତା ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାସୁଦେବପୁର, ୮।୧୨
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ଭାଜପାରେ ସାମିଲ ହେବା ପରେ ସୋମବାର ଭାଜପା ସମର୍ଥକ ଓ ସ୍ଥାନୀୟ ନେତାମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ବାସୁଦେବପୁରସ୍ଥିତ ଭାଜପା କାର୍ଯ୍ୟାଳୟରେ ସେ ପହଞ୍ଚିବା ପରେ ଜିଲା ଉପସଭାପତି ଉଦୟ ନାରାୟଣ ମଲିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ବାଇକ୍ ରାଲିରେ ତାଙ୍କୁ ବ୍ଲକ ପରିସରକୁ ନିଆଯାଇଥିଲା। ପୂର୍ବତନ ସରପଞ୍ଚ କୈଳାସ ପଣ୍ଡା, ରମାକାନ୍ତ ସେଠୀ, କମଳାକାନ୍ତ ବାରିକ, ରବିନାରାୟଣ ଦାସ, କାଉନସିଲର ଜଗବନ୍ଧୁ ଦାସ, ପ୍ରତାପ ସେନାପତି, ସୁଶାନ୍ତ ବେହେରା, ରାଧାକାନ୍ତ ସାମଲ, ରାଜେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ବାଂଲାଦେଶୀ ସନ୍ଦେହରେ ଯାଞ୍ଚ


ଗୁଆଗଡ଼ିଆ ପଞ୍ଚାୟତର କମାରଗାଁଠାରେ ବାସୁଦେବପୁର ଥାନାଧିକାରିଣୀ ଲୋପାମୁଦ୍ରା ନାୟକ ଯାଞ୍ଚ କରୁଛନ୍ତି।

ବାସୁଦେବପୁର,୮।୧୨(କାଳିପଦ ରାୟ)

ବାସୁଦେବପୁର ପୌରାଞ୍ଚଳ ଅଧୀନ ଭୈରବପୁର ଓ ଗୁଆଗଡ଼ିଆ ପଞ୍ଚାୟତର କମାରଗାଁରୁ ୧୯ଜଣଙ୍କୁ ବାଂଲାଦେଶୀ ସନ୍ଦେହରେ ପୋଲିସ ପଚରାଉଚରା କରିଛି। ସୋମବାର ସନ୍ଧ୍ୟାରେ ଥାନାରେ ସେମାନଙ୍କର ଜମିପଟ୍ଟା, ପରିଚୟ ପ୍ରମାଣପତ୍ର ସହ ପହଞ୍ଚିବାକୁ ଥାନାଧିକାରିଣୀ ଲୋପାମୁଦ୍ରା ନାୟକ ନିର୍ଦ୍ଦେଶ ଦେଇଥିଲେ। ଏସ୍ପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ବାସୁଦେବପୁର ପୋଲିସ ରବିବାର ସନ୍ଧ୍ୟାରେ ଭୈରବପୁରରେ ୯ ଓ କମାରଗାଁଠାରେ ୧୦ଜଣ ଅନ୍ୟ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ଠାବ କରିବା ସହ ସେମାନଙ୍କ ମୋବାଇଲ, ଆଧାର କାର୍ଡ, ଆନୁସଙ୍ଗିକ କାଗଜପତ୍ର ଯାଞ୍ଚ କରିଥିଲା। କେତେଜଣ ବ୍ୟକ୍ତି ଆନୁସାଙ୍ଗିକ କାଗଜପତ୍ର ଦେଖାଇ ନ ପାରିବାରୁ ସେମାନଙ୍କୁ କାଗଜପତ୍ର ସହ ଥାନାରେ ହାଜର ହେବାକୁ ଥାନାଧିକାରିଣୀ ନାୟକ ନିର୍ଦ୍ଦେଶ ଦେଇଥିଲେ।

## କୁଣ୍ଡିକାଳୀ, ରାଧାକୃଷ୍ଣ ମନ୍ଦିରରୁ ଅଳଙ୍କାର ଚୋରି

ଭଦ୍ରକ,୮।୧୨(ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକ ଅଧୀନ ମାଳିଅରୁଆ ଗ୍ରାମରେ ଥିବା ପ୍ରସିଦ୍ଧ ମା' କୁଣ୍ଡିକାଳୀଙ୍କ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିରରୁ ଗତ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଠାକୁରଙ୍କ ସମସ୍ତ ଅଳଙ୍କାର କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛନ୍ତି। ଚୋରି ହୋଇଥିବା ଅଳଙ୍କାରର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ। ଠାକୁରଙ୍କ ରୁପା ମୁକୁଟ, ବଂଶୀ, ସୁନା ଚିତା, ସୁନାହାର, ରୁପାହାର ଚୋରି ନେଇ ଗ୍ରାମବାସୀ ସୋମବାର ସାବରଙ୍ଗ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା(ନଂ.୩୦୭/୨୫) ରୁଜୁ କରି ତଦନ୍ତ ଚଳାଇଛି।

## ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା: ଚୁଡ଼ାକୁଟି ଚାମ୍ପିୟନ

ଭଣ୍ଡାରିପୋଖରୀ,୮।୧୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଅଧୀନ ବିଷ୍ଣୁପୁର ଗ୍ରାମର ମା' ବୁଢ଼ୀଜାଗୁଳାଇ ଯୁବକ ସଂଘ ଆନୁକୂଲ୍ୟରେ ଏକ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବୟସ୍କ ତଥା ପୂର୍ବତନ ଖେଳାଳି ଭଗବାନ ଯେନା ଏହାକୁ ଉଦ୍ଘାଟନ କରିଥିଲେ। ଏଥିରେ ଜିଲା ଓ ଜିଲା ବାହାରୁ ୬ ଦଳ ଅଂଶଗ୍ରହଣ କରିଥିଲେ। ଚୁଡ଼ାକୁଟି(ଭଦ୍ରକ) ଚାମ୍ପିୟନ ହୋଇଥିବା ବେଳେ ବାଲିଖଣ୍ଡ(ବାଲେଶ୍ୱର) ରନରଅପ୍ ହୋଇଛି। ଶିକ୍ଷାବିତ୍ ତଥା ସଂଘର ଉପଦେଷ୍ଟା ଗଦାଧର ବାରିକଙ୍କ ସଭାପତିତ୍ୱରେ ଉଦ୍ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଲକ୍ଷ୍ମୀଧର ବାରିକ, ଅନ୍ୟତମ ଅତିଥି ଭାବେ ପ୍ରଭାକର ମହାପାତ୍ର, ପ୍ରଦୀପ କୁମାର ମହାପାତ୍ର, ପ୍ରସନ୍ନ କୁମାର ରାଉତ ପ୍ରମୁଖ ଯୋଗଦେଇ ଖେଳ ଭାଇଚାରା ସୃଷ୍ଟି କରେ ବୋଲି ମତବ୍ୟକ୍ତ କରିବା ସହ ବିଜୟୀ ଓ ରନରଅପ୍ ଟିମ୍କୁ ଟ୍ରଫି ସହ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ମା' ବୁଢ଼ୀଜାଗୁଳାଇ ସଂଘର ସମସ୍ତ କର୍ମକର୍ତ୍ତା ଖେଳ ପରିଚାଳନା କରିଥିଲେ।


ଅତିଥିମାନେ ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

# ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ



ଅତିଥିମାନେ କବିତା ସଙ୍କଳନ ଉନ୍ମୋଚନ କରୁଛନ୍ତି।

ତିହିଡ଼ି,୮।୧୨(ସଞ୍ଜିତ ବଳ)

ତିହିଡ଼ିସ୍ଥିତ ଦୀନଦୟାଲ ଭବନରେ ଓଡ଼ିଆ ସାହିତ୍ୟ ପରିବାରର ୪ର୍ଥ ବାର୍ଷିକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଅନୁଷ୍ଠିତ କବିତା ପାଠୋତ୍ସବକୁ ସାହିତ୍ୟିକ ଭଗବାନ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଉଦ୍ଘାଟନ କରିଥିଲେ। ସାହିତ୍ୟ ପରିବାର ସଭାପତି ଦୀନରଞ୍ଜନ ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବରେଣ୍ୟ ଅତିଥି ଭାବେ ବରିଷ୍ଠ କଥାକାର ଡ. ଝରଣା ପଟ୍ଟନାୟକ ଓ ମୁଖ୍ୟବକ୍ତା ପ୍ରାବନ୍ଧିକ ବିଭୂତିଭୂଷଣ ସେନାପତି ଯୋଗଦେଇ ସାହିତ୍ୟ ସାଧାରଣଙ୍କୁ ଅସାଧାରଣ କରିଥାଏ ବୋଲି କହିଥିଲେ। ସମ୍ପାଦକ ବିଶ୍ୱନାଥ କିଙ୍କର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। କଥାକାର ମନୋଜ ପାଣିଗ୍ରାହୀ ଓ କବି ଶୁଭ୍ରାଂଶୁ ଶେଖର ମାହୁନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଭିନ୍ନ ଜିଲାରୁ ଆସିଥିବା ଶତାଧିକ କବି କବିତା ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁମିତ୍ରା ପାଣିଗ୍ରାହୀଙ୍କ ନିର୍ଦ୍ଦେଶନାରେ ମଙ୍ଗରାଜପୁର ସ୍କୁଲର ଛାତ୍ରୀମାନେ ମାଟିଆ କେଳାଙ୍କ ଜୀବନ ଉପରେ ଆଧାରିତ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷାବିତ୍ ରମାକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

ପରିଷଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ୨ୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ସାହିତ୍ୟ ଗବେଷକ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ଓ ଅନ୍ୟତମ ଅତିଥି ଯୁବ କବି ପତିତପାବନ ପାଣି ଯୋଗ ଦେଇଥିଲେ। କବି ଡ. ଅଲେଖ ଚନ୍ଦ୍ର ମହାନ୍ତିଙ୍କ ଇଂଲିଶ କବିତା ସଙ୍କଳନ 'ଟ୍ୱିଲାଇଟ ଅଫ୍ ଲାଇଫ୍' ଉନ୍ମୋଚନ କରାଯାଇଥିଲା। ପ୍ରତିଷ୍ଠାତା ଡ. ଅମୂଲ୍ୟ ସେନାପତି ସଙ୍ଗଠନର ଆଭିମୁଖ୍ୟ ଉପରେ କହିଥିଲେ। ତିହିଡ଼ି ସାହିତ୍ୟ ଓ ସଂସ୍କୃତି ପରିଷଦ, ସାମାଜିକ କର୍ମୀ ଶଶଧର ପଣ୍ଡା ଓ ଯୁବ କବି ପାଣିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ ଜିଲାରୁ ଆସିଥିବା ୬୨ଜଣ ସାହିତ୍ୟିକଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ସରୋଜ ଓଝା ଧନ୍ୟବାଦ ଦେଇଥିଲେ। ସଦସ୍ୟା ବିଭାସିନୀ ପଟ୍ଟନାୟକଙ୍କ ସମେତ କର୍ମକର୍ତ୍ତା ସହଯୋଗ କରିଥିଲେ।


**OFFICE OF THE**
**REGULATED MARKET COMMITTEE, KENDRAPARA**
At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/ website- rmckendrapara.com)
No.H-
**SHORT TENDER CALL NOTICE**
Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

Sd./- Collector & D.M.-cum-Chairman, RMC, Kendrapara
OIPR-01580/11/0001/2526

# ଜଙ୍ଗଲ ଜମିରୁ ବେଧଡ଼କ ଗଛକଟା

## କାର୍ଯ୍ୟାନୁଷ୍ଠାନ ଶୂନ୍, ବଢୁଛି ଅସନ୍ତୋଷ

କେନ୍ଦୁଝର, ୮।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଡିଭିଜନ ପାଟଣା ବନାଞ୍ଚଳରେ ଚୋରା କାଠ ବ୍ୟବସାୟୀ ୟୁକାଲିପଟାସ, ଆକାଶିଆ ଗଛ କାଟି ନେବା ପରେ ଏବେ ସେମାନଙ୍କର ଲୋଲୁପ ଦୃଷ୍ଟି ଚମ୍ପୁଆ ବନାଞ୍ଚଳ ଉପରେ ପଡ଼ିଛି। ଚମ୍ପୁଆ ବନାଞ୍ଚଳରେ ବିଭିନ୍ନ ସରକାରୀ, ଜଙ୍ଗଲ ଜମିରେ ଥିବା ୟୁକାଲିପଟାସ, ଆକାଶିଆ ଗଛ କାଟି ନେଉଛନ୍ତି। ଗତ କିଛି ଦିନ ହେବ ବେଧଡକ ଭାବେ ଗଛକଟା ଚାଲିଥିବା ବେଳେ ଏଥିପ୍ରତି କାହାର ନଜର ନାହିଁ। ଏ ନେଇ ଅଞ୍ଚଳବାସୀ ଡିଏଫ୍‌ଓଙ୍କୁ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ପ୍ରକାଶ ଯେ, ଚମ୍ପୁଆ ବନାଞ୍ଚଳ ଅନ୍ତର୍ଗତ ବାଲିବନ୍ଧ ସେକ୍ସନ ଲକ୍ଷ୍ମୀପୋଷି ବିଟ୍ ଅନ୍ତର୍ଗତ ଅସନପାଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ସରକାରୀ ଜମିରୁ ଗତ କିଛି ଦିନ ହେବ ୟୁକାଲିପଟାସ ଗଛ କାଟି ନେଉଛନ୍ତି। ଚୋରା କାଠ ବ୍ୟବସାୟୀ ଏହି ଅଞ୍ଚଳରୁ କାଠ କାଟି ଟ୍ରକ୍ ଯୋଗେ ବାହାର ରାଜ୍ୟକୁ ଚାଲାଣ କରୁଥିବା କୁହାଯାଉଛି। ବନ ବିଭାଗ, ରାଜସ୍ୱ ବିଭାଗ ପକ୍ଷରୁ ଯୁଗ୍ମ



କଟା ହୋଇପଡ଼ିଥିବା ୟୁକାଲିପଟାସ ଓ ଆକାଶିଆ ଗଛ।

ଯାଞ୍ଚ କରା ନ ଯାଇ କେବଳ ଆରଆଇ କାର୍ଯ୍ୟାଳୟରୁ ଏକ ବଦର ଫର୍ମ ଦେଖାଇ ଗଛ କାଟି ନିଆଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନୁମତି ପାଇଥିବା ସ୍ଥାନ ବାଦ୍ ସରକାରୀ ଓ ଜଙ୍ଗଲ ଜମିରୁ ଗଛ କଟାଯାଉଛି। ଏଣୁ ବନ ଓ ରାଜସ୍ୱ ବିଭାଗ ପକ୍ଷରୁ ଜିଲା ମୁଖ୍ୟାଳୟରୁ ଏକ ଟିମ୍ ଏହାର ଯାଞ୍ଚ କଲେ ପ୍ରକୃତ ଘଟଣା ଲୋକଲୋଚନକୁ ଆସିପାରିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ଏହା ପଛରେ ବନ ଓ ରାଜସ୍ୱ ବିଭାଗର କେତେକ ଅଧିକାରୀଙ୍କ ହାତ ଥିବାରୁ ତଳିଆ କର୍ମଚାରୀ ଏଭଳି ବେଆଇନ କାମକୁ ନେଇ ଚୁପ୍ ରହୁଥିବା କୁହାଯାଉଛି। ସରକାରୀ ଜମି, ଜଙ୍ଗଲରେ ଥିବା ୟୁକାଲିପଟାସ ଗଛ କଟାଯାଉଥିବାରୁ ଜଙ୍ଗଲର ଘନତ୍ୱ କମୁଛି। ବନ୍ୟପ୍ରାଣୀ ଗାଁମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ପରିବେଶ ଏବଂ ଜଳବାୟୁ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଛି। ଏ ନେଇ ବାଲିବନ୍ଧ ବନପାଳ ରାଜେନ୍ଦ୍ର ଜେନାଙ୍କ ସହ ଯୋଗାଯୋଗ କରିବାରୁ ଗଛ କାଟିବା ପୂର୍ବରୁ ବନ ବିଭାଗ, ରାଜସ୍ୱ ବିଭାଗର ଯୁଗ୍ମ ରିପୋର୍ଟ ଜରୁରୀ। ମାତ୍ର ଅସନପାଟଠାରେ କଟାଯାଉଥିବା ଗଛ ଯୁଗ୍ମ ଯାଞ୍ଚ ନ ହୋଇ ଆରଆଇ ରିପୋର୍ଟରେ ଗଛ କଟା ଚାଲିଛି, ସେ ଏ ନେଇ ଯାଞ୍ଚ କରିବେ। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ବେସରକାରୀ ଅଣଜଙ୍ଗଲ ଜମିରେ ୟୁକାଲିପଟାସ, ଆକାଶିଆ ଗଛ କାଟିବା ପାଇଁ ଅନୁମତିର ଆବଶ୍ୟକତା ନାହିଁ। ଯଦି ସରକାରୀ ବା ଜଙ୍ଗଲ ଜମି ଥିବ, ସେତେବେଳେ ସେମାନେ ଅନୁମତି ମାଗିବେ। ଅନ୍ୟପକ୍ଷେ ଏ ନେଇ ରାଜସ୍ୱ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନେବା ସହ କେତେ ଗଛ କଟାଯାଉଛି, ଏହି ଗଛ ସହିତ ଅନ୍ୟ କୌଣସି ଗଛ ଚାଲାଣ ହେଉଛି କି ତାହାର ଯାଞ୍ଚ କରିବାକୁ ଦାବି ହୋଇଛି।

## ସଂକ୍ଷେପରେ

### ଆଞ୍ଚଳିକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବଉଳା, ୮।୧୨(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଚିତରଞ୍ଜନ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ମୁଖ୍ୟ ବକ୍ତାଭାବେ ହାଟଡ଼ିହୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜନ ପରିଡ଼ା, ସମ୍ମାନିତ ଅତିଥିଭାବେ ହାଟଡ଼ିହୀ ସରପଞ୍ଚ ଚିନ୍ମୟ ନାୟକ, ଅଧ୍ୟାପକ ଗୌରାଙ୍ଗ ଚରଣ ନାୟକ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଖେଳ ଶିକ୍ଷକ ଅବିନାଶ ରାଉତ ଓ ହାଟଡ଼ିହୀ ହାଇସ୍କୁଲର ଖେଳ ଶିକ୍ଷକ ପ୍ରମୋଦ ବେହେରା ପରିଚାଳନା କରୁଛନ୍ତି। ଅଧ୍ୟାପକ ଅଜୟ ଜେନା, ବିଶ୍ୱ ରଞ୍ଜନ ଜେନା, ଜନ୍ମେଜୟ ପ୍ରଧାନ, ପ୍ରିୟଙ୍କା ମହାନ୍ତି, ଚୁମୁକି ରାଣୀ ନାୟକ, ବୃନ୍ଦାବନ ଓଝା, ଗଙ୍ଗାଧର ପରିଡ଼ା ଓ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ସହଯୋଗ କରିଥିଲେ।

### ପାଲାଗାୟକଙ୍କ ବିୟୋଗରେ ଶୋକ

କେନ୍ଦୁଝର,୮।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ସଦର ବ୍ଲକ୍ ଶିରିଷପାଳ ପଞ୍ଚାୟତ ଅନ୍ତର୍ଗତ ମୋଟିଟାଙ୍ଗିରି ଗ୍ରାମ ଶୀତି କଣ୍ଟେଶ୍ୱର ଭାଗବତ ଟୁଙ୍ଗି ସଭାପତି, ବିଶିଷ୍ଟ ପାଲା ଗାୟକ, ବଳଦେବଜିଉ ପାଲାକାର ସଂଘ ସମ୍ପାଦକ, କବି ସୌରଭ ପ୍ରସନ୍ନ କୁମାର ଲେଙ୍କା(୭୨)ଙ୍କ ବିୟୋଗରେ ଶୋକ ପ୍ରକାଶ ପାଇଛି। କେନ୍ଦୁଝର ଜିଲା ଭାଗବତ ପ୍ରଚାର ପ୍ରସାର ସମିତି ତରଫରୁ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ପ୍ରଦାନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି।

### ସ୍କୁଲର ବାର୍ଷିକ ଉତ୍ସବ

ଛେନାପଦି/ ବଉଳା,୮।୧୨ (ନିରାକାରପରିଡ଼ା/ଦୁର୍ଗାପ୍ରସାଦଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଚଣ୍ଡୀପାରିଉଣ୍ଡିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ-୨୦୨୫ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଉଦୟନାଥ କରଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ମୁଖ୍ୟ ବକ୍ତାଭାବେ ଏଆଇଏଫଇଏର ସମ୍ପାଦକ ତଥା ଅଲଓଷ୍ଟାର ଯୁଗ୍ମ ମୁଖ୍ୟ ଉପଦେଷ୍ଟା, ଭୋଗରାଇ ଅବସରପ୍ରାପ୍ତ ବିଇଓ କମଳ ଲୋଚନ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ହାଟଡ଼ିହୀ ବିଇଓ ରାଜୀବ ଦଳେଇ, ନରେନ୍ଦ୍ରନାଥ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ନରେନ୍ଦ୍ରନାଥ କର, ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ଦୁଷ୍ମନ୍ତ ନାୟକ, ସାମାଜିକକର୍ମୀ ଆଲୋକ ସେଠୀ, ଓଡ଼ିଶା ଟାଏକୋଣ୍ଡୋ ସଂଗଠନର ଯୁଗ୍ମ ସମ୍ପାଦକ ଦୁଷ୍ମନ୍ତ ବେହେରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଅଧ୍ୟକ୍ଷ ଅମିତ ସିଂ, ବିଦ୍ୟାଳୟର ଉପାଧ୍ୟକ୍ଷ ଗୋଲକ ବିହାରୀ ସାହୁ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଉଦୟ' ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ ପାର୍ଥସାରଥୀ ଜେନା, ୨ ଦିବ୍ୟାଙ୍ଗ ନୃସିଂହ ଚରଣ ଜେନା ଓ ରଞ୍ଜନ ପଣ୍ଡାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ତନୁଶ୍ରୀ ତନୟା ପହି, ସୁଭଶ୍ରୀ ପଣ୍ଡା, ଭାଗ୍ୟଶ୍ରୀ ସାହୁ, ଦେବାଶିଷ ରାଉତ, ନିରଞ୍ଜନ ବାରିକ, ବାଦଲ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ



ଢେଙ୍କିକୋଟ,୮।୧୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ସୋମବାର ପୂର୍ବାହ୍ନ ୧୦ଟାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଗୁରୁଜୀ ଲୋକନାଥ ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଦ୍ୟାମନ୍ଦିରର ପରିଚାଳନା କମିଟିର ସଭାପତି କୀର୍ତ୍ତନ ବିହାରୀ ମହାନ୍ତ, ମୁଖ୍ୟ ବକ୍ତାଭାବେ କମିଟିର କୋଷାଧ୍ୟକ୍ଷ ରାଧାକାନ୍ତ ବେହେରା ଯୋଗ ଦେଇଥିଲେ। ମଙ୍ଗଳ ଶୋଭାଯାତ୍ରା ଖେଳ ପଡ଼ିଆରେ ପହଞ୍ଚିବା ପରେ ଖେଳ ଆରମ୍ଭ ହୋଇଥିଲା। ଦୀର୍ଘ ୩ ଦିନ ଧରି ଖେଳ ଚାଲିବାକୁ ଥିବା ବେଳେ କ୍ରୀଡ଼ାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ସଂକୁଳସ୍ତରୀୟ କ୍ରୀଡ଼ା ଉତ୍ସବରେ ଅଂଶ ଗ୍ରହଣ କରିବେ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କ ଧାରଣା, ଶିକ୍ଷାଦାନ ବାଧାପ୍ରାପ୍ତ

ଢେଙ୍କିକୋଟ/ ପାଟଣା,୮।୧୨ (ନୀଳମଣି ମଣ୍ଡଳ/ ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଢେଙ୍କିକୋଟ ପଞ୍ଚାୟତ ଟିକିରାଠାରେ ଥିବା ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ୧୩ ଦଫା ଦାବିରେ ଭୁବନେଶ୍ୱରରେ ଧାରଣା ଦେଇଛନ୍ତି। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିବା ବେଳେ ଠିକା ଶିକ୍ଷକମାନେ କାର୍ଯ୍ୟ ତୁଲାଉଛନ୍ତି। କେବଳ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ମୋନିକା ଦାସ ଅନସନକୁ ଯାଇ ପାରିନାହାନ୍ତି ପ୍ରକାଶ କରିଛନ୍ତି। ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ଅନସନ ଫଳରେ ବିଦ୍ୟାଳୟରେ ଶିକ୍ଷାଦାନ ଏକ ପ୍ରକାର ବାଧାପ୍ରାପ୍ତ ହୋଇଛି। ବିଦ୍ୟାଳୟରେ ୬ଷ୍ଠରୁ ଯୁକ୍ତ ୨ ଶ୍ରେଣୀ ପର୍ଯ୍ୟନ୍ତ ୪୦୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମାତ୍ର ୩ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ୭ ଶ୍ରେଣୀରେ ଶିକ୍ଷାଦାନ ଦେବା ଅସମ୍ଭବ ହୋଇପଡ଼ିଛି। ଆଗକୁ ୧୦ମ ଓ ଦ୍ୱାଦଶ ଶ୍ରେଣୀର ବୋର୍ଡ ପରୀକ୍ଷା ଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଛି। ଅଭିଭାବିକ ମଧ୍ୟରେ ଚିନ୍ତାର ପଡ଼ିଛନ୍ତି।

ସେହିପରି ପାଟଣା ବ୍ଲକ୍ କେନ୍ଦେପୋଷିଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀମାନେ ୧୩ ଦଫା ଦାବିରେ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିବା ମୋଟ ୩୫୦ଛାତ୍ରୀଛାତ୍ରଙ୍କ ପାଠପଢ଼ା ସୋମବାରଠାରୁ ଠପ୍ ହୋଇଯାଇଛି। ଶିକ୍ଷକ, କର୍ମଚାରୀ ମିଶି ମୋଟ ୧୪ଜଣ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଥିବାରୁ ଅବିଭାବକ ଓ ଛାତ୍ରୀଛାତ୍ର ଚିନ୍ତାରେ ପଡ଼ିଛନ୍ତି।

# ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି




ନୂତନ ଟ୍ରାଇସାଇକେଲ ପାଇଥିବା ଦିବ୍ୟାଙ୍ଗ।

ଆନନ୍ଦପୁର/ବଞ୍ଚୋ,୮।୧୨ (ସୁଶାନ୍ତ କୁମାର ସାହୁ/ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟରେ କେନ୍ଦୁଝର ଜିଲାପାଳ ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟୁତ, ପାନୀୟଜଳ, ରାସନ, ଭତ୍ତା, ରାସ୍ତା ନିର୍ମାଣ ଓ କୃଷି ସମସ୍ୟା ସମ୍ପର୍କିତ ୧୦୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଅଭିଯୋଗଗୁଡ଼ିକର ଅନୁଧ୍ୟାନ କରି ଶୀଘ୍ର ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି ନୀତିନ କୁଶଲକର ଦାଗୁଡ଼, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ପ୍ରଧାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ, ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ ବେହେରା, ଉପ ଜିଲାପାଳ ନୀଳମାଧବ ସୁନା, ବିଡିଓ ମନୋଜ ମହାନ୍ତ, ଆନନ୍ଦପୁର ଥାନା ଅଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶେଷରେ ସିଡିଏମ୍‌ଓ, ବିଡିଓ, ଆନନ୍ଦପୁର ଉପ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଦିବ୍ୟାଙ୍ଗଙ୍କୁ ଇ-ଟ୍ରାଇସାଇକଲ ବଣ୍ଟନ କରିଥିଲେ।

## ୩ ବାର୍‌ହା ଶିକାରୀ କୋର୍ଟଚାଲାଣ

ଚମ୍ପୁଆ/ଯୋଡ଼ା,୮।୧୨(ମହେଶ୍ୱର ଦାସ/ମାନସ ରଞ୍ଜନ ମହାନ୍ତି): କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳରେ ବାର୍‌ହା ଶିକାର କରି ମାଂସ ଭାଗ କରୁଥିବା ଗିରଫ ୩ ଶିକାରୀଙ୍କୁ ସୋମବାର ବନ ବିଭାଗ କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ବାର୍‌ହା ଧରିବା ଫାସ, ୧୦ କି.ଗ୍ରା ବାର୍‌ହା ମାଂସ, ୨ ଗୋଟି ପନିକି, ୧ଟି କଟୁରୀକୁ ବନ ବିଭାଗ ଜବତ କରିଥିଲା। ଘଟଣାରେ ଅଧିକ ତଦନ୍ତ ଜାରି ରହିଥିବା ଏସିଏଫ୍ ଅକ୍ଷୟ କୁମାର ଛତ୍ରିୟା ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଚମ୍ପୁଆ ରେଞ୍ଜ ଅଧୀନ ଯୋଡ଼ା ସେକ୍ସନର ମୁଟୁଦା ଜଙ୍ଗଲରେ ରବିବାର ସକାଳ ସମୟରେ ଗୁରୁଚରଣ ମୁଣ୍ଡା (୨୪), ସୁରେନ୍ଦ୍ର ମୁଣ୍ଡା (୩୧) ଓ ରାଜେନ୍ଦ୍ର ମୁଣ୍ଡା (୩୪) ଏକ ବାର୍‌ହାକୁ କାଟି ଭାଗ କରୁଥିଲେ। ଏସିଏଫଙ୍କ ନିର୍ଦ୍ଦେଶ କ୍ରମେ ବନ କର୍ମଚାରୀ ଚଢ଼ାଉ କରି ଅଭିଯୁକ୍ତଙ୍କଠାରୁ ଉପରୋକ୍ତ ସାମଗ୍ରୀ ଜବତ କରିଥିଲେ। ସୋମବାର ମାମଲା (ନଂ. ୧୩ ସିଏଚ୍/୨୫) ରୁଜୁ ହୋଇ ୩ ଜଣଙ୍କୁ କୋର୍ଟଚାଲାଣ କରାଯାଇ ତଦନ୍ତ ଚାଲିଥିବା ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ବଡ଼ବିଲ,୮।୧୨(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲ ସରସ୍ୱତୀ ଶିଶୁ ବିଦ୍ୟା ବିଦ୍ୟାମନ୍ଦିରର ୩୩ତମ ବାର୍ଷିକୋତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥିଭାବେ ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ନିରାକାର ମହାନ୍ତ, ଇନ୍ଦ୍ରକାନ୍ତ ସାହା, ମୁଖ୍ୟ ବକ୍ତାଭାବେ ସିଆରସିସି ତଥା ବଡ଼ବିଲ ସଙ୍କୁଳ ପ୍ରମୁଖ ଦୁଃଖବନ୍ଧୁ ମିଶ୍ର ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରକାଶ ଚନ୍ଦ୍ର ପାଣ୍ଡ୍ୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ପ୍ରମୋଦ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୨୪-୨୫ ଶିକ୍ଷା ବର୍ଷରେ ୧୦ମ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ର, ସରକାରୀ ବୃତ୍ତି ପାଇଥିବା ଛାତ୍ରୀଛାତ୍ର, ପ୍ରାଦେଶିକସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆକର୍ଷଣୀୟ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

# ବ୍ରାହ୍ମଣ ମହାସଭାର ବାର୍ଷିକ ସମ୍ମିଳନୀ

ଆନନ୍ଦପୁର,୮।୧୨ (ସୁଶାନ୍ତ କୁମାର ସାହୁ):



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ବ୍ରାହ୍ମଣ ମହାସଭାର ସଦସ୍ୟମାନେ।

କେନ୍ଦୁଝର ଜିଲା ଆନନ୍ଦପୁର ବ୍ରାହ୍ମଣ ମହାସଭାର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ଓ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଫକୀରପୁର ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତ, ବିଶିଷ୍ଟ ଅତିଥିଭାବେ ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପାଢ଼ୀ, ଜିଲା ସମ୍ପାଦକ ପ୍ରସନ୍ନ ନନ୍ଦ, ଦୀନବନ୍ଧୁ ପତି, ଗୋବିନ୍ଦ ପାଣିଗ୍ରାହୀ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆୟୋଜକ କମିଟିର ଉପଦେଷ୍ଟା ନରେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଦସ୍ୟ ବୁଦ୍ଧଦେବ ପଣ୍ଡା, ମହେଶ୍ୱର ପତି, ବାବୁ ପଣ୍ଡା, ସୁଧାଂଶୁ ମୋହନ ପତି, ପ୍ରମୋଦ କୁମାର ପଣ୍ଡା, ସଂଘ ସଂଯୋଜକ ମଦନ ମୋହନ ମିଶ୍ର, ସହ ସମ୍ପାଦକ ଆଇନ୍‌ଜୀବୀ ଭାଗୀରଥି ଦାଶ ଯୋଗଦେଇଥିଲେ। ସଂଘର ସଭାପତି ପୁରୁଷୋତ୍ତମ ମିଶ୍ରଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ପ୍ରଦୀପ ମିଶ୍ର ବିବରଣୀପାଠ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଶାନ୍ତନୁ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଯୋଜକ ମଦନ ମିଶ୍ର ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ୧୬ ଶାସନ, ୩୨ ପଡ଼ା ଶାସନ ଓ ୬୪ଟି ଉପଶାସନର ବହୁ ମାନ୍ୟଗଣ୍ୟ କର୍ମକାଣ୍ଡବିତ୍ ଯୋଗଦେଇଥିଲେ। ଆୟୋଜକ କମିଟି ସଂଯୋଜକ ହରମୋହନ ପାଢ଼ୀଙ୍କ ସ୍ତ୍ରୀ ସୁକାନ୍ତି ପାଢ଼ୀ ୧୫୧ଜଣ ବ୍ରାହ୍ମଣଙ୍କୁ ଉତ୍ତରୀୟ, ଗୀତା ଓ ପଇତା ପ୍ରଦାନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ସଂଘ ଆବାହକ ମଦନ ପାଣି ଧନ୍ୟବାଦ ପ୍ରଦାନ କରିଥିଲେ।

## ଢେଙ୍କିକୋଟ୍ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନକଲା କାୟାକଳ୍ପ ଟିମ୍

ଢେଙ୍କିକୋଟ,୮।୧୨(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଆଦିବାସୀ ଅଧ୍ୟୁଷିତ ଢେଙ୍କିକୋଟ୍ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର(ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର)କୁ ସୋମବାର ପୂର୍ବାହ୍ନ ୧୧ଟାରେ ଜିଲାର ଏକ ବ୍ଲକ୍‌ସ୍ତରୀୟ କାୟାକଳ୍ପ ଡାକ୍ତରୀ ଟିମ୍ ପରିଦର୍ଶନ କରିଛନ୍ତି। ଡାକ୍ତରୀ ଟିମ୍ ମଧ୍ୟରେ ଉଦୟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଫିସର ଇନ୍‌ଚାର୍ଜ ଡା. ମନୋରଞ୍ଜନ ଜେନା, ସ୍ୱାସ୍ଥ୍ୟକେନ୍ଦ୍ରର ଅଫିସର ଡା. ସ୍ୱସ୍ତିକ, ସୁମନ ପ୍ରଧାନଙ୍କ ସମେତ ଡାକ୍ତରଖାନାର ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର ଧିରେନ ମହାନ୍ତ ଉପସ୍ଥିତ ଥିଲେ। ଏହି ସମୟରେ ଢେଙ୍କିକୋଟ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକ ଖୁଲାଣି ୨ ପାର୍ଶ୍ୱରେ କୁଡ଼ କୁଡ଼ ଆବର୍ଜନା ପଡ଼ିଥିବା ଦେଖାଯାଇଥିଲା। ଏଥିସହ ନୂତନ ନିର୍ମାଣ କୋଠା ଚାରି ପାଖରେ ଆବର୍ଜନା ଭର୍ତ୍ତି ଥିବାରୁ ମଶା, ମାଛି ହେଉଥିବା ଦେଖିବାକୁ ମିଳିଥିଲା। ୨୦୨୪ରେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଚାରି ପାଖ ଆବର୍ଜନା ଥିବାରୁ କାୟାକଳ୍ପ ଟିମ୍ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ଖୁବ୍‌କମ ନମ୍ବର ପାଇଥିଲା। ଚଳିତ ବର୍ଷ ମଧ୍ୟ ସମାନ ଅବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।



ସ୍ୱାସ୍ଥ୍ୟକେନ୍ଦ୍ର ପଛ ପାର୍ଶ୍ୱ ଅଳିଆ ହୋଇପଡ଼ିଛି।

# ପଡ଼ୋଶୀଙ୍କ ସାହାରାରେ ଭଗବାନ

କେନ୍ଦୁଝର,୮।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତ ଅଧୀନ ଘୁଙ୍ଗି ଗ୍ରାମର ଭଗବାନ ଜୁଆଙ୍ଗ ମା'ବାପାଙ୍କ ମୃତ୍ୟୁ ପରେ ଅନାଥ ଭାବେ ଜୀବନ ଅତିବାହାତି କରୁଛନ୍ତି। ପଡ଼ୋଶୀ ଏକମାତ୍ର ସାହାରା ଭାବେ ତାଙ୍କ ପାଖରେ ରହିଛନ୍ତି। ଅନାଥ ପିଲାର ରହିବା, ଖାଇବା ଓ ଭବିଷ୍ୟତ ଚିନ୍ତା କରି ସରକାରୀ ସାହାଯ୍ୟ ପ୍ରଦାନ ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

ପ୍ରକାଶ ଯେ, ଘୁଙ୍ଗି ଗ୍ରାମରେ ଶ୍ୟାମ ଜୁଆଙ୍ଗଙ୍କ ପରିବାର ସ୍ତ୍ରୀ ଓ ଦୁଇ ପିଲାଙ୍କୁ ନେଇ ସୁଖ ଦୁଃଖରେ ଚାଲିଥିଲା। ଝିଅ ଲବଙ୍ଗଙ୍କ ବାହାଘର ହୋଇଯାଇଛି। ଚାଷ ଜମି ନ ଥିବା ବଳେ ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ୨୦୨୦ରେ ରୋଗଗ୍ରସ୍ତ ହୋଇ ଶ୍ୟାମଙ୍କ ଦେହାନ୍ତ ହୋଇଥିଲା। ସ୍ତ୍ରୀ କାନ୍ଦିରୀଙ୍କ ଚଳିତ ବର୍ଷ



ମୃତ୍ୟୁ ହୋଇଛି। ପୁଅ ଭଗବାନ ଘରେ ଏକା। ଶ୍ୟାମଙ୍କ ମୃତ୍ୟୁ ବେଳକୁ ଭଗବାନଙ୍କୁ ୧୩ ବର୍ଷ ହୋଇଥିଲା। ଆଗପଛ ହୋଇ ମା'ବାପାଙ୍କ ମୃତ୍ୟୁ ପରେ ଭଗବାନ ସମ୍ପୂର୍ଣ୍ଣ

### ସରକାରୀ ସାହାଯ୍ୟ ନିବେଦନ

ଏକୁଟିଆ ହୋଇଯାଇଛନ୍ତି। ଭାତ ଗଣ୍ଡିଏ ଫୁଟାଇ ଦେବାକୁ ମଧ୍ୟ ପଡ଼ୋଶୀଙ୍କ ଉପରେ ନିର୍ଭର କରୁଛନ୍ତି। ସରକାରଙ୍କ ପକ୍ଷରୁ ଚାଉଳ ଗଣ୍ଡେ ପାଉଛନ୍ତି। ଆବାସ ଯୋଜନାରେ ଘର ମିଳିଥିଲେ ହେଁ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଭଗବାନଙ୍କ ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଭଗବାନଙ୍କ ରହିବା, ଖାଇବା, ଭଲମନ୍ଦ ଉପରେ ସମସ୍ତ ତଥ୍ୟ ସଂଗ୍ରହ କରି ଜୀବିକା ନିର୍ବାହ ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଥିଲା। ଭଗବାନଙ୍କ ଜୀବନ ବଞ୍ଚିବା ପାଇଁ ଏକ ସ୍ଥାୟୀ ବ୍ୟବସ୍ଥା ଯୋଗାଇ ଦେବାକୁ ସରକାରଙ୍କୁ ଅନୁରୋଧ କରାଯାଇଥିବା ସାମାଜିକକର୍ମୀ ଡମ୍ବରୁଧର ଘଣା କହିଛନ୍ତି।

**OFFICE OF THE**
**REGULATED MARKET COMMITTEE, KENDRAPARA**
At/P.O.- Jamadhar, Dist- Kendrapara - 754211
(Ph.No.220398(06727)/ email-rmckendrapara@gmail.com/
website- rmckendrapara.com)
No.H-
**SHORT TENDER CALL NOTICE**
Tender Call Notice:-No.325 Date:-29.11.2025

1. The Collector & District Magistrate- cum-Chairman of RMC, Kendrapara invites rate Quoted sealed tenders / Quotation from authenticated Suppliers / Manufactures having valid GST and PAN for purchase of following grading equipments to be required for paddy procurement purpose during KMS 2025-26.

| Sl. No. | Name of the items/grading equipments | Unit/Numbers required |
|---|---|---|
| 1 | Weighing Scale SANSUI & ESSEA | 50 |
| 2 | Analysis Kit | 25 |
| 3 | Moisture Meter | 33 |
| 4 | CCTV Camera | 50 |
| 5 | Seeds Mini Grader | 25 |
| 6 | One 09 Ltr. Capacity of water type Fire extingwisher @ ISI Mark | 140 |

2. The details technical specification of above required equipments as framed by the O.S.A.M. Board, Bhubaneswar is attached with this notice separately must be followed.
3. The rate of items, make/model of items which Qualify the specification of OSAM Board along with rate of others taxes & free warranty period etc. must be mentioned in the Quotation and should reached to the RMC Office, Kendrapara by 4.00 P.M of dt-15.12.2025 positively through registered post.
4. Undersigned reserved the right to cancell the above notice without assigning any reason thereof.
5. The details specification of the equipments as prescribed by R.M.C, Kendrapara may be downloaded from Kendrapara District website (www.kendrapara.odisha.gov.in) from dated 01.12.2025 10.00 A.M to dt.14.12.2025 up to 5.00 P.M.
6. The tender paper will be open on dt-17.12.2025 at 11.30 A.M in the office chamber of RMC, Kendrapara.
7. Manufacture/ Their authorized Dealer/ Reputed firm are eligible to quote in this tender. Authorized dealer should attach letter of authority from principal Manufacturer to quote in this tender.
8. The mentioned items must be delivered within 7 days from the issuance of purchase Order/ Contract.
9. Bidder should furnish copy of GST, PAN, latest GST return copy, ITR, Audited balance sheet of last two financial year, ISO certificate and Trade license copy.
10. Bidder should submit the GST, PAN ISO certificate and CE certificate of Manufacturer, if the bidder is Authorized Dealer.
11. Bidder must submit a notarized latest affidavit in non-judicial stamp paper of value Rs.100.00 after the date of publication of bid that their firm has not been blacklisted by any PSU / Central or State Govt. Department.
12. In case of any damage of supplied material during transportation, loading and unloading, that will be replaced by the bidder free of cost.
13. The Rate offered by the bidder will be inclusive of all taxes, cost of transportation till destination and installation and commissioning
14. Supplier shall arrange all items including consumables required during time of installation, commissioning and demonstration. However Purchaser shall provide electrical point and power supply at Regulated Market Committee , Kendrapara.
15. If the successful L1 bidder fails to supply the required items within prescribed time period, then L2 bidder may be invited to supply the same as per quoted price of L1 bidder with same terms and conditions, if agree.
16. Tender Processing Fees: Bidder should submit DD of any Nationalized Bank of Rs.5000.00 in favour of Regulated Market Committee, Kendrapara and payable at Kendrapara against tender processing fees / tender cost (Non-refundable) & the original DD along with the bid documents should reach the RMC, Kendrapara Office before the closing date of the bid through speed / registered post.
17. Earnest Money Deposit (EMD): Bidder should submit EMD of Rs. 50,000/- in shape of DD of any Nationalized Bank in favour of Regulated Market Committee, Kendrapara and payable at Kendrapara the original EMD along with the bid documents should reach the RMC, Kendrapara Office before the closing date through speed / registered post. The EMD deposited by the successful bidder will be retained as the security deposit. Retained Money shall be refunded after one year from the date of successful completion of delivery.

Sd./- Collector & D.M.-cum-
Chairman, RMC, Kendrapara
OIPR-01580/11/0001/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ପ୍ରାଞ୍ଜଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୨ ଦେଶରୁ ଭାଗନେବେ ୫୭୮ ଖେଳାଳି

**ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)**

### ଆଜିଠୁ ଓଡ଼ିଶା ମାଷ୍ଟର୍ସ ସୁପର୧୦୦ ବ୍ୟାଡ୍‌ମିଣ୍ଟନ

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ। ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ୨୨ ଦେଶରୁ ୫୭୮ ଖେଳାଳି ଅଂଶଗ୍ରହଣ କରିବେ। ଓଡ଼ିଶାରୁ ମୋଟ ୧୩ ଖେଳାଳି ଏଥିରେ ଭାରତରୁ ପ୍ରତିନିଧିତ୍ୱ କରିବେ। ଭାରତ ବ୍ୟତୀତ ମାଲେସିଆ, ଇଣ୍ଡୋନେସିଆ, ଚାଇନିଜ୍ ତାଇପେ, ଶ୍ରୀଲଙ୍କା, ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ), ଜାପାନ, ହଂକଂ, ଇଜିପ୍ଟ, ଫିନ୍‌ଲାଣ୍ଡ, ସ୍ପେନ୍, ଇସ୍ରାଏଲ, ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ବାଂଲାଦେଶ, ବୁଲଗେରିଆ, ଉଗାଣ୍ଡା, ଭେନେଜୁଏଲା, ସୌଦୀ ଆରବ, ରୁଷିଆ ଓ ୟୁକ୍ରେନରୁ ଖେଳାଳି ଭାଗନେବେ।

ଓଡ଼ିଶାରୁ ଭାଗ ନେବାକୁ ଯାଉଥିବା ଖେଳାଳିଙ୍କ ମଧ୍ୟରେ ଆୟୂଷ ଦାଶ ଓ ଆର୍ଯ୍ୟ ମାଝି ପୁରୁଷ ସିଙ୍ଗଲ୍ସ, ହର୍ଷିତା ରାଉତ ଓ ତନଭି ପତ୍ରି ମହିଳା ସିଙ୍ଗଲ୍ସ, ଅବିନାଶ ମହାନ୍ତି, ଆୟୂଷ ପଟ୍ଟନାୟକ, କେ. ମୁରଲୀ କ୍ରିଷ୍ଣା, ଅଭିଜିତ ମହାରଣା, ମହିଳା ଡବଲ୍ସରେ ରତପର୍ଣ୍ଣା ପଣ୍ଡା, ଶ୍ୱେତପର୍ଣ୍ଣା ପଣ୍ଡା, ହର୍ଷିତା ରାଉତ, ପୂର୍ବା ପ୍ରତ୍ୟାଶା ପଣ୍ଡା ଓ ବିଶାଖା ଟପ୍ପୋ ଏବଂ ମିକ୍ସଡ ଡବଲ୍ସରେ ଆୟୂଷ ଦାଶ, ପୂର୍ବା ପ୍ରତ୍ୟାଶା ପଣ୍ଡା, ହର୍ଷିତା ରାଉତ ଓ ତନ୍ମୟ କୁମାର ରାଉତ ଅଂଶଗ୍ରହଣ କରିବେ। ବିଶ୍ୱର ଟପ୍ ର୍ୟାଙ୍କ୍‌ପ୍ରାପ୍ତ ଖେଳାଳିଙ୍କ ମଧ୍ୟରେ ପୁରୁଷ ସିଙ୍ଗଲ୍ସରେ ଭାରତର ଏଚ୍.ଏସ. ପ୍ରଣୟ (ବିଶ୍ୱ ର୍ୟାଙ୍କ୍-୩୪), ଥରୁନ ମାନ୍ନେପଲ୍ଲୀ (୪୧), ଫିନ୍‌ଲାଣ୍ଡର ଜୋଆକିମ ଓଲ୍ଡର୍ଫ (୪୩), ମହିଳା ଡବଲ୍ସରେ ବୁଲଗେରିଆର ଗାବ୍ରିଏଲା ଷ୍ଟୋଏଭା-ଷ୍ଟିଫାନି ଷ୍ଟୋଏଭା (୧୩), ମିକ୍ସଡ ଡବଲ୍ସରେ ରୋହନ କପୁର-ରୁଥଭିକା ଶିବାନୀ (୩୩), ମହିଳା ସିଙ୍ଗଲ୍ସରେ ଭାରତର ଉନ୍ନତି ହୁଡା (୨୮) ଏବଂ ମହିଳା ଡବଲ୍ସରେ ଭାରତର ତ୍ରିଶା ଜୋଲି-ଗାୟତ୍ରୀ ଗୋପିଚାନ୍ଦ (୧୪) ଅନ୍ୟତମ। ଥରୁନ ମାନ୍ନେପଲ୍ଲୀ ୨୦୨୪ ଓଡ଼ିଶା ମାଷ୍ଟର୍ସରେ ରନରଅପ୍ ହୋଇଥିଲେ। ସେହିପରି ବିଶ୍ୱର ନାମୀ ଅନ୍ତର୍ଜାତୀୟ ଖେଳାଳିଙ୍କ ମଧ୍ୟରେ ମହିଳା ଡବଲ୍ସରେ ବିଶ୍ୱର ଟପ୍-୨୦ରେ ଥିବା ବୁଲଗେରିଆର ଷ୍ଟୋଏଭା ସିଷ୍ଟର୍ସ, ଇଣ୍ଡୋନେସିଆର ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଆପ୍ରିୟାନି ରାହାୟୁ-ସିତି ଫଦିଆ, ପୂର୍ବତନ ବିଶ୍ୱ ଜୁନିୟର ନଂ୧ ଥାଇଲାଣ୍ଡର ଲାଲିନରାତ ଚାଇୱାନ, ପୁରୁଷ ଡବଲ୍ସରେ ପୂର୍ବତନ ବିଶ୍ୱର ନଂ୧ ଇଣ୍ଡୋନେସିଆର ମହମ୍ମଦ ରିଆନ ଆର୍ଡିଆଣ୍ଟୋ ପ୍ରମୁଖ ଆକ୍ସନରେ ଦେଖିବାକୁ ମିଳିବେ।

# ମହିଳାଙ୍କୁ ୪ବର୍ଷ ଜେଲ

### ଫୁଟ୍‌ବଲ ଖେଳାଳିଙ୍କୁ ବ୍ଲାକ୍‌ମେଲ

**ସିଓଲ, ୮।୧୨ (ଏପି)**

ଫୁଟବଲ ଷ୍ଟାର ସନ୍ ହିଅଙ୍ଗ ମିନ୍‌ଙ୍କୁ ବ୍ଲାକ୍‌ମେଲ କରିଥିବା ଅଭିଯୋଗରେ ଦକ୍ଷିଣ କୋରିଆର ଏକ କୋର୍ଟ ଜଣେ ମହିଳାଙ୍କୁ ୪ବର୍ଷ ଜେଲ ଦଣ୍ଡ କରିଛି। ମହିଳା ଜଣଙ୍କୁ ଚିହ୍ନଟ କରାଯାଇଛି। ତାଙ୍କ ନାମ ୟାଙ୍ଗ୍ ବୋଲି ଜଣାପଡ଼ିଛି। ସେ ୟଙ୍ଗ ନାମକ ଜଣେ ପୁରୁଷ ବ୍ୟକ୍ତିଙ୍କ ସହ ମିଶି ଏକ ଷଡ଼ଯନ୍ତ୍ର କରିଥିଲେ। ୟାଙ୍ଗ ୨୦୨୪ରେ ସେ ସନ୍‌ଙ୍କ ନିକଟକୁ ଏକ ଶିଶୁର ଏକ ଅଲ୍‌ଟ୍ରା ସାଉଣ୍ଡ ଫଟୋ ପଠାଇ ଚୁପ୍ ରହିବା ଲାଗି ତାଙ୍କଠାରୁ ୩୦୦ ନିୟୁତ ଓନ୍ (୨୦୪,୦୦୦ ଡଲାର) ଟଙ୍କା ଦାବି କରିଥିଲେ। ସୋମବାର ସିଓଲ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟ କୋର୍ଟ କହିଛନ୍ତି, ୟାଙ୍ଗ୍ ସନ୍‌ଙ୍କୁ ମିଛ କହିଛନ୍ତି। ତାଙ୍କ ପେଟରେ କାହାର ସନ୍ତାନ ଥିଲା ତାହାର ପ୍ରାମାଣିକ ତଥ୍ୟ ସେ ଦେଇପାରି ନ ଥିଲେ। କୋର୍ଟ କହିଛନ୍ତି ୟାଙ୍ଗ୍ ବ୍ଲାକ୍‌ମେଲ କରି ଅର୍ଥ ଆଦାୟ ଉଦ୍ୟମକୁ ଅସ୍ୱୀକାର କରିଛନ୍ତି। ସ୍ୱୀକାର କରିଥିବା ୟଙ୍ଗଙ୍କୁ ୨ ବର୍ଷ ଜେଲ ଦଣ୍ଡ ହୋଇଛି। ୩୩ ବର୍ଷୀୟ ସନ୍‌ଙ୍କୁ ଏସିଆର ଅନ୍ୟତମ ମହାନ୍ ଖେଳାଳି ବିବେଚନା କରାଯାଇଥାଏ। ପ୍ରିମିୟର ଲିଗ୍‌ରେ ଟୋଟେନହାମ୍ ହଟ୍ସପୁର ଦଳ ପାଇଁ ଏକ ଦଶନ୍ଧି ଧରି ଖେଳିବା ପରେ ଦକ୍ଷିଣ କୋରିଆର ଏହି ଫୁଟ୍‌ବଲ ଷ୍ଟାର ଗତ ଅଗଷ୍ଟରେ ଏଲ୍‌ଏଏଫ୍‌ସିରେ ଯୋଗ ଦେଇଛନ୍ତି। ଦକ୍ଷିଣ କୋରିଆ ନ୍ୟୁଜ ଏଜେନ୍ସି ୟନହାପ୍ ଗତ ମେ’ ମାସରେ ଏକ ରିପୋର୍ଟରେ ଉଲ୍ଲେଖ କରିଥିଲା ଯେ, ଗତ ବର୍ଷ ଜୁନ୍‌ରେ ସନ୍‌ଙ୍କୁ ବ୍ଲାକମେଲ କରିଥିବା ଅଭିଯୋଗରେ ଜଣେ ୨୦ ବର୍ଷୀୟା ମହିଳା ଓ ଜଣେ ୪୦ ବର୍ଷୀୟ ପୁରୁଷ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଭୁବନେଶ୍ୱର ଫୁଟବଲ ଲିଗ୍ ଚାମ୍ପିୟନ କିଶୋର କ୍ଲବ ଦଳ।

# ଭୁବନେଶ୍ୱର ଫୁଟବଲ ଲିଗ୍ ;କିଶୋର କ୍ଲବ ଚାମ୍ପିୟନ

**ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଗତିକୃଷ୍ଣ ସ୍ମାରକୀ ଭୁବନେଶ୍ୱର ଫୁଟବଲ ଲିଗ୍ ସୋମବାର ଉଦ୍‌ଯାପିତ ହୋଇଛି। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ଫାଇନାଲରେ ଆର୍ଡୋର କ୍ଲବକୁ ୩-୦ ଗୋଲରେ ହରାଇ କିଶୋର କ୍ଲବ ଚାମ୍ପିୟନ ହୋଇଛି। ବିଜୟୀ ଦଳ ପକ୍ଷରୁ ଆଶିଷ ବେହେରା, ରାଜେଶ ନାୟକ ଓ ବାହୁଲ ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଆଶିଷ ବେହେରାଙ୍କୁ ପ୍ଲେୟର ଅଫ୍ ଦି ଫାଇନାଲ ପୁରସ୍କାର ପ୍ରଦାନ କରିଥିଲେ ଗତିକୃଷ୍ଣଙ୍କ ପୁଅ ଶିବ ପ୍ରସାଦ ପଣ୍ଡା। ଗତିକୃଷ୍ଣଙ୍କ ଅନ୍ୟତମ ପୁଅ ବିଷ୍ଣୁ ପ୍ରସାଦ ପଣ୍ଡା, ଆସୋସିଏଶନର ଫୁଟବଲ ସମ୍ପାଦକ ଦିଲୀପ କୁମାର ଦାସ, ପୂର୍ବତନ କ୍ରୀଡ଼ା ଅଧିକାରୀ ଅଶୋକ ମହାନ୍ତି ପ୍ରମୁଖ ରେଫରିମାନଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମିର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ କିଶୋର କ୍ଲବକୁ ଏବଂ ସମ୍ମାନିତ ଅତିଥି ବରିଷ୍ଠ ଭାଜପା ନେତା ଜଗନ୍ନାଥ ପ୍ରଧାନ ଆର୍ଡୋର କ୍ଲବକୁ ରନରଅପ୍ ଟ୍ରଫି ପ୍ରଦାନ କରିଥିଲେ। ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତୀୟ ଦଳକୁ ଜରିମାନା

**ଦୁବାଇ, ୮।୧୨ (ପି.ଟି.)**

ରାୟପୁରଠାରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସ୍ଲୋ ଓଭର-ରେଟ୍ ପାଇଁ ଭାରତକୁ ସୋମବାର ସେମାନଙ୍କ ମ୍ୟାଚ୍ ଫିଁର ୧୦ପ୍ରତିଶତ ଜରିମାନା କରିଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଭାରତ ଏହି ମ୍ୟାଚରେ ପରାଜିତ ହେବାଦ୍ୱାରା ଦକ୍ଷିଣ ଆଫ୍ରିକା ସିରିଜ ୧-୧ ସ୍ତରକୁ ନେଇ ଆସିବାରେ ସମର୍ଥ ହୋଇଥିଲା। କେ.ଏଲ୍. ରାହୁଲଙ୍କ ଦଳ ଅନୁମତି ସମୟ ମଧ୍ୟରେ ଟାର୍ଗେଟଠାରୁ ୨ ଓଭର ପଛରେ ରହିଥିବାରୁ ଏଲିଟ୍ ପ୍ୟାନେଲ ମ୍ୟାଚ ରେଫରି ରିଚି ରିଚାର୍ଡସନ ଏହି ଦଣ୍ଡବିଧାନ କରିଛନ୍ତି। ରାହୁଲ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ପ୍ରସ୍ତାବିତ ଦଣ୍ଡକୁ ଗ୍ରହଣ କରିନେବାରୁ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ଅନ୍‌ଫିଲ୍ଡ ଅମ୍ପାୟର ରଡ୍ ଟକର ଓ ରୋହନ ପଣ୍ଡିତ, ତୃତୀୟ ଅମ୍ପାୟର ସାମ୍ ନଗ୍‌ଜାସ୍କି ଏବଂ ୪ର୍ଥ ଅମ୍ପାୟର ଓ ଜୟରମଣ ମଦନଗୋପାଳଙ୍କ ପକ୍ଷରୁ ଏହି ଅଭିଯୋଗ ଅଣାଯାଇଥିଲା।

# ଓଡ଼ିଶା ଏଚ୍‌ପିସି ଚାମ୍ପିୟନ




ଚାମ୍ପିୟନ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଦଳ।

### ଖେଲୋ ଇଣ୍ଡିଆ ମହିଳା ହକି ସିଟି ଲିଗ୍

**ଭୁବନେଶ୍ୱର, ୮।୧୨ (ତପନ ସ୍ୱାଇଁ)**

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ସୋମବାର ଦେଶବ୍ୟାପୀ ଖେଲୋ ଇଣ୍ଡିଆ ମହିଳା ହକି ସିଟି ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଭୁବନେଶ୍ୱର ସିଟି ଲିଗ୍-୨୦୨୫ରେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଚାମ୍ପିୟନ ହୋଇଛି। କିଟ୍ ଓ କିସ୍ ରନରଅପ୍ ଏବଂ କଟକ ତୃତୀୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବି.କେ. ସ୍ୱାଇଁ, ଉପ ସଚିବ ସୌମ୍ୟ ସାର୍ଥକ ମିଶ୍ର ଓ ଓଡ଼ିଶା ହକି ସାଧାରଣ ସମ୍ପାଦକ ସନାତନ ସାହୁ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି: ୱେଲ୍ସକୁ ହରାଇଲା ଭାରତ

**ସାଣ୍ଟିଆଗୋ (ଚିଲି), ୮।୧୨ (ପି.ଟି.)**

ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍‌ର ୯ମ ସ୍ଥାନ ପାଇଁ ହୋଇଥିବା ଏକ କ୍ଲାସିଫିକେଶନ ମ୍ୟାଚ୍‌ରେ କ୍ୱାର୍ଟରଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିବା ଭାରତ ୩-୧ ଗୋଲ୍‌ରେ ୱେଲ୍ସକୁ ପରାସ୍ତ କରିଛି। ଦଳ ତରଫରୁ ହୀନା ବାନୋ (୧୪ତମ ମିନିଟ), ସୁନେଲିତା ଟପ୍ପୋ (୨୪ତମ) ଓ ଇଶିକା(୩୧ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ୱେଲ୍ସ ପାଇଁ ଏଲୋଇଜ୍ ମୋଟ୍ (୫୨ତମ) ଏକମାତ୍ର ଗୋଲ ଦେଇଥିଲେ। ପୁଲ୍ ପର୍ଯ୍ୟାୟରେ ଦୁଇ ବିଜୟ ଓ ଗୋଟିଏ ପରାଜୟ ବରଣ କରିଥିବା ଭାରତ ଶ୍ରେଷ୍ଠ ବାହାରେ ୯ମ ସ୍ଥାନ ଅଧିକାର କରିଛି।

# ‘ସାଇ’ରେ ୧୧୯୧ ପଦବୀ ଖାଲି

**ନୂଆଦିଲ୍ଲୀ, ୮।୧୨ (ପି.ଟି.)**

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ରେ ୧,୦୦୦ରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଛି। ଲୋକ ସଭାରେ କେରଳର ଆଟିଙ୍ଗଲ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା କଂଗ୍ରେସ୍ ଏମ୍‌ପିଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୋମବାର ଏ ବିଷୟରେ ସୂଚନା ଦେଇଛନ୍ତି। ସାଇରେ ଉଭୟ ପାଣ୍ଠି ଓ କର୍ମଚାରୀଙ୍କ ଘୋର ଅଭାବ ଦେଖାଦେଇଥିବାରୁ ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି ଉଦ୍‌ବେଗ ପ୍ରକାଶ କରିବା ପରେ ଏ ଦିଗରେ ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ଏମ୍‌ପି ପ୍ରଶ୍ନ କରିଥିଲେ। ମାଣ୍ଡବ୍ୟ କହିଥିଲେ, ସରକାର ଏହି ପ୍ରସଙ୍ଗକୁ ନେଇ ପର୍ଯ୍ୟବେକ୍ଷଣ କରୁଛନ୍ତି। ସାଇରେ ମୋଟ ୧,୧୯୧ ପଦବୀ ଖାଲିପଡ଼ିଛି। କେତେକ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇଯାଇଛି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସଭା ଏମ୍‌ପି ଦିଗ୍‌ବିଜୟ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ଷ୍ଟାଣ୍ଡିଂ କମିଟି ଅଗଷ୍ଟରେ କ୍ରୀଡ଼ା ଉପରେ ଏହାର ରିପୋର୍ଟ ପ୍ରଦାନ କରିଥିଲା। କମିଟି ଜାଣିବାକୁ ପାଇଥିଲା ଯେ ବର୍ତ୍ତମାନ ସାଇରେ ମଞ୍ଜୁରିପ୍ରାପ୍ତ ୪୫ ପ୍ରତିଶତ ପଦବୀ ଖାଲିପଡ଼ିଛି। ବର୍ତ୍ତମାନ ପରିସ୍ଥିତିରେ କାମଚଳାଇବା ପାଇଁ ଅସ୍ଥାୟୀ ଭାବେ ଚୁକ୍ତିଭିତ୍ତିରେ କେତେକ ନିଯୁକ୍ତି ଦିଆଯାଇଥିବା କଥା ମଧ୍ୟ କମିଟି ପ୍ରକାଶ କରିଛି। ଏହି କମିଟିରେ ସ୍ଥାନ ପାଇଥିବା ସଦସ୍ୟମାନଙ୍କ ମଧ୍ୟରେ କ୍ରିକେଟର ତଥା ଆମ୍ ଆଦ୍‌ମୀ ପାର୍ଟି ରାଜ୍ୟ ସଭା ସଦସ୍ୟ ହରଭଜନ ସିଂ ଏବଂ ଭାଜପାର ଦୁଇ ଏମ୍‌ପି ସମ୍ବିତ ପାତ୍ର ଓ ବାଂସୁରୀ ସ୍ୱରାଜ ହେଉଛନ୍ତି ଅନ୍ୟତମ।


# Classified Everyday

**0674-2580101, 9692975378**



## REAL ESTATE SALE

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14

2BHK flat 960sqft. second floor, Near Hi-Tech Plaza- kuha, Bhubaneswar, For sale, Contact- 9861150062. D-2764

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735




All types of physiotherapy with massage, Contact number 9556924059/ 7656969134. D-2766

The massage felt totally professional! & comfortable at all times-7978109255. D-221

## AFFIDAVIT

By virtue of an affidavit sworn before Executive Magistrate, Bhadrak, dated 03.12.2025, I, TIKI NAYAK, Address: At- Fakirpur, P.O.- Sahapur, P.S.- Pirahat, Bhadrak, Odisha, 756131 declare that I have changed the name of my daughter from Lila Nayak to Siprarani Nayak. Henceforth, she shall be known as Siprarani Nayak for all purposes.

Tiki Nayak
D-2780

By virtue of an Affidavit sworn before the Executive Magistrate, Bhubaneswar, dtd. 08.12.2025, I, SUSHREE SANGITA PATRA, W/o.- Satyajit Patra, permanent resident of At- Naharkanta, P.O.- Naharkanta, P.S.- Pahal, Dist.- Khordha, Odisha, PIN- 752101, declare that my name has been changed from SUSHREE SANGITA ROUTRAY to SUSHREE SANGITA PATRA. I shall be known as SUSHREE SANGITA PATRA for all future purposes.

Sushree Sangita Patra
D-2783

I, Debashree Debadarshini, daughter of Binod Chandra Pradhan, resident of B105, Centre Point, Sailashree Vihar, Phase 7, Chandrasekharpur, Bhubaneswar, Odisha, 751021 do hereby declare that in my official documents my husband's name has been wrongly mentioned as Chandrakant Sahoo, instead of his correct name Chandrakanta Sahoo. D-2781

By virtue of an affidavit sworn before the Executive Magistrate, Titilagarh, dated 17.11.2025, I, Kishor Chandra Dash, address: At- Sargiguda, P.O./P.S.- Titilagarh, Dist.- Bolangir, Odisha, PIN- 767033 declare that I have changed my Son's name from Arya Kumar Dash to Arya Kumar Gyanendra Dash. Henceforth, he shall be known as Arya Kumar Gyanendra Dash for all propose.

Kishor Chandra Dash
D-2784

### ପାଠକଙ୍କ ପାଇଁ ସୂଚନା


କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Kotagarh, dtd. 6.12.2025, I, Shankar Baliarsingh, Village- Srirampur, Post- Srirampur, P.S.- Kotagarh, Dist.- Kandhamal declare that now I have changed my minor son's name from Alibha Kumar Baliarsingh to Abhijit Baliarsingh. Hence forth my minor son will be known as Abhijit Baliarsingh for all purposes.
D-2782

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ୱକେଦାରନାଥ ସ୍ୱାଇଁ
କୁଲାଡ, ନାଲକୋ ନଗର, ଅନୁଗୋଳ
ଆବିର୍ଭାବ: ୦୧।୦୭।୧୯୪୪
ତିରୋଧାନ: ୨୮।୧୧।୨୦୨୫
ଆମକୁ ପର କରି ଆମଠାରୁ ଅନେକ ଦୂରକୁ ଚାଲିଗଲ। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଆମ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର- କିଶୋର ଚନ୍ଦ୍ର ସ୍ୱାଇଁ, ମାନସ ରଞ୍ଜନ ସ୍ୱାଇଁ, ଝିଅ- ନନ୍ଦିତା ସ୍ୱାଇଁ, ମମତା ସ୍ୱାଇଁ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ ତଥା ଗ୍ରାମବାସୀବୃନ୍ଦ।
D-2785

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଶରତ କୁମାର ଦାଶ (ଟୁକୁ)
ପୁଜାରିପୁଟ, କୋରାପୁଟ
ଆବିର୍ଭାବ ୦୯.୦୮.୧୯୫୨
ତିରୋଧାନ ୨୮.୧୧.୨୦୨୫
(ମାର୍ଗଶୀର ଶୁକ୍ଳପକ୍ଷ ଅଷ୍ଟମୀ)
ବାବା ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ସ୍ୱାଭିମାନ ଆମମାନଙ୍କ ପାଇଁ ପାଥେୟ ହେଉ। ଆପଣଙ୍କ ଅବର୍ତ୍ତମାନରେ ପରିବାରରେ ସୃଷ୍ଟି ଶୂନ୍ୟସ୍ଥାନ ଚିରକାଳ ଅପୂରଣୀୟ ରହିବ। ଆପଣଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ଭକ୍ତିପୂତ ପ୍ରାର୍ଥନା କରୁଛୁ। ଆମମାନଙ୍କ ପ୍ରତି ଆପଣଙ୍କର ଆଶୀର୍ବାଦ ସର୍ବଦା ରହିଥାଉ।
ଶୋକସନ୍ତପ୍ତ - ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ
D-2786


## LEGAL NOTICE

ଅର୍ଡର ୫ ରୁଲ୍ ୨୦(ଏ) ମତେ ନୋଟିସ୍
ପୁରୀ ମୁକାମ ସିଭିଲ୍ ଜଜ୍ (କନିଷ୍ଠ ବିଭାଗ) ପୁରୀ
ସି.ଏସ୍. ନ୧୬୧/୨୦୧୮ ମ୍ବର

ବିଜୟ କୁମାର ତ୍ରିପାଠୀ , ବ୫୦ର୍ଷ, ପିତା- ୰ ରାମ ଚନ୍ଦ୍ର ତ୍ରିପାଠୀ, ସାକିନ: ବନମାଳୀପୁର, ସାମିଲ ଜଗନ୍ନାଥବଲ୍ଲଭ, ପୋଷ୍ଟ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ।

..........ବାଦୀ

ବନାମ

୧. ମନିନ୍ଦ୍ର ପାଥିଶର୍ମା, ବ୭୦ର୍ଷ, ପିତା- ୰ ମଧୁସୂଦନ ପାଥିଶର୍ମା, ସାକିନ: ବନମାଳୀପୁର, ସାମିଲି ଜଗନ୍ନାଥବଲ୍ଲଭ, ପୋଷ୍ଟ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ। (ମୃତ)

୨. ମାନସୀ ପାଥିଶର୍ମା, ବ୪୪ର୍ଷ, ସ୍ୱାମୀ- ପ୍ରଶାନ୍ତ କୁମାର ମହାପାତ୍ର, ପିତା- ମନିନ୍ଦ୍ର ପାଥିଶର୍ମା, ସାକିନ: ବନମାଳୀପୁର, ସାମିଲି ଜଗନ୍ନାଥବଲ୍ଲଭ, ପୋଷ୍ଟ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ।

୩. ଜ୍ୟୋତିର୍ମୟୀ ପାଥିଶର୍ମା, ବ୩୮ର୍ଷ, ସ୍ୱାମୀ- ଦିଲ୍ଲିପ କୁମାର ରଥ, ପିତା- ମନିନ୍ଦ୍ର ପାଥିଶର୍ମା, ସାକିନ/ପୋଷ୍ଟ- ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଜିଲ୍ଲା- କେନ୍ଦ୍ରାପଡା।

୪. ମୀନାକ୍ଷୀ ପାଥିଶର୍ମା, ବ୩୬ର୍ଷ, ମାର୍ଫତ- ଚନ୍ଦ୍ରଶେଖର ପାଟ୍ଟଯୋଶୀ, ସାକିନ/ପୋଷ୍ଟ- କୁମ୍ଭାରପଡା, କୁଶା ସାହି, ଥାନା- କୁମ୍ଭାରପଡା, ଜିଲ୍ଲା- ପୁରୀ।

୫. ଚିନ୍ମୟୀ ପାଥିଶର୍ମା, ବ୩୦ର୍ଷ, ସ୍ୱାମୀ- ସମ୍ବିତ୍ କୁମାର ମହାପାତ୍ର, ପିତା- ମନିନ୍ଦ୍ର ପାଥିଶର୍ମା, ମାର୍ଫତ- ସୀତାକାନ୍ତ ମହାପାତ୍ର, ସାକିନ- ବୀରହରେକୃଷ୍ଣପୁର, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ।

...........ପ୍ରତିବାଦୀମାନେ।

ଏହିକି ଉପରୋକ୍ତ ମୋକଦ୍ଦମାରେ ତୁମ୍ଭେ ପ୍ରତିବାଦୀ ନ୨ ଓ ୩ମ୍ବର ଥାଇ ତୁମ୍ଭକୁ ତୁମ୍ଭର ଉପରୋକ୍ତ ଠିକଣାରେ ବାରମ୍ବାର ସମନ ଜାରି କରାଗଲେ ମଧ ତୁମ୍ଭେ ଜାଣିଶୁଣି କୋର୍ଟଙ୍କ ଦ୍ୱାରା ପ୍ରେରିତ ସମନକୁ ଗ୍ରହଣ କରୁନାହଁ। ତେଣୁ ତୁମ୍ଭମାନଙ୍କୁ ଏତଦ୍ୱାରା ଜଣାଇଦିଆଯାଉଅଛି ଯେ ତା.୦୫.୦୧.୨୦୨୬ରିଖ ଦିବା ୧୦.୩୦ ମିନିଟ୍ ସମୟରେ ଉପରବର୍ଣ୍ଣିତ ମୋକଦ୍ଦମାରେ ତୁମ୍ଭେମାନେ ହାଜର ହୋଇ ତୁମ୍ଭର ପକ୍ଷ ରଖିବ। ନଚେତ୍ ମୋକଦ୍ଦମାଟି ଆଇନ ଅନୁଯାୟୀ ବିଚାର କରାଯିବ।

ସମ୍ପତ୍ତିର ବିବରଣୀ

ଜିଲ୍ଲା- ପୁରୀ, ମୌଜା- ଜଗନ୍ନାଥବଲ୍ଲଭ, ଖାତା ନ୧୬୮ମ୍ବର, ପ୍ଲଟ ନ୧୦୪୩ମ୍ବର(ଅଂଶ), ସରଜମିନରେ (ପୂର୍ବ-ପଶ୍ଚିମ)= ଫୁ୨୫ଟ×(ଉତ୍ତର-ଦକ୍ଷିଣ)= ଫୁ୬ଟ

ଖାତା ନ୩୦୨ମ୍ବର, ପ୍ଲଟ ନ୧୦୪୨ମ୍ବର(ଅଂଶ), ସରଜମିନରେ (ପୂର୍ବ-ପଶ୍ଚିମ)= ଫୁ୩୩ଟ × (ଉତ୍ତର-ଦକ୍ଷିଣ) ପ୍ରସ୍ଥ ଦକ୍ଷିଣ ତରଫ ଫୁ୬ଟ ଓ ଉତ୍ତର ତରଫ ପ୍ରସ୍ଥ ଫୁ୫ଟ।

ସ୍ୱା-ସିଭିଲ୍ ଜଜ୍, କନିଷ୍ଠ ବିଭାଗ, ପୁରୀ
D-2787

# ଦୁରାରୋଗ୍ୟ ନୁହେଁ ଏଣ୍ଡୋମେଟ୍ରିଓସିସ୍

**ଏଣ୍ଡୋମେଟ୍ରିଓସିସ୍ ମହିଳାଙ୍କଠାରେ ଦେଖାଦେଉଥିବା ଏଭଳି ଏକ ସ୍ୱାସ୍ଥ୍ୟ ସମସ୍ୟା ଯାହାକି ପ୍ରାରମ୍ଭିକ ପର୍ଯ୍ୟାୟରେ ସହଜରେ ଚିହ୍ନଟ ହୋଇପାରି ନ ଥାଏ। ତେଣୁ ଅନେକେ ଏହାକୁ ସାଧାରଣ ଯନ୍ତ୍ରଣା ମନେକରି ଅବହେଳା କରିବସନ୍ତି, ଯାହାକି ପରବର୍ତ୍ତୀ ସମୟରେ ଜଟିଳ ସମସ୍ୟାର ରୂପ ବି ନେଇପାରେ। ହେଲେ ପରିସ୍ଥିତି ଅସହ୍ୟ ହେବା ଯାଏ ଅପେକ୍ଷା ନ କରି ଏହାର କୌଣସି ଲକ୍ଷଣ ଦେଖାଦେବାମାତ୍ରେ ଆରମ୍ଭରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରାଇନେଲେ ଜଣେ ମହିଳା ସୁସ୍ଥ ରହିପାରିବେ ସେଥିରେ ସନ୍ଦେହ ନାହିଁ...**



ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ଭାରତୀୟ ମହିଳାଙ୍କ କ୍ଷେତ୍ରରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏକ ସର୍ଭେ ରିପୋର୍ଟ ମୁତାବକ ଆମ ଦେଶରେ ପ୍ରାୟ ୨.୫ରୁ ୪.୩ କୋଟି ମହିଳା ଏହି ସମସ୍ୟା ଦେଇ ଗତି କରୁଛନ୍ତି। ତେବେ ଅତ୍ୟନ୍ତ ପରିତାପର ବିଷୟ, ସେମାନଙ୍କ ମଧ୍ୟରୁ ଅନେକେ ଯଥା ସମୟରେ ଚିକିତ୍ସା କରାଇ ନ ପାରିବାରୁ ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

**ଏଣ୍ଡୋମେଟ୍ରିଓସିସ୍ କ'ଣ:** ଗର୍ଭାଶୟର ଭିତର ପରସ୍ତ ବା ଏଣ୍ଡୋମେଟ୍ରିଅମ୍‌ର କିଛି ଟିସୁ ଯଦି ଗର୍ଭାଶୟର ବାହାରେ, ଫ୍ୟାଲୋପିଆନ୍ ଟ୍ୟୁବ୍, ଓଭାରି କିମ୍ବା ଖାଦ୍ୟନଳୀରେ ବଢ଼ିଯାଏ ତେବେ ଏହାକୁ ଏଣ୍ଡୋମେଟ୍ରିଓସିସ୍ କୁହାଯାଏ। ହର୍‌ମୋନାଲ ପରିବର୍ତ୍ତନ ବା ଅଧିକ ଇଷ୍ଟ୍ରୋଜେନ୍ ହର୍‌ମୋନ୍ କ୍ଷରଣ ଦ୍ୱାରା ଏହା ଧୀରେ ଧୀରେ ବୃଦ୍ଧିପାଇଥାଏ। ଏହାଦ୍ୱାରା ପାଖରେ ଥିବା ଅନ୍ୟ ଟିସୁଗୁଡ଼ିକରେ ଫୁଲିବା, ଜଳିବା, ଘା' ବା ସ୍କାର୍ ଟିସୁ ହେବା ସହ ଏଥିଯୋଗୁ ବିଭିନ୍ନ ଅର୍ଗାନ୍ ଯୋଡ଼ିହୋଇଯିବା ଭଳି ସମସ୍ୟା ଉପୁଜିଥାଏ। ତେବେ ଏହା କ୍ଷଣସ୍ଥାୟୀ ସମସ୍ୟା ନୁହେଁ ଯାହା ଆରମ୍ଭ ହେବା ମାତ୍ରେ ଜଣାପଡ଼ିଯାଏ ଏବଂ ତୁରନ୍ତ ଔଷଧ ସେବନ ଦ୍ୱାରା କମ୍ ହୋଇଯାଇଥାଏ। ଏହା ଏକ କ୍ରନିକ୍ ବା ଅଧିକ ଦିନ ଧରି ଲାଗି ରହୁଥିବା ସମସ୍ୟା ଯାହା ଜଣାପଡ଼ିବା ଲାଗି ପ୍ରାୟ ୬-୭ ବର୍ଷ ସମୟ ଲାଗିଥାଏ।

**ଲକ୍ଷଣ:** ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ମୁଖ୍ୟତଃ କେତେକ ଲକ୍ଷଣରୁ ଜଣାପଡ଼ିଥାଏ। ଯାହା ମଧ୍ୟରୁ ମାସିକ ଋତୁସ୍ରାବ ବା ପିରିୟଡ୍ ସମୟରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ ହେବା, ପେଲ୍‌ଭିକ୍ ପେନ୍, ଅଧିକ ରକ୍ତସ୍ରାବ ହେବା ଆଦି ସବୁଠୁ ପ୍ରମୁଖ କାରଣ, ଯାହାକୁ ସାଧାରଣ ଯନ୍ତ୍ରଣା ଭାବି ଅବହେଳାକରି ବସନ୍ତି। ହେଲେ ବୟସ ବଢ଼ିବା ସହ ଧୀରେ ଧୀରେ ଅଧିକ କଷ୍ଟଦାୟକ ହୋଇଥାଏ। ଏହା ବ୍ୟତୀତ ଅନେକଙ୍କଠାରେ କନ୍‌ଷ୍ଟିପେଶନ ବା ମଳତ୍ୟାଗ ସମୟରେ କଷ୍ଟହେବା, ପରିସ୍ରା କରିବା ବେଳେ ଯନ୍ତ୍ରଣା ଅନୁଭବ କରିବା, ପେଟ ଫୁଲିବା ବା ବ୍ଲୋଟିଂ ହେବା ଭଳି ସମସ୍ୟା ଦେଖାଯାଏ। ବିବାହିତ ମହିଳାଙ୍କଠାରେ ସହବାସ ସମୟରେ ମଧ୍ୟ ଅତ୍ୟନ୍ତ ଯନ୍ତ୍ରଣା ଅନୁଭବ ହୋଇଥାଏ। ଏଥିପାଇଁ କେତେଜଣ ମହିଳାଙ୍କ ଠାରେ ଗର୍ଭଧାରଣ କରିବାରେ ବି ଜଟିଳତା ବା ଇନ୍‌ଫର୍ଟିଲିଟି ସମସ୍ୟା ଦେଖାଦେଇଥାଏ। ଯେଉଁ ଯୁବତୀ ବା ମହିଳାଙ୍କ ପରିବାରରେ ପୂର୍ବରୁ ମା' କିମ୍ବା ଭଉଣୀଙ୍କଠାରେ ଏହି ରୋଗ ପୂର୍ବରୁ ଥାଏ ତେବେ ସେମାନଙ୍କ କ୍ଷେତ୍ରରେ ଏହା ହେବା ଆଶଙ୍କା ଅଧିକ।

**ଚିକିତ୍ସା:**
- ଯଦିଓ ଏଣ୍ଡୋମେଟ୍ରିଓସିସ୍ ସମସ୍ୟା ସମ୍ପୂର୍ଣ୍ଣ ଭାବେ ଠିକ୍ ହୋଇ ନ ଥାଏ, ହେଲେ ଚିକିତ୍ସା, ସର୍ଜରି ଓ ଜୀବନଶୈଳୀରେ ପରିବର୍ତ୍ତନ ଦ୍ୱାରା ବହୁମାତ୍ରାରେ ସମସ୍ୟା କମ୍ କରାଯାଇପାରେ। ଏହାର ଚିକିତ୍ସା ଲାଗି ମୁଖ୍ୟତଃ ପେନ୍ କିଲର ବା ଓଭର ଦ କାଉଣ୍ଟର ମେଡିସିନ ଦିଆଯାଇ ରୋଗୀର କଷ୍ଟ କମ୍ କରାଯାଇଥାଏ।
- ବିଭିନ୍ନ ହର୍‌ମୋନ୍ ଥେରାପି, ଇଞ୍ଜେକ୍ସନ୍ ଆଦି ଦିଆଯାଇ ରୋଗୀର ଇଷ୍ଟ୍ରୋଜେନ୍ ହର୍‌ମୋନ ସ୍ତରକୁ ନିୟନ୍ତ୍ରଣରେ ରଖାଯାଇଥାଏ, ଫଳରେ ଏଣ୍ଡୋମେଟ୍ରିଓସିସ୍‌ର ଆକାର ବୃଦ୍ଧି ପାଇ ନ ଥାଏ ଏବଂ କଷ୍ଟ କମ୍ ହୋଇଥାଏ।





**କେବେ ଆବଶ୍ୟକ ସର୍ଜରି:** ଏହି ରୋଗରେ ସମସ୍ତଙ୍କ କ୍ଷେତ୍ରରେ ସର୍ଜରି ଆବଶ୍ୟକ ହୋଇ ନ ଥାଏ। ଆରମ୍ଭରୁ ରୋଗ ଚିହ୍ନଟ କରାଯାଇ ଚିକିତ୍ସା କରାଗଲେ ଆରୋଗ୍ୟ ହେବା ସମ୍ଭାବନା ଅଧିକ ଥାଏ। ହେଲେ ଯଦି ସମସ୍ୟା ଅଧିକ ଜଟିଳ ହୋଇଯାଇଥାଏ ଏବଂ ଔଷଧ ସେବନ କିମ୍ବା ଅନ୍ୟ ଚିକିତ୍ସା ଉପାୟରେ ରୋଗ ଠିକ୍ ହୋଇ ନ ପାରେ, ତେବେ ସେହି ମହିଳାଙ୍କ କ୍ଷେତ୍ରରେ ସର୍ଜରି ଆବଶ୍ୟକ ହୋଇଥାଏ। ଲାପାରୋସ୍କୋପି ସର୍ଜରି ଦ୍ୱାରା ଏଣ୍ଡୋମେଟ୍ରିଓସିସ୍ ଟିସୁକୁ କାଢ଼ି ଦିଆଯାଇଥାଏ।

**ଫର୍ଟିଲିଟି ଚିକିତ୍ସା:** ଏଣ୍ଡୋମେଟ୍ରିଓସିସ୍ ସମସ୍ୟାରେ ପୀଡ଼ିତ କେତେଜଣ ମହିଳାଙ୍କ ଠାରେ ପ୍ରଜନନ କ୍ଷମତା ବାଧାପ୍ରାପ୍ତ ହୋଇଥାଏ ଏବଂ ଗର୍ଭଧାରଣ କରିବାରେ ବି ଜଟିଳତା ଦେଖାଦେଇଥାଏ। ଏମିତିକି କେତେକଙ୍କ କ୍ଷେତ୍ରରେ ଏହା ଇନ୍‌ଫର୍ଟିଲିଟି ବା ବନ୍ଧ୍ୟାଦୋଷର କାରଣ ସାଜିଥାଏ। ଏହାର ଚିକିତ୍ସା ପାଇଁ ଆଇଭିଏଫ୍ (ଇନ୍‌ଭିଟ୍ରୋଫର୍ଟିଲାଇଜେଶନ) ଚିକିତ୍ସା ଅନେକଙ୍କ ପାଇଁ ଏକ ବରଦାନ ସଦୃଶ କାମ କରିଥାଏ।

ଏଣ୍ଡୋମେଟ୍ରିଓସିସ୍‌ର କୌଣସି ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ସ୍ତ୍ରୀରୋଗ ବିଶେଷଜ୍ଞ କିମ୍ବା ଏଣ୍ଡୋମେଟ୍ରିଓସିସ୍ ରୋଗ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଅଲ୍‌ଟ୍ରାସାଉଣ୍ଡ କିମ୍ବା ଏମ୍‌ଆର୍‌ଆଇ ଦ୍ୱାରା ରୋଗ ଚିହ୍ନଟକରି ଚିକିତ୍ସା କରାଇନେବା ସହ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଏବଂ ଯୋଗ, ବ୍ୟାୟାମ କରିବା ଦ୍ୱାରା ଏହି ରୋଗରୁ ଉପଶମ ପାଇପାରିବେ ଓ ଏକ ଯନ୍ତ୍ରଣାମୁକ୍ତ ଜୀବନ ଜିଇପାରିବେ।

*-**ଡା. ଭାରତ ଭୂଷଣ**, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ, ମଣିପାଲ ହସ୍ପିଟାଲ, ଭୁବନେଶ୍ୱର,*
*ମୋ- ୮୨୮୦୧୧୭୮୮୯*



## ଖାଦ୍ୟରୁଚି

# ଟର୍‌ମରିକ୍ ଟି



**ଆବଶ୍ୟକ ସାମଗ୍ରୀ:** ୩ କପ୍ ପାଣି, ଅଧା ଚାମଚ ଅଦା ଛେଚା, ୧.୧୫ ଇଞ୍ଚ କଞ୍ଚା ହଳଦୀ, ଚିମୁଟାଏ ଲେଖାଏ ଡାଲଚିନି ଏବଂ ଗୋଲମରିଚ ,୮-୧୦ଟି ଗୋଲାପ ପାଖୁଡ଼ା, ୨-୩ ବୁନ୍ଦା ଲେମ୍ବୁରସ, ମହୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚୁଲାରେ ଏକ ସସ୍‌ପ୍ୟାନ୍ ବସାଇ ୩ କପ୍ ପାଣି ଗରମ କରନ୍ତୁ। ପାଣି ଫୁଟିବା ଆରମ୍ଭ ହେଲେ ସେଥିରେ ଛେଚା ଅଦା ଏବଂ ହଳଦୀ ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ସେଥିରେ ଗୋଲାପ ପାଖୁଡ଼ା, ଡାଲଚିନି ଏବଂ ଗୋଲମରିଚ ଗୁଣ୍ଡ ପକାନ୍ତୁ। ଚୁଲା ବନ୍ଦକରି ଚା'କୁ କପ୍‌ରେ ଛାଣିଦିଅନ୍ତୁ। ସେଥିରେ ଲେମ୍ବୁରସ ଏବଂ ସ୍ୱାଦାନୁସାରେ ମହୁ ପକାଇ ପିଅନ୍ତୁ। ଏହା ନା କେବଳ ପାଟିକୁ ସ୍ୱାଦିଷ୍ଟ ଲାଗେ ବରଂ ଏହାକୁ ପିଇଲେ ଶରୀରର ଇମ୍ୟୁନିଟି ପାୱାର ମଧ୍ୟ ବଢ଼ିଥାଏ।

# ରାତ୍ରିଭୋଜନ ବିଳମ୍ବରେ କରୁଥିଲେ

**ବିଭିନ୍ନ କାର୍ଯ୍ୟବ୍ୟସ୍ତତା ସହ ପରିବାର ସଦସ୍ୟ ଓ ପିଲାଙ୍କ ଖାଇବା ପରେ ଅଧିକାଂଶ ମହିଳା ରାତ୍ରିଭୋଜନ ବିଳମ୍ବରେ କରିଥା'ନ୍ତି। ହେଲେ ନିଜ ଖାଦ୍ୟ ପ୍ରତି ଅବହେଳା କରିବସିବା ଯେ ଅପରପକ୍ଷେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ ସେ ଦିଗରେ ସେମାନେ ଯତ୍ନଶୀଳ ନ ଥାନ୍ତି। ଯଦି ଆପଣଙ୍କର ବି ରାତ୍ରିଭୋଜନ ବିଳମ୍ବରେ କରିବାର ଅଭ୍ୟାସ ରହିଛି ତେବେ କେତୋଟି କଥା ନିହାତି ଜାଣିରଖନ୍ତୁ...**



**ମେଦବହୁଳତା:** ଡେରିରେ ଖାଇବା ଦ୍ୱାରା ଖାଦ୍ୟ ହଜମ ନ ହୋଇ ପାରିବା କାରଣରୁ ଅନେକଙ୍କଠାରେ ମେଟାବଲିଜମ୍ ସ୍ତର ଅନିୟନ୍ତ୍ରିତ ହୋଇଥାଏ। ଶରୀରରେ ଅଧିକ କ୍ୟାଲୋରି ଜମାହେବା ଫଳରେ ମେଦବହୁଳତା ଦେଖାଦିଏ, ଯାହାକି ପରବର୍ତ୍ତୀ ସମୟରେ ଡାଇବେଟିସ୍, ବ୍ଲଡ୍‌ପ୍ରେସର ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।

**ଦେଖାଦିଏ ପାଚନ ସମସ୍ୟା:** ରାତି ଖାଇବା ଡେରି ହେଲେ ହଜମକ୍ରିୟା ବାଧାପ୍ରାପ୍ତ ହୁଏ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନେକେ ବିଳମ୍ବରେ ଖାଉଥିବାରୁ ସଙ୍ଗେ ସଙ୍ଗେ ଶୋଇପଡ଼ନ୍ତି। ଫଳରେ ବଦହଜମି, ଏସିଡିଟି ହେବା ସହ ଛାତି ଜଳିବା, ଆମ୍ବିଳା ହାକୁଟି ହେବା ଭଳି ସମସ୍ୟା ଦେଖାଦିଏ। ତେଣୁ ପ୍ରତ୍ୟେକ ମହିଳା ରାତିରେ ବିଳମ୍ବ ନ କରି ପ୍ରତିଦିନ ଖାଇବାର ଏକ ଠିକ୍ ସମୟ ନିର୍ଦ୍ଧାରଣ କରିବା ଆବଶ୍ୟକ। ଏହାଦ୍ୱାରା ଖାଇବା ପରେ ଅଳ୍ପ ସମୟ ଚାଲବୁଲ କିମ୍ବା ଘରର କାମ କରିବା ପାଇଁ ସମୟ ମିଳିବ, ଯାହାକି ଖାଦ୍ୟ ଭଲ ଭାବେ ହଜମ ହେବାରେ ସାହାଯ୍ୟ କରିବ।

**ଦେଖାଦିଏ ନିଦ୍ରାହୀନତା:** ଅନେକ ମହିଳା ରାତିରେ ନିଦ ହେଉ ନ ଥିବା ନେଇ ଅଭିଯୋଗ କରିଥାଆନ୍ତି। ହେଲେ ଏକ ଗବେଷଣା ରିପୋର୍ଟ ମୁତାବକ ରାତ୍ରିଭୋଜନ ବିଳମ୍ବରେ କରିବା ଦ୍ୱାରା ବଦହଜମୀ, ଗ୍ୟାସ୍ ଭଳି ବିଭିନ୍ନ ସମସ୍ୟା ଉପୁଜିବା ସହ ରାତିରେ ନିଦ୍ରା ବାଧାପ୍ରାପ୍ତ ହୋଇଥାଏ। କେବଳ ଏତିକି ନୁହେଁ, ମସ୍ତିଷ୍କ ଠିକ୍ ଭାବେ ବିଶ୍ରାମ ନ ପାଇବାରୁ କେତେକଙ୍କଠାରେ ଅଜବ ସ୍ୱପ୍ନ ମଧ୍ୟ ଆସିଥାଏ।

**ପ୍ରଭାବିତ କରେ ମାନସିକ ସ୍ୱାସ୍ଥ୍ୟ:** ବିଳମ୍ବିତ ରାତିରେ ଖାଇବା ଦ୍ୱାରା ହଜମକ୍ରିୟା ବାଧାପ୍ରାପ୍ତ ହେବା ସହ ଠିକ୍ ଭାବେ ନିଦ ନ ହେବା କାରଣରୁ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ବାରମ୍ବାର ଏପରି ହେବା ଦ୍ୱାରା ଚିଡ଼ିଚିଡ଼ା ଲାଗିବା, ଡିପ୍ରେଶନ ଭଳି ବିଭିନ୍ନ ମାନସିକ ସମସ୍ୟା ଦେଖାଦେଇଥାଏ। ତେଣୁ ଏସବୁ ସମସ୍ୟାଠୁ ଦୂରେଇରହିବା ଲାଗି ପ୍ରତିଦିନ ରାତିରେ ଶୀଘ୍ର ଖାଇବାକୁ ଚେଷ୍ଟା କରନ୍ତୁ।



## ସୌନ୍ଦର୍ଯ୍ୟ

# ସ୍କିନ୍ ଗ୍ଲୋ ବଢ଼ାଏ କିୱି

**ତ୍ୱଚାରେ ଦାଗ, ଟ୍ୟାନିଂ, ସ୍କିନ୍‌ଟୋନ୍ ଡଲ୍ ଲାଗିବା ଭଳି ସମସ୍ୟା ଦେଖାଦେଲେ ମହିଳାମାନଙ୍କ ଚିନ୍ତା ବଢ଼ିଯାଏ। ଏହା ଦୂରକରିବା ଲାଗି ଭିଟାମିନ୍ ସି, ଇ ଓ ଆଣ୍ଟି ଅକ୍ସିଡାଣ୍ଟଯୁକ୍ତ କିୱି ବେଶ୍ ଉପକାରୀ। ଜାଣନ୍ତୁ କିପରି ଏହାକୁ ବ୍ୟବହାର କରି ନିଜ ସ୍କିନ୍‌କୁ ସ୍ପଟ୍‌ଲେସ୍ ଏବଂ ଗ୍ଲୋଇଂ କରିପାରିବେ...**



**ଦହି, କିୱି ପ୍ୟାକ୍:** କିୱିକୁ କାଟି ଏହାର ପଲ୍ପ ବାହାର କରନ୍ତୁ। ୨ଚାମଚ ଏହି ପଲ୍ପ ସହ ୨ଚାମଚ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ପ୍ରଥମେ ମୁହଁକୁ ମାଇଲ୍ଡ ଫେସ୍‌ୱାସ୍ ଲଗାଇ ଧୋଇଦିଅନ୍ତୁ। ଧୀରେ ଧୀରେ ମୁହଁ ପୋଛି ଦିଅନ୍ତୁ ଏବଂ ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୧୫-୨୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ନଖ ଉଷୁମ ପାଣିରେ ଧୀରେ ଧୀରେ ଧୋଇଦିଅନ୍ତୁ। ମନେରଖନ୍ତୁ ତ୍ୱଚାକୁ ଆଦୌ ରଗଡ଼ନ୍ତୁ ନାହିଁ। ପ୍ୟାକ୍ ଛଡ଼ାଇବା ପରେ ମଶ୍ଚରାଇଜର ଲଗାଇବାକୁ ଭୁଲନ୍ତୁ ନାହିଁ। ସପ୍ତାହରେ ଥରେ ଏହି ପ୍ୟାକ୍ ଲଗାଇଲେ ତ୍ୱଚାର ଚମକ ବଢୁଥିବା ନିଜେ ଜାଣିପାରିବେ।

**କିୱି, ଅଣ୍ଡା ପ୍ୟାକ୍:** ଏକ ବଡ଼ ଚାମଚ କିୱି ପଲ୍ପ ନିଅନ୍ତୁ। ସେଥିରେ ୧ ଚାମଚ ଅଣ୍ଡାର ଧଳା ଅଂଶ, ଅଧା ଚାମଚ ଅଲିଭ୍ ଅଏଲ୍ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ମୁହଁକୁ ପାଣିରେ ଧୋଇ ଧୀରେ ଧୀରେ ପୋଛି ଦିଅନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ୫-୧୦ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏହି ପ୍ୟାକ୍‌କୁ ମୁହଁରେ ଲଗାଇଲେ ଧୀରେ ଧୀରେ ସ୍କିନ୍‌ଟୋନ୍ ବଢ଼ିବା ସହ ଗ୍ଲୋ ମଧ୍ୟ ଆସିବ।

**ଆଲ୍‌ମଣ୍ଡ-କିୱି ପ୍ୟାକ୍:** ୪-୫ଟି ଆଲମଣ୍ଡକୁ ୫-୬ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ। ଏହା ଭିଜିଗଲା ପରେ ଚୋପା ଛଡ଼ାଇ ବାଟିଦିଅନ୍ତୁ। ସେଥିରେ ୧ ଚାମଚ ବେସନ, ୧ ଚାମଚ କିୱି ପଲ୍ପ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୧୦ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏହି ପ୍ୟାକ୍ ଲଗାଇଲେ ଧୀରେ ଧୀରେ ତ୍ୱଚାରୁ ସମସ୍ତ ଦାଗ ଚାଲିଯିବ ଏବଂ ତ୍ୱଚା ଅଧିକ ସୁନ୍ଦର ଓ ଗ୍ଲୋଇଂ ଦେଖାଯିବ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୯/୨୦୨୫ Bhubaneswar, Tuesday, December 9/ 2025

# ବାରବାଟୀ ପ୍ରସ୍ତୁତ

**ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ ପାଇଁ ବାରବାଟୀ ପ୍ରସ୍ତୁତ। ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ ୫ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ଟି୨୦। ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚର ସାକ୍ଷୀ ରହିବ ଏହି ଐତିହାସିକ ଷ୍ଟାଡିୟମ...**



ବାରବାଟୀରେ ସୋମବାର ଅଭ୍ୟାସ ଅବସରରେ ଟିମ୍ ଇଣ୍ଡିଆ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର।

## ପରୀକ୍ଷାର କିଛି ଦିନ ପୂର୍ବରୁ ପଢ଼ା ଆରମ୍ଭ କରାଯାଏ ନାହିଁ




ଖବରଦାତା ସମ୍ମିଳନୀରେ ସୂର୍ଯ୍ୟକୁମାର ଯାଦବ।

କଟକ,୮।୧୨(ଅନାଦି କର)

ପରୀକ୍ଷାରେ ଭଲ କରିବା ପାଇଁ ଯେମିତି ବର୍ଷ ତମାମ ପଢ଼ାଯାଏ, ଆମେ ସେହିଭଳି ବର୍ଷ ସାରା ପ୍ରସ୍ତୁତି କରିଛୁ। ପରୀକ୍ଷା ପୂର୍ବରୁ ଯେମିତି ୪ ଦିନ ପଢ଼ିଲେ କିଛି ହେବ ନାହିଁ। ସେଭଳି ଆମେ ବିଶ୍ୱକପ୍ ଲାଗି ପ୍ରସ୍ତୁତ କରୁ ନାହୁଁ। ଗତ ବର୍ଷ ଟି୨୦ ବିଶ୍ୱକପ୍ ଜିତିବା ପରଠାରୁ ଆମେ ପ୍ରସ୍ତୁତି କରୁଛୁ। ସେବେଠାରୁ ଆମେ ନୂଆ ନୂଆ ଖେଳାଳିଙ୍କୁ ଟ୍ରାଏ କରୁଛୁ ଏବଂ ସବୁକିଛି ଆମ ସପକ୍ଷରେ ଯାଇଛି। ଭାରତୀୟ ଟି୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଭଳି କହିଛନ୍ତି।

ମୋ ମତରେ ଆମେ ଖେଳିଥିବା ଗତ ୫ରୁ ୬ ସିରିଜ୍‌ରେ ଭଲ ପ୍ରଦର୍ଶନ କରିଛୁ। ଆମେ ପ୍ରାୟ ସମାନ କମ୍ବିନେଶନ ସହ ପ୍ରତ୍ୟେକ ମ୍ୟାଚ୍ ଖେଳି ଜିତିଛୁ। ଆମେ ନିର୍ଦ୍ଦିଷ୍ଟ ଭାବେ ଏହି ସିରିଜ୍ ଲାଗି ଅଧିକ କିଛି ପରିବର୍ତ୍ତନ କରି ନାହୁଁ। ସବୁ କିଛି ଠିକ ଚାଲିଛି। ଏଣୁ ଆମେ ସେହିଭଳି ଖେଳିବାକୁ ଚାହୁଁ। ଦଳରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଅଲରାଉଣ୍ଡଙ୍କ ଉପସ୍ଥିତି ସହାୟତା ହେବ। କାରଣ ସେ ନୂଆ ବଲରେ ଏବଂ ଡେଥ ଓଭରରେ ମଧ୍ୟ ବୋଲିଂ କରନ୍ତି। ତାଙ୍କ ଉପସ୍ଥିତି ଦଳକୁ ସନ୍ତୁଳନ ପ୍ରଦାନ କରିବା ସହ ଆମ ପାଇଁ ଅନେକ କମ୍ବିନେଶନ ବ୍ୟବହାର କରିବା ଲାଗି ବାଟ ଖୋଲିଦିଏ। ମୋ ମତରେ ତାଙ୍କ ଅଭିଜ୍ଞତା ଆମ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। କାରଣ ସେ ଆଇସିସି ଇଭେଣ୍ଟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରନ୍ତି ବୋଲି ଟିମ୍ କମ୍ବିନେଶନ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସୂର୍ଯ୍ୟ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟ ଦଳର ଅନ୍ୟ ଖେଳାଳିଙ୍କଠାରୁ ଆଗୁଆ ଆସିଥିବା ହାର୍ଦ୍ଦିକ ରବିବାର ସନ୍ଧ୍ୟାରେ ବାରବାଟୀରେ ପ୍ରାକ୍ଟିସ କରିଥିଲେ। ଏଣୁ ସୋମବାର ଦଳର ଅପ୍ସନାଲ ପ୍ରାକ୍ଟିସରେ ଭାଗ ନେଇ ନ ଥିଲେ। ଏତଦ୍ ବ୍ୟତୀତ ଦଳରୁ ବାଦ୍ ପଡ଼ିଥିବା ରିଙ୍କୁ ସିଂଙ୍କୁ ଶିବମ ଦୁବେଙ୍କ ସହ ତୁଳନା କରାଯିବା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ଦୁବେ ଜଣେ ଅଲରାଉଣ୍ଡର। ଏଣୁ ତାଙ୍କୁ ଓ ହାର୍ଦ୍ଦିକଙ୍କୁ ଅନ୍ୟ ଖେଳାଳିଙ୍କ ସହ ତୁଳନା କରାଯିବା ଉଚିତ ନୁହେଁ। ସବୁଠୁ ବଡ଼ କଥା ହେଲା ଯେ, ଆମ ଦଳର ୩ରୁ ୭-ନଂ ପର୍ଯ୍ୟନ୍ତ ବ୍ୟାଟର ଯେକୌଣସି ପୋଜିଶନରେ ବ୍ୟାଟିଂ କରିବାକୁ ଦକ୍ଷ। ବ୍ୟାଟିଂ ଲାଇନ୍‌ରେ ଓପନରଙ୍କୁ ଛାଡ଼ି ଦେଲେ ଅନ୍ୟ ବ୍ୟାଟରଙ୍କ ଲାଗି କୌଣସି ନିର୍ଦ୍ଦିଷ୍ଟ ପୋଜିଶନ ନାହିଁ। ମ୍ୟାଚ୍‌ର ପରିସ୍ଥିତିକୁ ଦେଖି ସେମାନଙ୍କ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ କରାଯିବ। ଉଦାହରଣ ସ୍ୱରୂପ, ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ରେ ଦୁବେ ନଂ-୩ ପୋଜିଶନକୁ ପ୍ରମୋଟ କରାଯାଇଥିଲା।




ଶୁବମନ ଗିଲ୍, ଅକ୍ଷର ପଟେଲ, ଅଭିଷେକ ଶର୍ମା, ଶିବମ୍ ଦୁବେ ଓ ୱାଶିଂଟନ ସୁନ୍ଦରଙ୍କ ଅଭ୍ୟାସ।

# ଖେଳାଳିଙ୍କ ଅଭ୍ୟାସ ଦେଖିବାକୁ ଗ୍ୟାଲେରିରେ ଭିଡ଼

କଟକ,୮।୧୨(ଶିପ୍ରା ପ୍ରିୟଦର୍ଶିନୀ)

ବାରବାଟୀରେ ମଙ୍ଗଳବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ମ୍ୟାଚ୍ ଖେଳା ଯିବାକୁ ଥିବାବେଳେ ଏହାକୁ ନେଇ ଓଡ଼ିଶାର ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି। ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟା.୫୦ରେ ଭାରତୀୟ ଦଳ ନେଟ୍ ପ୍ରାକ୍ଟିସ ଲାଗି ପହଞ୍ଚିଥିଲା। ପ୍ରିୟ ଖେଳାଳିଙ୍କୁ ଦେଖିବା ପାଇଁ ପ୍ରାୟ ୪ରୁ ୫୦୦୦ ଦର୍ଶକ ଷ୍ଟାଡିୟମରେ ପହଞ୍ଚିଥିଲେ। ଅପରାହ୍ନ ପ୍ରାୟ ୪ଟା ୩୦ ସୁଦ୍ଧା ଦକ୍ଷିଣ ଆଫ୍ରିକା ଦଳ ବାରବାଟୀରେ ପହଞ୍ଚି ଫ୍ଲଡ୍ ଲାଇଟ୍ସରେ ନେଟ୍ସ ପ୍ରାକ୍ଟିସ କରିଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ନେଟ୍ସ ଦେଖିବା ପାଇଁ ଦର୍ଶକଙ୍କ ନିମନ୍ତେ ପ୍ରଥମେ ୬ ଓ ୭ ନଂ ଗ୍ୟାଲେରିକୁ ଖୋଲା ଯାଇଥିଲା। ପରେ ଦର୍ଶକଙ୍କ ସଂଖ୍ୟା ବଢ଼ିବାରୁ ୧ ଓ ୨ ନଂ ଗ୍ୟାଲେରିକୁ ମଧ ଖୋଲିବାକୁ ପଡିଥିଲା। ଶୀତୁଆ ସନ୍ଧ୍ୟାରେ ଗ୍ୟାଲେରିଗୁଡିକ ଲୋକାରଣ୍ୟ ହୋଇ ଉଠିଥିଲା। ଖେଳାଳିମାନେ ପଡ଼ିଆରେ ପ୍ରବେଶ କରୁଥିବା ବେଳେ ଦର୍ଶକମାନେ କୋଳାହଳ ମାଧ୍ୟମରେ ସେମାନଙ୍କୁ ସ୍ୱାଗତ କରିଥିଲେ। ଅଧିକ ସଂଖ୍ୟକ ଦର୍ଶକଙ୍କୁ ଦେଖି ଖେଳାଳିମାନେ ମଧ ଉତ୍ସାହିତ ହୋଇଥିଲେ। ଅଭ୍ୟାସ ପରେ ଖେଳାଳିମାନେ ଗ୍ରାଉଣ୍ଡରୁ ଫେରୁଥିବା ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ହାତରେ ମହାପ୍ରଭୁ ଜଗନ୍ନାଥଙ୍କ ଫଟୋ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଅଭ୍ୟାସ ବେଳେ ଗ୍ରାଉଣ୍ଡରେ ନିଯୁକ୍ତ ଥିବା ଜଣେ କର୍ମଚାରୀ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ଷ୍ଟ୍ରେଚର ଯୋଗେ ଗ୍ରାଉଣ୍ଡରୁ ବାହାରକୁ ନିଆଯାଇଥିଲା।

### କଏନ, ଚାର୍ଜର, ପାଣି ବୋତଲ ମନା

ମଙ୍ଗଳବାର ସନ୍ଧ୍ୟା ୭ଟାରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଆରମ୍ଭ ହେବାକୁ ଥିବାବେଳେ ପ୍ରାୟ ୩ ରୁ ୪ ଘଣ୍ଟା ପୂର୍ବରୁ ଦର୍ଶକଙ୍କୁ ଷ୍ଟାଡିୟମ ପରିସରରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ। ମ୍ୟାଚପାଇଁ ଦର୍ଶକଙ୍କଲାଗି ବାରଣ କରାଯାଇଥିବା ସାମଗ୍ରୀ ମଧ୍ୟରେ କଏନ, ମୋବାଇଲ ଚାର୍ଜର, ପାଣି ବୋତଲ ଆଦି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସାମିଲ ରହିଛି।

ସାଧାରଣ ଦର୍ଶକଙ୍କ ପାଇଁ ଷ୍ଟାଡିୟମର ପ୍ରତ୍ୟେକ ଗ୍ୟାଲେରିରେ ପିଇବା ପାଣିର ବ୍ୟବସ୍ଥା କରାଯାଇଛି।

### ଉପସ୍ଥିତ ରହିବେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ସେହିପରି ମ୍ୟାଚ୍‌ରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ଏଥିସହିତ ବାରବାଟୀରେ ପ୍ରଥମକରି ମ୍ୟାଚ୍ ପୂର୍ବରୁ ଓ ମଧ୍ୟାନ୍ତରରେ ଡିଏମ୍‌ଏକ୍ସ ଶୋ (ଲାଇଟ୍ ଶୋ) କରାଯିବ। ସେହିପରି ଯେଉଁ ଦର୍ଶକ ଷ୍ଟାଡିୟମ ପରିସରକୁ ଆସି ମ୍ୟାଚ୍ ଦେଖିବାରୁ ବଞ୍ଚିତ ରହିବେ, ସେମାନଙ୍କ ପାଇଁ ଖାସ୍ କରି ଉପର ଓ ତଳ ବାଲିଯାତ୍ରା ପଡ଼ିଆ ସହ ଇନଡୋର ଷ୍ଟାଡିୟମରେ ଫ୍ୟାନ୍ ପାର୍କର ବ୍ୟବସ୍ଥା କରାଯାଇଛି। ଏଠାରେ ଦର୍ଶକଙ୍କ ପାଇଁ ଏଲ୍ଇଡି ସ୍କ୍ରିନର ବ୍ୟବସ୍ଥା କରାଯାଇଛି।

# ଆମେ ଏଣ୍ଟରଟେନିଂ କ୍ରିକେଟ ଖେଳିବୁ: ମାରକ୍ରମ

କଟକ,୮।୧୨(ଅନାଦି କର)

ଗତ ଟି୨୦ ବିଶ୍ୱକପ୍ ଫାଇନାଲରେ ଭାରତଠାରୁ ପରାଜିତ ହୋଇ ରନର ଅପ୍ ହୋଇଥିବା ଦକ୍ଷିଣ ଆଫ୍ରିକା ଦଳ ଏଡେନ ମାରକ୍ରାମଙ୍କ ନେତୃତ୍ୱରେ ଅତ୍ୟଧିକ ଆଟାକିଂ କ୍ରିକେଟ ଖେଳି ଆସୁଛି। ଏହା ଦର୍ଶକଙ୍କୁ ଏଣ୍ଟରଟେନ କରୁଥିବା ବେଳେ ଏହି ଆପ୍ରୋଚ ଦକ୍ଷିଣ ଆଫ୍ରିକା ଲାଗି ଫଳପ୍ରଦ ସାବ୍ୟସ୍ତ ହୋଇ ନାହିଁ। ଏହି ଦଳ ଟି୨୦ ବିଶ୍ୱକପ୍ ପରଠାରୁ ବିଭିନ୍ନ ଦ୍ୱିପାକ୍ଷୀକ ଟି୨୦ ସିରିଜ୍‌ରେ ପରାଜିତ ହୋଇଛି। ଏହାସତ୍ତ୍ୱେ ବାରବାଟୀରେ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଯାଉଥିବା ସିରିଜ୍ ଲାଗି ଭ୍ରମଣକାରୀ ଦଳ ତା'ର ଆଟାକିଂ ଆପ୍ରୋଚରେ କୌଣସି ପରିବର୍ତ୍ତନ କରିବ ନାହିଁ। ଏ ନେଇ ଦକ୍ଷିଣ ଆଫ୍ରିକା ଦଳର ପ୍ରାକ୍ଟିସ ପୂର୍ବରୁ ଅଧିନାୟକ ଏଡେନ ମାରକ୍ରମ ସ୍ପଷ୍ଟ କରିଛନ୍ତି।

ଆମେ ଯୋଜନାରେ କୌଣସି ପରିବର୍ତ୍ତନ କରିନାହୁଁ। ଏହା ଟି୨୦ କ୍ରିକେଟ, ଯାହାକି ଏଣ୍ଟରଟେନିଂ ଫର୍ମାଟ। ଆମେ ସେହି ବ୍ରାଣ୍ଡର ଖେଳ ପ୍ରଦର୍ଶନ କରିବାକୁ ଚାହୁଁ। ଆମେ ଚାହୁଁ, ଆମ ଖେଳାଳି ଭୟମୁକ୍ତ ହୋଇ ନିଜ ଖେଳକୁ ଏଞ୍ଜୟ କରନ୍ତୁ ବୋଲି ମାରକ୍ରମ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏତଦ୍ ବ୍ୟତୀତ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଆନରିଚ ନର୍କିଆଙ୍କ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ୧୪୦ରୁ ଊର୍ଦ୍ଧ୍ୱ ଗତିରେ ବୋଲିଂ କରିପାରୁଥିବା ନର୍କିଆଙ୍କ ଭଳି ବୋଲର ଫେରିବା ଦ୍ୱାରା ଦଳର ଶକ୍ତି ବୃଦ୍ଧି ପାଇଛି। ତାଙ୍କ ଇଞ୍ଜୁରି ଯୋଗୁ ଆମ ପାଖରେ ଫାଷ୍ଟ ବୋଲିଂ ବିକଳ୍ପ ବୃଦ୍ଧି ପାଇଛି। ଅନ୍ତିମ ଥର ଟି୨୦ ବିଶ୍ୱକପ୍ ଫାଇନାଲ ଖେଳିଥିବା ନର୍କିଆ ଦଳକୁ ଫେରୁଥିବାରୁ ନିଶ୍ଚିତ ଭାବେ ଉତ୍ସାହିତ ଥିବେ ଏବଂ ମୁଁ ନିଶ୍ଚିତ ଯେ, ସେ ନିଜର ଶତ ପ୍ରତିଶତ ଦେବେ।

### ଅଭିଷେକଙ୍କ ଉଇକେଟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ

ମୁଁ ଅଭିଷେକଙ୍କ ସହ ଆଇପିଏଲ୍‌ରେ ସନରାଇଜର୍ସ ହାଇଦ୍ରାବାଦ୍ ପାଇଁ ଖେଳିଛି। ସେ ଖୁବ ଭଲ ଓ ଭୟମୁକ୍ତ ଖେଳାଳି। ସେ ପ୍ରଥମ ବଲରୁ ପ୍ରତିପକ୍ଷ ଦଳ ଉପରେ ଚାପ ପକାନ୍ତି। ଏଣୁ ତାଙ୍କ ଉଇକେଟ ଆମ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। ଏଥିରେ କିଛି ଦ୍ୱନ୍ଦ୍ୱ ନାହିଁ। ଏବେ ଆଗକୁ ଆସୁଥିବା ନୂଆ ପିଢ଼ିର ଖେଳାଳିମାନେ ଆରମ୍ଭରୁ ବଡ଼ ବଡ଼ ଶଟ୍ ଖେଳିବାକୁ ଚାହାଁନ୍ତି। କାରଣ ଏହା ଏଣ୍ଟରଟେନମେଣ୍ଟ ଯୋଗାଏ ଏବଂ ଏହା ଦ୍ୱାରା ସେମାନଙ୍କ ଲାଗି ବିଭିନ୍ନ ଲିଗ୍‌ରେ ଖେଳିବାର ବାଟ ଫିଟିଯାଏ। ବର୍ତ୍ତମାନ ଟି୨୦ କ୍ରିକେଟ ସେହି ଦିଗରେ ଆଗକୁ ଯାଉଛି ବୋଲି ଅଭିଷେକଙ୍କ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ମାରକ୍ରାମ କହିଛନ୍ତି। ୨୫ ବର୍ଷୀୟ ଅଭିଷେକ ଗତ ଏକ ବର୍ଷ ମଧ୍ୟରେ ନିଜକୁ ଜଣେ ବିସ୍ଫୋରକ ଓପନର ଭାବେ ପ୍ରତିଷ୍ଠିତ କରାଇଛନ୍ତି। ସେ ଗତ ଟି୨୦ ଏସିଆ କପ୍ ଓ ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜ୍‌ରେ ସର୍ବାଧିକ ରନ ସ୍କୋର କରିଥିଲେ। ଏପରିକି ଜାତୀୟ ଦଳଠାରୁ ଦୂରରେ ଥିଲା ବେଳେ ପଞ୍ଜାବ ପାଇଁ ସୟଦ ମୁସ୍ତାକ ଅଲୀ ଘରୋଇ ଟି୨୦ ପ୍ରତିଯୋଗିତାରେ ସେ ୬ ମ୍ୟାଚ୍‌ରେ ୫୦ରୁ ଊର୍ଦ୍ଧ୍ୱ ଆଭରେଜ ୨୪୯.୧୮ ଷ୍ଟ୍ରାଇକ୍‌ରେଟ୍‌ରେ ୩୦୪ ରନ କରିଛନ୍ତି।



ନେଟ୍ସରେ ନିଜ ପାଳିକୁ ଅପେକ୍ଷା କରିଛନ୍ତି ଦକ୍ଷିଣ ଆଫ୍ରିକାର ଡେଭିଡ ମିଲର।



ଏଡେନ ମାରକ୍ରମଙ୍କ ବୋଲିଂ ଅଭ୍ୟାସ।



ଭାରତ ଓ ଦକ୍ଷିଣ ଆଫ୍ରିକା ନେଟ୍ ପ୍ରାକ୍ଟିସ ଦେଖିବାକୁ ସୋମବାର ଗ୍ୟାଲେରିରେ ଦର୍ଶକଙ୍କ ଭିଡ଼। (ଫଟୋ ରାଜକିଶୋର ମହାନ୍ତି)

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ